

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୫୬ ● ୩ ଜୁଲାଇ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-156 ● 3rd July 2024, Wednesday ● Bhubaneswar
Licensed to post without pre-payment of postage No- BN-60/22-24




# ସତ୍‌ସଙ୍ଗରେ ଦଳାଚକଟା: ୧୩୦ ମୃତ

**ଲକ୍ଷ୍ନୌ, ୨।୭**

ଉତ୍ତରପ୍ରଦେଶର ହାଥରସରେ ମଙ୍ଗଳବାର ଏକ ବଡ଼ ଅଘଟଣ ଘଟିଛି। ରତିଭାନପୁର ଗ୍ରାମରେ ଭୋଲେ ବାବାଙ୍କ ସତସଙ୍ଗର ଉଦ୍‌ଯାପନୀ ସମାରୋହରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ହଠାତ ଦଳାଚକଟା ଆରମ୍ଭ ହୋଇଥିଲା । ଏହି ଅଘଟଣରେ ୧୩୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ଏଟା ସିଏମଓ ଉମେଶ ତ୍ରିପାଠୀ ନିଶ୍ଚିତ କରିଛନ୍ତି। ତେବେ ବେସରକାରୀ ଭାବେ ମୃତ୍ୟୁ ସଂଖ୍ୟା ଅଧିକ ହେବ ବୋଲି କୁହାଯାଉଛି । ସେହିପରି ଆହତଙ୍କ ସଂଖ୍ୟା ମଧ୍ୟ ସରକାରୀ ରିପୋର୍ଟଠାରୁ ଅଧିକ ହୋଇଥିବା କୁହାଯାଉଛି । ଘଟଣାର ତଦନ୍ତ ଜାରି ରହିଛି ବୋଲି ଡିଏମ ଆଶିଷ କୁମାର କହିଛନ୍ତି।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣା ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଡିଜି ଆଗ୍ରା ଏବଂ ଆଲିଗଡର କମିଶନରଙ୍କ ଅଧକ୍ଷତାରେ ଏକ ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଛି । ମୃତକଙ୍କ ମଧ୍ୟରେ ଅଧିକ ମହିଳା ଓ ଶିଶୁ ଅଛନ୍ତି ବୋଲି କୁହାଯାଉଛି। ଅନେକ ଲୋକ ଆହତ ହୋଇ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।



ଅତ୍ୟଧିକ ଉତ୍ତାପ ଯୋଗୁ ଦଳାଚକଟା ହୋଇଥିବା ଆଶଙ୍କା କରାଯାଉଛି। ସୂଚନାନୁସାରେ, ପୋଲିସ ଦଳ ଏବଂ ପ୍ରଶାସନିକ ଅଧିକାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଆହତ ମହିଳା, ଶିଶୁ ଏବଂ ପୁରୁଷଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଏଟା, ଆଲିଗଡ, ସିକନ୍ଦରାରାଉ ଡାକ୍ତରଖାନାକୁ ନିଆଯାଇଛି। ପେଣ୍ଡାଲରେ ଅତ୍ୟଧିକ ଉତ୍ତାପ ଏବଂ ଆର୍ଦ୍ରତା ଯୋଗୁ ଏଭଳି ଘଟିଥିବା କୁହାଯାଉଛି।

ବିଳମ୍ବରେ ପୋଲିସ ପ୍ରଶାସନ ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ଯଦିଓ ଦାୟିତ୍ୱରେ ଥିବା ଲକ୍ଷ୍ନୌର କୌଣସି ପ୍ରମୁଖ ଅଧିକାରୀ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହାନ୍ତି । ସିଏମଓ କହିଛନ୍ତି ମୃତଦେହଗୁଡ଼ିକ ଡାକ୍ତରଖାନାରେ ପହଞ୍ଚିଛି। (ପୃଷ୍ଠା ୭ରେ)

# ରଥଯାତ୍ରାର ତ୍ରୁଟିଶୂନ୍ୟ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ




**ପୁରୀ, ୨।୭ : ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ପୁରୀ ଟାଉନ ହଲଠାରେ ରଥଯାତ୍ରା ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରି ରଥଯାତ୍ରାର ସୁପରିଚାଳନା ପାଇଁ ସମସ୍ତ ସେବାୟତଗଣ, ପ୍ରଶାସନ, ବିଭିନ୍ନ ସାମାଜିକ ସଂଗଠନ ଓ ସ୍ଥାନୀୟ ଲୋକମାନଙ୍କର ସହଯୋଗ କାମନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥଙ୍କ ମୂଳ ସେବକ ହେଉଛନ୍ତି ଆଦିବାସୀ। ଜଣେ ଆଦିବାସୀ ଭାବେ ମୁଁ ନିଜକୁ ଜଗନ୍ନାଥଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିଛି।

ସେ ପୁଣି କହିଲେ ଯେ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପରିଚୟ। ତାଙ୍କ ରଥଯାତ୍ରା ସାରା ବିଶ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଓ ଆଧ୍ୟାତ୍ମିକ ପର୍ବ। ଏହାର ସୁପରିଚାଳନା ଆମ ସମସ୍ତଙ୍କ ଦାୟିତ୍ୱ। ତେଣୁ ସମସ୍ତେ ଦାୟିତ୍ୱବାନ ହୋଇ ଏହାକୁ ଅତ୍ୟନ୍ତ ନିଷ୍ଠା ସହକାରେ ସୂଚାରୁରୂପେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ।

ଯେହେତୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସିବେ ସମସ୍ତଙ୍କ ମିଳିତ ସହଯୋଗରେ ରଥଯାତ୍ରା ସୁରୁଖୁରରେ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ପୁରୀର ଜନସାଧାରଣ, ମହାପ୍ରଭୁଙ୍କ ସେବାୟତ, ପ୍ରଶାସନ, ପୁଲିସ ସମସ୍ତେ ସେବା ଓ ସମର୍ପଣ ମନୋଭାବ, ମହାପ୍ରଭୁଙ୍କ ଏ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରି ସଫଳ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ। (ପୃଷ୍ଠା ୭ରେ)

# ସର୍ବନିମ୍ନ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ ସରକାରୀ ଭତ୍ତା: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



**ଭୁବନେଶ୍ୱର, ୨।୭**
**ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ବର୍ଗରେ ଲୋକଙ୍କୁ ମିଳୁଥିବା ସରକାରୀ ଭତ୍ତା ପରିମାଣ ବୃଦ୍ଧି ପାଇବ। ଏହି ଭତ୍ତା ଟଙ୍କାକୁ ସର୍ବନିମ୍ନ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ। ଏନେଇ ଘୋଷଣା କରିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତାକୁ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ। ଏ ସମ୍ପର୍କରେ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଅର୍ଥ ବିଭାଗ ସହ ବିସ୍ତୃତ ଆଲୋଚନା ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ, ବିଭିନ୍ନ ବର୍ଗର ଭତ୍ତା ବଢାଇବାକୁ ସରକାର ଚିନ୍ତା କରୁଛନ୍ତି। ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଏନେଇ ସହ ଆଲୋଚନା ଜାରି ରହିଛି। ଆଲୋଚନା ପରେ କେଉଁ ବର୍ଗର ଭତ୍ତାକୁ ବୃଦ୍ଧି (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ହିନ୍ଦୁମାନଙ୍କୁ ବଦନାମ କରିବାକୁ ଯୋଜନାବଦ୍ଧ ଭାବେ ମିଥ୍ୟା ପ୍ରଚାର କରାଯାଉଛି : ମୋଦି

**ଲକ୍ଷ୍ନୌ, ୨।୭**

କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଦେଇଥିବା ହିନ୍ଦୁ ବିରୋଧୀ ମନ୍ତବ୍ୟର ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଲୋକସଭାରେ ସେ କହିଛନ୍ତି ଯେ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ କଂଗ୍ରେସ ଓ ତାହାର ସହଯୋଗୀ ଦଳମାନେ ହିନ୍ଦୁମାନଙ୍କ ବିରୋଧରେ ଚକ୍ରାନ୍ତ କରୁଛନ୍ତି।

ସେ କହିଛନ୍ତି, ୧୩୧ ବର୍ଷ ପୂର୍ବେ ଚିକାଗୋରେ ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ ସହିଷ୍ଣୁତା ଶିଖାଇଥିବା ଏକ ଧର୍ମର ହୋଇଥିବାରୁ ମୁଁ ଗର୍ବିତ। ହିନ୍ଦୁମାନଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ଏହା ଏକ ଗମ୍ଭୀର ବିଷୟ। ହିନ୍ଦୁମାନେ ହିଂସାତ୍ମକ ବୋଲି କହିବା ଆପଣଙ୍କ ସଂସ୍କୃତି । ଏହି ଦେଶ କେବେ ବି ଭୁଲିପାରିବ ନାହିଁ ।



ଲୋକସଭାରେ ହଙ୍ଗାମା ଉପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ କଂଗ୍ରେସ ଭୁଲ ଉଦ୍ଦେଶ୍ୟରେ ଦେଶରେ ମିଛ ପ୍ରଚାର କରୁଛି, ଯାହାକୁ ଗମ୍ଭୀରତାର ସହ ନିଆଯିବା ଉଚିତ କାରଣ ସେମାନଙ୍କ ଉଦ୍ଦେଶ୍ୟ ଠିକ ନୁହେଁ । ପରେ ସେମାନେ ହଙ୍ଗାମା କରି ଏହାକୁ ଲୁଚାଇବାକୁ ଚେଷ୍ଟା କରିଥିଲେ। ଏହା ଉପରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଏହାକୁ ବାଳକ ବୁଦ୍ଧି କହି ଆଉ ଅଣଦେଖା କରାଯାଇପାରିବ ନାହିଁ।

ଭାରତୀୟ ସେନାକୁ ଆଧୁନିକ ଯୁଦ୍ଧ ପାଇଁ ପ୍ରସ୍ତୁତ କରିବାକୁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଦେଶରେ ସିଡିଏସ ବ୍ୟବସ୍ଥା ଲାଗୁ ହେବା ପରେ ଏବେ ଥିଏଟର କମାଣ୍ଡ ନିର୍ମାଣ ପାଇଁ କାର୍ଯ୍ୟ (ପୃଷ୍ଠା ୭ରେ)

# ପୁଲିସ ଡିଜିଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ: ସୁରକ୍ଷା କବଚରେ ରହିବ ପୁରୀ

**ପୁରୀ, ୨।୭ : ନ୍ୟୁଜ୍ ବ୍ୟୁରୋ**

ଚଳିତବର୍ଷ ରାଷ୍ଟ୍ରପତି ପୁରୀକୁ ଆସି ରଥଯାତ୍ରା ଦେଖିବେ ।ଏତଦବ୍ୟତୀତ ଅନେକ ଭିଆଇପି ମଧ୍ୟ ଏଠାକୁ ଆସିବାର କାର୍ଯ୍ୟକ୍ରମ ରହିଛି । ରଥଯାତ୍ରା ସମୟରେ ସମଗ୍ର ପୁରୀ ସହରକୁ ସୁରକ୍ଷା କବଚ(ବ୍ଲାଙ୍କେଟ୍) ମଧ୍ୟରେ ରଖାଯିବ । ସେହିପରି ଜଳପଥ ପାଟ୍ରୋଲିଂ ପାଇଁ କୋଷ୍ଟଗାର୍ଡ ମଧ୍ୟ ନିୟୋଜିତ ରହିବେ। ଟ୍ରାଫିକ ନିୟନ୍ତ୍ରଣ ଓ ଭିଡ଼ ନିୟନ୍ତ୍ରଣ ପାଇଁ ଡ୍ରୋନ ବ୍ୟବହାର କରାଯିବ। ସୁରକ୍ଷା ପାଇଁ ବିଭିନ୍ନ ହୋଟେଲ ଏବଂ ଲଜିଂ ଆଦିକୁ ଯାଞ୍ଚ ମଧ୍ୟ କରାଯାଉଛି। ମଙ୍ଗଳବାର ଡିଜିପି ଅରୁଣ ଷଡଙ୍ଗୀଙ୍କ ଅଧକ୍ଷତାରେ ବରିଷ୍ଠ ଆଇପିଏସ ଅଫିସରମାନଙ୍କୁ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଡିଜି ଦେବଦତ୍ତ ସିଂହ, ଦୟାଳ ଗାଙ୍ଗୱାର, ଉମାଶଙ୍କର ଦାଶ, ସଞ୍ଜୟ କୁମାର, ଅନୁପ ସାହୁ, ଡା. ସାର୍ଥକ ଷଡଙ୍ଗୀ, ଡା. କେ. ବିଶାଳ ସିଂହ, ବାଟୁଲା ଗଙ୍ଗାଧର, ସତ୍ୟଜିତ ନାୟକ, ଯୁଗଳ କିଶୋର କୁମାର ବନୋଥ, ଆଇଜି ସଞ୍ଜୟ କୌଶଳ, ପୁରୀ ଏସ୍‌ପି ପିନାକ ମିଶ୍ର ପ୍ରମୁଖ ଯୋଗଦେଇ ରଥଯାତ୍ରା ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।




ସୂଚନାଯୋଗ୍ୟ ଯେ ଓଡ଼ିଶାର ଇତିହାସରେ ଚଳିତବର୍ଷ ପ୍ରଥମ ଥରପାଇଁ ରଥଯାତ୍ରାର ପ୍ରସ୍ତୁତିରେ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ଦୁଇ ଦିନ ଧରି ରଥଯାତ୍ରା ଏବଂ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୁଲିସ ପକ୍ଷରୁ ପ୍ରାୟ ୧୮୦ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ହେବେ ବୋଲି ସୂଚନା ଦିଆଯାଇଛି। ପୂର୍ବରୁ ଶ୍ରୀମନ୍ଦିର ଓ ତିନି ରଥକୁ ତିନି ଥାକିଆ ସୁରକ୍ଷା ବଳୟ ମଧ୍ୟରେ ରଖାଯାଉଥିବା ବେଳେ (ପୃଷ୍ଠା ୭ରେ)

# ରାଜ୍ୟରେ ଖୋଲିବ ବନ୍ଦ ହୋଇ ଅନ୍ୟ ସ୍କୁଲ ସହ ମିଶି ଯାଇଥିବା ସ୍କୁଲ, ଚାଲିଛି ତର୍ଜମା



**ଭୁବନେଶ୍ୱର, ୨।୭ : ନ୍ୟୁଜ୍ ବ୍ୟୁରୋ**

ପୁଣି ଖୋଲିବ ରାଜ୍ୟରେ ବନ୍ଦ ହୋଇ ଅନ୍ୟ ସ୍କୁଲ ସହ ମିଶି ଯାଇଥିବା ସ୍କୁଲ। ଛାତ୍ରଛାତ୍ରୀ ସଂଖ୍ୟା ଅଭାବରୁ ବନ୍ଦ କରି ଦିଆଯାଇଥିଲା ସ୍କୁଲ। ବର୍ତ୍ତମାନ ଏହାକୁ ନେଇ ପୁଣି ଥରେ ତର୍ଜମା ଆରମ୍ଭ ହୋଇଛି। ଯେଉଁଠାରେ ବହୁତ ଦୂର ଯିବାକୁ ପଡୁଛି ସେଠି ପୁଣି ଥରେ ସ୍କୁଲ ଖୋଲିବା (ପୃଷ୍ଠା ୭ରେ)

# ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ଚିଠି

# ବୁଧବାର ଲୋକସଭାରେ ନିଟ୍ ଉପରେ ବିତର୍କ ହେଉ

**ନୂଆଦିଲ୍ଲୀ, ୨।୭**

ବିରୋଧୀଦଳର ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ସରକାରଙ୍କୁ ବୁଧବାର ଦିନ ଲୋକସଭାରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍ ପ୍ରସଙ୍ଗରେ ବିତର୍କ କରିବାକୁ କହିଛନ୍ତି । ଶ୍ରୀ ଗାନ୍ଧୀ କହିଛନ୍ତି ଯେ ଜୁନ ୨୮ରେ ସଂସଦର ଉଭୟ ଗୃହରେ ନିଟ୍ ବିଷୟରେ ଆଲୋଚନା କରିବାକୁ ବିରୋଧୀଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଲୋକସଭା ବାଚସ୍ପତି ବିରୋଧୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେ ସରକାରଙ୍କ (ପୃଷ୍ଠା ୭ରେ)



# ପୋଲିସ ସହ ଗୁଳି ବିନିମୟ ୫ ମାଓବାଦୀ ନିହତ

**ମାଲକାନଗିରି, ୨।୭**
**ନ୍ୟୁଜ୍ ବ୍ୟୁରୋ**

ଛତିଶଗଡ଼ ନାରାୟଣପୁରରେ ପୋଲିସ ସହ ଗୁଳି ବିନିମୟରେ ମଙ୍ଗଳବାର ୫ ମାଓବାଦୀ ନିହତ ହୋଇଛନ୍ତି। ଛତିଶଗଡ଼ ନାରାୟଣପୁର ଜିଲା ଅବୁଝମାଡର ଘାମାଣ୍ଡି ଏବଂ କୁରେଭାଇ ଗ୍ରାମ ମଧ୍ୟରେ ଛତିଶଗଡ଼ର ୪ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ଏସ୍‌ଟିଏଫ୍, ଡିଆରଜି ଓ ସିଆରପିଏଫ ଯବାନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ଗତ ୩୦ ତାରିଖରୁ ତଲାସି ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ୨ ଦିନ ଧରି ଜାରି ରହିଥିବା ବେଳେ ମଙ୍ଗଳବାର ଜଙ୍ଗଲରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଯେଉଁଥିରେ ମାଓବାଦୀମାନେ ଯବାନଙ୍କୁ ଦେଖି (ପୃଷ୍ଠା ୭ରେ)

## ଏକାଳ ସେକାଳ



ଜଗା ଯାତରାରେ ଦୁଇ ଦିନ ଛୁଟି
ମିଳିଲା ଶୁଣିକି ଖୁସି
ସର୍କାରୀ ଆନନ୍ଦ କରିଥିବା ବେଳେ
ବୟସ୍କ ଦେଲେଣି ହସି
କାରଣ–ଭତ୍ତା ବୃଦ୍ଧି ହେବବେଶୀ
ଏସବୁ ଶୁଣିକି ବୃଦ୍ଧ ଯୁବରାଜ ଦଳ
ଲଗେଇ ଦେବେକି ଫାସୀ।

# ସିଜେଆଇ ଚନ୍ଦ୍ରଚୁଡଙ୍କ ଅଧକ୍ଷତାରେ ଗଠିତ ବେଞ୍ଚ କରିବ ନିଟ ସହ ଜଡ଼ିତ ସମସ୍ତ ମାମଲାର ଶୁଣାଣି



**ନୂଆଦିଲ୍ଲୀ, ୨।୭**

ନିଟ୍ ୟୁଜି ପେପର ଲିକ ବିବାଦକୁ ନେଇ ଏକ ବଡ ଅପଡେଟ ଆସିଛି। ନିଟ୍ ପରୀକ୍ଷା ସହ ଜଡିତ ସମସ୍ତ ମାମଲା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡଙ୍କ ନେତୃତ୍ୱରେ ଗଠିତ ଏକ ବେଞ୍ଚ ଦ୍ୱାରା ଶୁଣାଣି ହେବ। ଏହା ସହ ଜଡିତ ମାମଲାଗୁଡ଼ିକ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ଜୁଲାଇ ୮ରେ ହେବ । ବର୍ତ୍ତମାନ ପର୍ଯ୍ୟନ୍ତ ନିଟ୍-ୟୁଜି ସହ ଜଡିତ ମାମଲା ସୁପ୍ରିମକୋର୍ଟଙ୍କ ଅବକାଶ ବେଞ୍ଚ ଦ୍ୱାରା ଶୁଣାଣି ହେଉଥିଲା। ସମସ୍ତ ଆବେଦନ ଉପରେ ଶୁଣାଣି ପାଇଁ ବେଞ୍ଚ ଜୁଲାଇ ୮ସ୍ଥିର କରିଛି । ଏଥିସହ ଜୁଲାଇ ୬ରୁ ଆଡମିସନ ପାଇଁ କାଉନସେଲିଂ ପ୍ରକ୍ରିୟା ବନ୍ଦ କରିବାକୁ ମନା କରାଯାଇଛି।

ସୁପ୍ରିମକୋର୍ଟଙ୍କ ଡେଲି କଜ ତାଲିକା ଅନୁଯାୟୀ ଶିବାଙ୍ଗୀ ମିଶ୍ର ଏବଂ ଅନ୍ୟମାନଙ୍କ ବନାମ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଏବଂ ଅନ୍ୟମାନଙ୍କ ମାମଲା ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡଙ୍କ ନେତୃତ୍ୱରେ ଏକ ବେଞ୍ଚ ଦ୍ୱାରା ଶୁଣାଣି ହେବ। ଯେଉଁଥିରେ ଜଷ୍ଟିସ ଜେ.ବି ପାଦରିବାଲା ଏବଂ ଜଷ୍ଟିସ ମନୋଜ ମିଶ୍ର ମଧ୍ୟ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏହି ମାମଲାର ଶୁଣାଣି ଜୁଲାଇ ୮ରୁ ସକାଳ ୧୦ଟା ୩୦ରେ ଆରମ୍ଭ ହେବ।

ସୂଚନାଯୋଗ୍ୟ, ମେ ୫ରେ ନିଟ-ୟୁଜି ପରୀକ୍ଷା ଆୟୋଜନ (ପୃଷ୍ଠା ୭ରେ)

# ରାଷ୍ଟ୍ରପତିଙ୍କ ଗସ୍ତ ଅଞ୍ଚଳ ନୋ ଡ୍ରୋନ୍ ତଥା ନୋ ଫ୍ଲାଇଂ ଜୋନ୍ ଘୋଷିତ

**ଭୁବନେଶ୍ୱର, ୨।୭ : ନ୍ୟୁଜ୍ ବ୍ୟୁରୋ**

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଜୁଲାଇ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସେ ଭୁବନେଶ୍ୱର, ପୁରୀ ଏବଂ ଖୋର୍ଦ୍ଧା ଆଦି ଅଞ୍ଚଳ ଗସ୍ତ କରିବେ।

ସୁରକ୍ଷା ଦୃଷ୍ଟିରୁ ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତ ଏବଂ ରହଣି ଅଞ୍ଚଳକୁ ନୋ ଡ୍ରୋନ୍ ଜୋନ୍ ତଥା ନୋ ଫ୍ଲାଇଙ୍ଗ ଜୋନ୍ ଭାବେ ଘୋଷଣା କରାଯାଇଛି ବୋଲି ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ପକ୍ଷରୁ ସୂଚନା ଦିଆଯାଇଛି। ଏହାର କଡାକଡି ଅନୁପାଳନ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଏଥି



ସହିତ ସମସ୍ତ ଗଣମାଧ୍ୟମକ ଏବଂ ଜନସାଧାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩ ଜୁଲାଇ ୨୦୨୪ ବୁଧବାର





# ପ୍ରବଳ ବର୍ଷାରେ ରାସ୍ତାରେ ବୁଲିଲା କୁମ୍ଭୀର

**ମୁମ୍ବାଇ, ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ଦକ୍ଷିଣ ପଶ୍ଚିମ ମୌସୁମୀ ସାରା ଦେଶରେ ସକ୍ରିୟ ହୋଇପଡ଼ିଥିବା ବେଳେ ଦେଶର ପ୍ରତ୍ୟେକ ଭାଗରେ ଭାରି ବର୍ଷା ଲାଗି ରହିଛି । କିନ୍ତୁ ବର୍ଷା ବେଳେ ମହାରାଷ୍ଟ୍ରରେ ଏକ ଅଦ୍ଭୁତ ଘଟଣା ଦେଖିବାକୁ ମିଳିଛି । ମହାରାଷ୍ଟ୍ରର ଉପକୂଳ ରତ୍ନଗିରି ଜିଲ୍ଲାର ଏକ ରାସ୍ତା ଉପରେ କୁମ୍ଭୀର ଚାଲୁଥିବାର ଦେଖାଯାଇଛି । ପ୍ରବଳ ବର୍ଷା ପରେ କୁମ୍ଭୀରଟି ରାସ୍ତା ଉପରକୁ ଚାଲି ଆସିଥିବା କୁହାଯାଉଛି । କୁମ୍ଭୀରଟି ରାସ୍ତା ଉପରେ ଚାଲୁଥିଲା ବେଳେ ଜଣେ ଅଟୋ ଡ୍ରାଇଭର ଏହାର ଭିଡ଼ିଓକୁ କ୍ୟାମେରାରେ କଏଦ କରିଥିଲେ । ଯାହାକି ଏବେ ଭାଇରାଲ ହୋଇଛି । କୁମ୍ଭୀରଟି ନିକଟସ୍ଥ ଶିବ ନଦୀରୁ ଚାଲି ଆସିଥିବା ସନ୍ଦେହ କରାଯାଉଛି । ଗତ କିଛିଦିନ ହେବ ଚିଲପୁନ୍ ଏବଂ ରତ୍ନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବାରୁ ଏଠାକାର ବହୁ ନଦୀ ଜଳସ୍ତର ବୃଦ୍ଧି ପାଇଛି । ତେବେ କୁମ୍ଭୀର ରାସ୍ତାରେ ବୁଲିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ନବ ନିର୍ମିତ ଫ୍ଲାଏ ଓଭର୍ ବ୍ରିଜ୍‌ରେ ଗର୍ତ୍ତ:ବିପଦ ଆଶଙ୍କା

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ମଧ୍ୟ ଦେଇ ୨.୯ କିମି ବ୍ୟାପି ନବ ନିର୍ମିତ ଫ୍ଲାଏ ଓଭର ବ୍ରିଜ୍‌ଟି କାର୍ଯ୍ୟକ୍ଷମ ହେବାର ୩ ମାସ ମଧ୍ୟରେ ରାସ୍ତା ଉପରେ କଂକ୍ରିଟ ତଳେଇ ଉଠି ଏକ ଗର୍ତ୍ତ ସୃଷ୍ଟି ହେବା ଯୋଗୁଁ ଆକସ୍ମିକ ବିପଦକୁ ଆବାହନ କରୁଛି ବୋଲି କୁହାଯାଉଛି । ଏଠାରେ ପ୍ରକାଶ ଥାଉକି ପୂର୍ବତନ ସରକାରଙ୍କ ଅମଳରେ ରାଜ୍ୟ ରାଜକୋଷକୁ ବ୍ୟବହାର ନକରି ଜିଲ୍ଲାରେ ଗଚ୍ଛିତ ଥିବା ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍) ମଞ୍ଜୁରୀରେ ୪୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ବ୍ୟୟ ବରାଦ ହୋଇ ଏହି ଫ୍ଲାଏ ଓଭର ସେତୁଟି ନିର୍ମାଣ ହୋଇଥିଲା । ସର୍ଭିସ୍ ରୋଡ଼ ଏଯାଏ ସରିନି । ବହୁ ଆଡ଼ମ୍ବର ଲଘୁ କ୍ରିୟା ସଦୃଶ୍ୟ ୨୦୨୦ ଠାରୁ ୨୦୨୪ ପାଖାପାଖି ୪ ବର୍ଷ ସମୟ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା କମ୍ପାନୀ ମନମୁଖୀ ଭାବେ କାର୍ଯ୍ୟ କରିବା ଓ ଏଥିରେ ପ୍ରଶାସନ ନୀରବଦ୍ରଷ୍ଟା ସାଜି ଚୁପ୍ ରହିବା କେଉଁଠି ନା କେଉଁଠି ସନ୍ଦେହ ଘନୀଭୂତ ହେଉଥିବାର ଗୁଞ୍ଜରଣ ସୃଷ୍ଟି ହେଉଛି । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତତ୍କାଳୀନ ଚମ୍ପୁଆ ବିଧାୟିକା ତର ତର ଭାବେ ମାର୍ଚ୍ଚ ୧୧ରେ ଫ୍ଲାଏ ଓଭର ରୋଡ଼ ଉଦ୍ଘାଟନ କରି ଗାଡ଼ି ଚଳାଚଳ ପାଇଁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ସର୍ଭିସ ରୋଡ଼ ଓ ତତ୍ ସଂଲଗ୍ନ ସୁନା ନଦୀ ଉପରେ ଥିବା ସେତୁର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିଲା । କାର୍ଯ୍ୟକ୍ଷମର କିଛି ମାସ ବ୍ୟବଧାନରେ ଓଭର ବ୍ରିଜ୍ ଉପରେ ଗର୍ତ୍ତ ସୃଷ୍ଟି ହେବା ଏକ ନିମ୍ନମାନର କାର୍ଯ୍ୟ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ନିର୍ମାଣକାରୀ ସଂସ୍ଥା ଚେଭୋରେକ୍ସ କମ୍ପାନୀ ଫ୍ଲାଏ ଓଭର ରାସ୍ତାର ଅନୁଧ୍ୟାନ କରୁଛନ୍ତି । ଗୋଟିଏ ପଟେ ଠିକା ସଂସ୍ଥା କାର୍ଯ୍ୟ ସମାପ୍ତ କରି ସାଧାରଣ ବ୍ୟବହାର ପାଇଁ ସର୍ଭିସ ରୋଡ଼କୁ ହସ୍ତାନ୍ତର କରିନଥିବା ବେଳେ ଉପର ଫ୍ଲାଏ ଓଭର ବ୍ରିଜ୍‌ରେ ନିମ୍ନମାନର କାର୍ଯ୍ୟ ଯୋଗୁଁ କଂକ୍ରିଟ ଉଠି ଲୁହା ରଡ଼ ଦେଖାଯିବା ସହରବାସୀ ତଥା ସାଧାରଣ ଯାତ୍ରୀବାହୀ ଓ ଭାରିଯାନ ଚଳାଚଳ କ୍ଷେତ୍ରରେ ଆସୁ ବିପଦକୁ ସାମ୍ନା କରିବା ପରିସ୍ଥିତିକୁ ଏଡାଇ ଦିଆଯାଇ ନପାରେ ବୋଲି କୁହାଯାଉଛି ।

# ୭୫ ହଜାର ଚାଷୀ ମଣ୍ଡିରେ ରବିଧାନ ବିକିପାରିଲେନି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମଣ୍ଡିରେ ରବି ଧାନ ବିକ୍ରି ସମୟ ସରିଲା । ହେଲେ ରବିରେ ଧାନ ବିକିବାକୁ ପଞ୍ଜିକରଣ କରିଥିବା ୭୫ ହଜାର ଚାଷୀ ଏବେବି ମଣ୍ଡିରେ ଧାନ ବିକ୍ରି କରିପାରିନାହାନ୍ତି । ମଣ୍ଡିରେ ରବି ଧାନ ବିକ୍ରି କରିବା ପାଇଁ ମେ ୧ରୁ ସମୟ ଆରମ୍ଭ ହୋଇଥିଲା । ଯାହା ଜୁନ୍ ୩୦ ତାରିଖରେ ଶେଷ ହୋଇଯାଇଛି । ହେଲେ ରାଜ୍ୟରେ ପଞ୍ଜିକରଣ କରିଥିବା ୨ ଲକ୍ଷ ୭୧ ହଜାର ୧୫୬ ଚାଷୀଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ୯୬ ହଜାର ୧୪୪ ଜଣ ଧାନ ବିକ୍ରି କରିଛନ୍ତି । ଅପରପକ୍ଷେ ରାଜ୍ୟରେ ନବଗଠିତ ସରକାର ଘୋଷଣା କରିଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଖରିଫ ବେଳୁ ଲାଗୁ ନକରି ରବି ଫସଲ ବେଳୁ ଲାଗୁ କରିବାକୁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଛି । ରବି ଧାନ ବିକ୍ରି ପାଇଁ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରୁ ସର୍ବାଧିକ ୮୪ ହଜାର ୫୩୫ ଜଣ ଚାଷୀ ପଞ୍ଜିକରଣ କରିଥିଲେ । ହେଲେ ସେଥିମଧ୍ୟରୁ ମାତ୍ର ୭୨ ହଜାର ୯୦୧ ଚାଷୀ ବିକ୍ରି କରିଛନ୍ତି । ସେହିପରି କଳାହାଣ୍ଡି ଜିଲ୍ଲାରେ ୫୧ ହଜାର ୪୯୯ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ୪୧ ହଜାର ୮୨୬ ଧାନ ବିକିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାରେ ୩୫ ହଜାର ୨୩୫ ଚାଷୀ ପଞ୍ଜିକରଣ କରିଥିଲେ ବି ୨୯ ହଜାର ୩୬୪ ଧାନ ବିକିଛନ୍ତି । ମୁଖ୍ୟତଃ ଏହି ୩ଟି ଜିଲ୍ଲାରେ ୧୦ ହଜାରରୁ ଅଧିକ ଲେଖାଏଁ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିନଥିବା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଫୁଡ଼୍ ଓଡ଼ିଶା ପୋର୍ଟାଲ୍‌ରେ ଉଲ୍ଲେଖ କରାଯାଇଛି । ସେହିପରି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏବେବି ବହୁ ମଣ୍ଡିରେ କଟ୍‌ନି ଛଟ୍‌ନି ହୋଇଥିବା ଅଭିଯୋଗ ହୋଇଛି । ଧାନ ବିକ୍ରିର ୪୮ ଘଣ୍ଟାରେ ଚାଷୀ ଟଙ୍କା ପାଇବାକୁ କୁହାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ । ଫଳରେ ଚାଷୀ ମଣ୍ଡିରେ ଧାନ ବିକ୍ରି ନକରି ବାହାରେ ବ୍ୟବସାୟୀଙ୍କୁ ବିକ୍ରି କରି ସଙ୍ଗେ ସଙ୍ଗେ ଟଙ୍କା ପାଇବାକୁ ଉଚିତ୍ ମନେ କରୁଛି । ତେଣୁ ଏତେ ସଂଖ୍ୟକ ଚାଷୀ ପଞ୍ଜିକରଣ ପରେ ବି ମଣ୍ଡିରେ ଧାନ ବିକ୍ରି କରିନଥିବା ସୂଚନା ମିଳୁଛି । ରାଜ୍ୟର କିଛି ମଣ୍ଡିରେ ମିଲର୍ ଓ ଯୋଗାଣ ଅଧିକାରୀଙ୍କ ଭିତିରି ସମ୍ପର୍କରୁ ବଳି ପଡୁଛନ୍ତି ଚାଷୀ । ସରକାର ନିର୍ଦ୍ଦେଶକୁ ଖାତିର୍ କରୁନାହାନ୍ତି ମିଲର । କେଉଁଠି ବସ୍ତା ପିଛା ୨ରୁ ୩ କିଲୋ କଟାଯାଉଛି ତ ଆଉ କେଉଁଠି ଅଧିକ କଟାଯାଉଛି । ଯାହା ମଣ୍ଡିରେ ଚାଷୀ ଧାନ ନ ବିକିବାର ଅନ୍ୟତମ କାରଣ ସାଜିଛି । ଅପରପକ୍ଷେ ରାଜ୍ୟର ବିଭିନ୍ନ ମଣ୍ଡିରେ ଏବେ ପାଖାପାଖି ୨ଶହଟି ପ୍ୟାଡି କ୍ଲିନର୍ ମେସିନ୍ ଲାଗିଛି । ଯେଉଁଠି ଏହି ମେସିନ୍ ଲାଗିଛି, ସେହି ମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି । ଧାନ ଓ ଅଗାଡ଼ି ସ୍ୱଷ୍ଟ ବାରି ହେଉଛି । ସେଠାରେ ଧାନ ବିକ୍ରିରେ କଟ୍‌ନି ଛଟ୍‌ନି ହେଉନଥିବା ଚାଷୀମାନେ କହୁଛନ୍ତି । ତେଣୁ ସାରା ରାଜ୍ୟରେ ଧାନ ବିକ୍ରି ବେଳେ ଚାଷୀଙ୍କ ପାଇଁ ମଣ୍ଡିରେ ପ୍ୟାଡି କ୍ଲିନର୍ ମେସିନ୍ ଲାଗୁ ବୋଲି ବାଲେଶ୍ୱର ଜିଲ୍ଲା ଓଡ଼ିଙ୍ଗୀ ପଞ୍ଚାୟତର ମାଲଡ଼ ଗ୍ରାମର ଚାଷୀ ଦାମୋଦର ନାୟକଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି ।

# ଗୋଟିଏ ପରିବାରର ୫ ଜଣଙ୍କ ଝୁଲନ୍ତା ଶବ ଉଦ୍ଧାର

**ଅଲିରାଜପୁର, ନ୍ୟୁଜ୍ ବ୍ୟୁରୋ**

ମଧ୍ୟପ୍ରଦେଶର ଅଲିରାଜପୁର ଜିଲ୍ଲାରେ ଗୋଟିଏ ପରିବାରର ୫ ସଦସ୍ୟଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି । ମୃତକଙ୍କ ମଧ୍ୟରେ ରହିଛନ୍ତି ପତି, ପତ୍ନୀ ଏବଂ ସେମାନଙ୍କର ତିନି ଶିଶୁ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ପୋଲିସର ସୂଚନା ଅନୁଯାୟୀ, ଅଲିରାଜପୁର ଜିଲ୍ଲାର ସୋଂଡବା ଥାନା ଅନ୍ତର୍ଗତ ଗୁନେରୀ ପଞ୍ଚାୟତ ଅନ୍ତର୍ଗତ ରାଉଡ଼ି ଗ୍ରାମର ଚାଷୀ ରାକେଶ ସିଂହ, ତାଙ୍କ ପତ୍ନୀ ଲଳିତା ଏବଂ ତାଙ୍କର ତିନି ଶିଶୁ (ଦୁଇ ପୁଅ, ଏକ ଝିଅ)ଙ୍କ ଶବ ଝୁଲନ୍ତା ଅବସ୍ଥାରେ ସୋମବାର ସକାଳେ ଘରେ ଦେଖିବାକୁ ମିଳିଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

# ୧୪୪ ଧାରା ଜାରି ସତ୍ତ୍ୱେ ଚାଲିଛି ଧାମନଗରରେ ବାଲି ଚୋରି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଜାରି ହୋଇଥିବା ୧୪୪ ଧାରାକୁ କେହି ମାନୁନଥିବା ଦେଖିବାକୁ ମିଳିଛି । ପୂର୍ବଭଳି ଯେମିତି ବାଲି ଚୋରି ହେଉଥିଲା, ଠିକ୍ ସେମିତି ଚୋରି ହେଉଛି । ଏଣୁ ଗାଡ଼ି ମାଲିକମାନେ ସମ୍ପୂର୍ଣ୍ଣ ବେପରୁଆ ହୋଇ ବାଲି ଚୋରି କରୁଥିବା ଦେଖିବାକୁ ମିଳିଛି । ଏବେବି ଧାମନଗର ତହସିଲ ସୋଧ ରାଜସ୍ୱ ମଣ୍ଡଳ ଅଧିନ ମାନଲାପୁର ଗାଁର ପ୍ଲଟ୍ ନମ୍ବର ୩୨୩, ୩୨୨ ଓ ୩୨୧ ଉପରେ ହୋଇଥିବା ବାଲି ଗଡ଼ା ବାଟେ ବୈତରଣୀରୁ ବାଲି ଚୋରି ହେଉଛି । ଠିକ୍ ସେମିତି ଆନନ୍ଦପୁର ମୌଜାର ୧୧୪୩ ପ୍ଲଟ୍‌ରେ ହୋଇଥିବା ଗଡ଼ାରେ ବାଲି ଉଠାଯାଉଛି । କେବଳ ଏତିକି ନୁହେଁ, ଆନନ୍ଦପୁର ମୌଜାର ୧୫୪୧ ନମ୍ବର ପ୍ଲଟ୍‌ରେ ମଧ୍ୟ ଗଡ଼ା କରି ସ୍ଥାନୀୟ ଗାଡ଼ି ମାଲିକ ବାଲି ଚୋରି କରୁଛନ୍ତି । ଉପଜିଲ୍ଲାପାଳ ଫେବୃୟାରୀ ୨୬ ତାରିଖରେ ଚିଠି ସଂଖ୍ୟା ୬୭୧/୨୪ରେ ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ବାଲିଘାଟରେ ୧୪୪ ଧାରା ଜାରି କରିଥିଲେ । ଏହି ନିର୍ଦ୍ଦେଶ ଆସିବା ପରେ ଧାମନଗର ତହସିଲ ପକ୍ଷରୁ ରେଭିନ୍ୟୁ ସୁପରଭାଇଜର ଧନେଶ୍ୱର ମାରାଣ୍ଡି ଓ ସୋଧ ରାଜସ୍ୱ ନିରୀକ୍ଷକ ଚୁଲବୁଲ ସିଂ ଆସି ଘାଟଗୁଡ଼ିକରୁ ସଂଯୋଗ କରୁଥିବା ଗଡ଼ାରେ ନାଲି ପତାକା ଲଗାଇ ଦେଇଗଲେ । ଗୁରୁବାର ଅର୍ଥାତ ଫେବୃୟାରୀ ୨୮ରେ ଦିନବେଳା ଆସି ନାଲି ପତାକା ପୋତିଦେଲେ । ଗଡ଼ାର ଦୁଇ ଧାରରେ ଦୁଇଟି ଲେଖାଏଁ ପତାକା ପୋତିଦେଲେ ହେଲେ ରାତିରେ ଗାଡ଼ି ମାଲିକ ଓ ବାଲି ଚୋରି କରୁଥିବା ଲୋକେ ଯାଇ ସେହି ପତାକାକୁ ରାସ୍ତାରୁ ଆଉ ଟିକିଏ ବାହାରକୁ ପୋତିଦେଲେ । ଏହାପରେ ଅନାୟସରେ ଗଡ଼ାରେ ଗଡ଼ି ବାଲି ଚୋରି କଲେ । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆନନ୍ଦପୁର ମୌଜାର ଖାତା ନମ୍ବର ୫୪୮ର ପ୍ଲଟ୍ ୬୩୯, ଉଡେଇପୁର ମୌଜାର ଖାତା ନମ୍ବର ୪୮୧/୪୭୯ର ପ୍ଲଟ୍ ନମ୍ବର ୭୧୬, ୬୯୨, ୧୩୯୭ ଉପରେ ୧୪୪ ଧାରା ଜାରି କରାଯାଇଥିଲା । ତେବେ ନାଲି ପତାକା ମାରି ଦୁଇ କର୍ମଚାରୀ କାମ ସାରିଦେଲେ । ଏପଟେ ରାତିରେ ବାଲି ମାଫିଆ ଓ ଗାଡ଼ି ମାଲିକମାନେ ବାଲି ଚୋରିରେ ଲାଗି ପଡ଼ିଲେ । ଅନ୍ୟପକ୍ଷରେ ଏନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ବାରମ୍ବାର ଦାବି ହେବାରୁ ଚାପରେ ଆସି ନାମକୁ ମାତ୍ର ୧୪୪ ଧାରା ଜାରି କରାଯାଇଛି । ପ୍ରକୃତରେ ଯେଉଁ ବାଟ ଦେଇ ବାଲି ଚୋରି ହେଉଛି, ସେହି ବାଟରେ ୧୪୪ ଧାରା ଜାରି ହୋଇନାହିଁ । ତା ବଦଳରେ ଅନ୍ୟ ପ୍ଲଟ୍ ଉପରେ ୧୪୪ ଲଗାଯାଇଛି । ଏଣୁ ବାଲି ଚୋର ଏହାକୁ ମାନୁ ନାହାନ୍ତି । ସମ୍ପୂର୍ଣ୍ଣ ଭାବେ ବାଲି ଚୋରି ରୋକିବାକୁ ହେଲେ ଯେତେବେଳେ ବାଲି ଗାଡ଼ି ଧରାପଡୁଛି ସେତେବେଳେ ନିୟମ ଅନୁସାରେ ସର୍ବାଧିକ ୫ ଲକ୍ଷ ଟଙ୍କାର ଫାଇନ୍ କରାଗଲେ, ବାଲି ଚୋରଙ୍କ ଭିତରେ ଭୟ ପଶିଯାଆନ୍ତା । ହେଲେ ପ୍ରଶାସନ ତାହା ନକରି ନାମକୁ ମାତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।



# କାର୍ ଦୁର୍ଘଟଣାରେ ୪ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରାଣିପଥର ଘାଟିରେ ଭାରସାମ୍ୟ ହରାଇ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ୪ଜଣ ଗୁରୁତର ଆହତ ହୋଇଛନ୍ତି । ବୌଦ୍ଧ-କନ୍ଧମାଳ ସୀମାନ୍ତ ରାଣିପଥର ଘାଟିରେ ଭାରସାମ୍ୟ ହରାଇ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ୪ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ବୌଦ୍ଧ ଜିଲ୍ଲା ବାଉଁସୁଣି ଅଞ୍ଚଳର ଧର୍ମୁ ମେହେରଙ୍କ ପରିବାରର ପ୍ରୀତି ମେହେର, ଗାୟତ୍ରୀ ମେହେର ଏବଂ ତନ୍ମୟ ମେହେର, ଏକ କାର୍ ଯୋଗେ କୌଣସି କାମରେ ଫୁଲବାଣୀ ଯାଇ ଫେରୁଥିବା ସମୟରେ କାର୍‌ଟି ଭାରସାମ୍ୟ ହରାଇ ରାଣିପଥର ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୪ଜଣ ଗୁରୁତର ଆହତଙ୍କୁ ସେଇ ରାସ୍ତା ଦେଇ ଆସୁଥିବା କିଛି ଲୋକ ଉଦ୍ଧାର କରି ବସ୍ ଯୋଗେ ଆଣି ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ଆହତ ମାନଙ୍କ ପ୍ରାଥମିକ ଚିକିତ୍ସା କରି ବୌଦ୍ଧ ମୁଖ୍ୟ ଡ଼ାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି ।

# ମା' କନକ ଦୁର୍ଗାମନ୍ଦିରରୁ ଚୋରି:ପୋଲିସ ପକ୍ଷରୁ ଛାନ୍‌ଭିନ୍ ଆରମ୍ଭ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଥାନା ଅନ୍ତର୍ଗତ ପିଟେଇପୁର ସ୍ଥିତ ମା' କନକଦୁର୍ଗାଙ୍କ ମନ୍ଦିରରୁ ଚୋରି ଅଭିଯୋଗ ହୋଇଛି । ମୁଖ୍ୟ ମନ୍ଦିର କବାଟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମା'ଙ୍କ ମଥାରୁ ରୁପା ମୁକୁଟ, ସୁନା ମଥାମଣି, ସୁନା ଚେନ୍, ଚିତା ଆଦି ଚୋରି କରି ନେଇଥିବାର ଜଣାଯାଇଛି । ପ୍ରାୟ ୪ କେଜିରୁ ଊର୍ଦ୍ଧ୍ୱ ରୁପା ଗହଣା ଓ ସୁନା ଅଳଙ୍କାର ୪ ଭରିରୁ ଊର୍ଦ୍ଧ୍ୱ ଚୋରିହୋଇଛି । ଖବରପାଇ ଜଗତସିଂହପୁର ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି । ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମୁଖ୍ୟ ମନ୍ଦିର କବାଟ ତାଲା ଭାଙ୍ଗି ମନ୍ଦିରରୁ ଚୋରି କରିଥିବାର ଜଣାଯାଇଛି । ସୋମବାର ସକାଳୁ ସେବାୟତମାନେ ମନ୍ଦିର ନିକଟରେ ପହଞ୍ଚି ତାଲା ଭଙ୍ଗା ଯାଇଥିବାର ଦେଖିବାପରେ ପୋଲିସକୁ ଖବର ଦେଇଥିଲେ । ଏ ସମ୍ପର୍କରେ ସେବାୟତ ମେମ୍ବର ନିରଞ୍ଜନ ନାୟକ ଏବଂ ମା'ଙ୍କ ପୂଜକ ରବୀନ୍ଦ୍ର ନାୟକ କହିଛନ୍ତି ଯେ ମା' କନକ ଦୁର୍ଗା ମନ୍ଦିରରୁ ଦୁଇଟି ଚାନ୍ଦି ମୁକୁଟ ଯାହାର ଓଜନ ୪ କେଜି ହେବ ସେହିପରି ମା'ଙ୍କ ଅଳଙ୍କାର ୪ଭରିରୁ ଊର୍ଦ୍ଧ୍ୱ ଜିନିଷ ଚୋରି ହୋଇଥିବା ପ୍ରକାଶ କରିଛନ୍ତି । ଏହି ଚୋରି ଘଟଣାରେ ସ୍ଥାନୀୟ ବାସିନ୍ଦା ସହ ବାହାର ଲୋକଙ୍କ ହାତ ଥିବା ସନ୍ଦେହ କରାଯାଉଛି । ଜଗତସିଂହପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିବା ସହିତ ଚୋରି ହୋଇଥିବା ଘଟଣାସ୍ଥଳରେ ସନ୍ଧାନୀ କୁକୁର ଅନୁସନ୍ଧାନ ଚଳାଇଛି । ପୋଲିସ ପକ୍ଷରୁ ସେ ଦିଗରେ ତଦନ୍ତ ଆରମ୍ଭ ଚଳାଇଛନ୍ତି । ସଦର ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ କହିଛନ୍ତି ତଦନ୍ତ ସମ୍ପୂର୍ଣ୍ଣ ସରିବାପରେ ସୂଚନା ଦିଆଯିବ ବୋଲି ଜଣାଇଛନ୍ତି ।

# ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା

**ଜଗନ୍ନାଥପ୍ରସାଦ, ନ୍ୟୁଜ୍ ବ୍ୟୁରୋ**

ଜଗନ୍ନାଥପ୍ରସାଦ ଥାନା କାଦୁଆ ପଞ୍ଚାୟତ ଅଧୀନ ଯୋଡ଼ାବନ୍ଧ ଗ୍ରାମର ଜଣେ ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା କରାଯାଇଛି । ମୃତକ ହେଲେ ଯୋଡ଼ାବନ୍ଧ ଗ୍ରାମର ଲଡୁ କିଶୋର ସାହୁଙ୍କ ପୁଅ ଚିତ୍ତରଞ୍ଜନ ସାହୁ (୪୩) । ହତ୍ୟା କରିବା ପରେ ଧାରୁଆ ଅସ୍ତ୍ରରେ ତାଙ୍କ ଯୌନାଙ୍ଗକୁ କାଟି ହାତରେ ଧରାଇ ଦିଆଯାଇଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ପୋଲିସ ଘଟଣାସ୍ଥଳରୁ ବ୍ଲେଡ୍, ଚପଲ ଏବଂ ମୋବାଇଲ୍ ଜବତ କରିଛି । ଚିତ୍ତରଞ୍ଜନ କିଛିଦିନ ହେବ ଜିରାବାଡ଼ି ଆଇଟିଆଇରେ ରୋଷେଇ କାମରେ ନିୟୋଜିତ ଥିଲେ । ତେବେ କିଏ ଓ କେଉଁ କାରଣରୁ ତାଙ୍କୁ ହତ୍ୟା କରିଛି ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ପୋଲିସ ସ୍ଥାନୀୟ ବଜାରରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି । ଏହି ଘଟଣାରେ ପୋଲିସ ଜଣକୁ ଅଟକ ରଖି ପଚରାଉଚରା କରୁଛି । ସୂଚନାନୁସାରେ, ଲଡୁକିଶୋର ସାହୁଙ୍କ ୩ ପୁଅ ମଧ୍ୟରୁ ଚିତ୍ତରଞ୍ଜନ ମଝିଆ ପୁଅ । ରବିବାର ନିଜ ଗ୍ରାମ ଛକରେ ଏକ ନୂଆ ଫାଷ୍ଟଫୁଡ଼ ଦୋକାନ ଖୋଲା ହେଉଥିବାରୁ ଦିନବେଳା ସେଠାରେ ସେ ଉପସ୍ଥିତ ଥିଲେ । କିନ୍ତୁ ସନ୍ଧ୍ୟା ପରଠାରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ଅପରପକ୍ଷେ ଘରେ ପହଞ୍ଚିବାରେ ବିଳମ୍ବ ହେବାରୁ ତାଙ୍କ ବଡ଼ଭାଇ ସୀମାଞ୍ଚଳ ଏବଂ ଜେଜେବାପା ଦଣ୍ଡପାଣି ସାହୁ ଯୋଡ଼ାବନ୍ଧ ଛକ ସମେତ ସାଙ୍ଗସାଥୀ ଏବଂ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । କିନ୍ତୁ ତାଙ୍କର ଖୋଜ୍‌ଖବର ମିଳିନଥିଲା । ତେବେ ସୋମବାର ସକାଳୁ ଯୋଡ଼ାବନ୍ଧ ରାସ୍ତା ପାର୍ଶ୍ୱରେ ଥିବା କାଜୁ ତୋଟାରୁ ଚିତ୍ତଙ୍କ ଚପଲ ମିଳିଥିଲା । ଚପଲ ଠାରୁ ଅଳ୍ପ ଦୂର ଗୁଡ଼ିଖାତ ଚାଷ ଜମି ହୁଡ଼ାରେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଜଗନ୍ନାଥପ୍ରସାଦ ଥାନାଧିକାରୀ ଅରୁଣ କୁମାର ସିଂଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା । ଏହି ଘଟଣାରେ ପୋଲିସ ନମ୍ବର ୨୬୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ସାଇବର ଅପରାଧର ଚେର ମୁମ୍ବାଇରୁ ଭଦ୍ରକ ଲମ୍ବିଛି:୬ ଯୁବକ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସାଇବର ଅପରାଧର ଚେର ଏବେ ସମଗ୍ର ବିଶ୍ୱକୁ ଗ୍ରାସ କରିଥିବାବେଳେ ଭାରତବର୍ଷରେ ଏହାର କାୟା ବଢିବାରେ ଲାଗିଛି । ବିଶେଷକରି ମୁମ୍ବାଇ ବାନ୍ଦ୍ରା କଲୋରା ସାଇବର ପୁଲିସ୍ ଏହିଭଳି ଏକ ସାଇବର ଅପରାଧର ଶାଖା ଖୋଜିବାକୁ ଯାଇ ଓଡ଼ିଶାର ଭଦ୍ରକରେ ପହଞ୍ଚିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ବାନ୍ଦ୍ରା ଥାନାର ପୋଲିସ୍ ଅଧିକାରୀ ପୁନମ୍ ଯାଦବ ଓ ନୀତିନ ଗଚ୍ଛେଙ୍କ ନେତୃତ୍ୱରେ ଏକ ୫ ଜଣିଆ ସାଇବର ପୋଲିସ୍ ଭଦ୍ରକରେ ପହଞ୍ଚି ସହରାଞ୍ଚଳ ଥାନା ସହାୟତାରେ ମୋବାଇଲ୍ ଟ୍ରାକିଂ କରି ୬ ଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଛି । ମୁମ୍ବାଇ ଅନ୍ଧେରୀ ୱେଷ୍ଟ ଅଞ୍ଚଳର ମୋଜେସ ଭିନସେ କାଡୋଜ୍ ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କ ସମେତ ଏକାଧିକ ବ୍ୟକ୍ତି ଏହି ସାଇବର ଠକେଇର ଶୀକାର ହୋଇଛନ୍ତି । ନିର୍ଦ୍ଦିଷ୍ଟ ଭାବେ କେତେ ଟଙ୍କାର ଠକେଇ ହୋଇଛି, ସେଥିନେଇ ସମ୍ପୂର୍ଣ୍ଣ ତଥ୍ୟ ମିଳିନଥିଲେ ମଧ୍ୟ ୫୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଥିବାର ସୂଚନା ମିଳିଛି । ଏହି ଘଟଣାର ତଦନ୍ତ କରୁଥିବା ମୁମ୍ବାଇ ସାଇବର ଥାନା (ୱେଷ୍ଟ ରିଜିଅନ୍ ବିକେସି)ର ଏହି ଟିମ୍ ଦୁଇଦିନ ହେବ ଭଦ୍ରକରେ ଆସି ସହରାଞ୍ଚଳ ଥାନା ପୋଲିସ୍ ସହାୟତାରେ ଏରେଇର ପ୍ରମୋଦ କୁମାର ବେହେରା, କୁଆଁସ ଗ୍ରାମର ରାକେଶ କୁମାର ଚୌଧୁରୀ, ବରାଳପୋଖରୀର ସୁଭେନ୍ଦୁ ଦାସ, ମଉଦାର ଜୟନ୍ତୀ ପରିଡା, ବାଲିପାଟଣାର ମନୋଜ କୁମାର ରାଉତ ଓ ସତ୍ୟକୁମାର ରାଉତଙ୍କୁ ଗିରଫ କରିଛନ୍ତି । ଗତ କିଛିବର୍ଷ ପୂର୍ବେ ବାନ୍ଦ୍ରା କୋଲାର ସାଇବର ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା । ତାର ତଦନ୍ତ କରିବାକୁ ଯାଇ ଋଣ କରାଇବାକୁ କହି ଏମାନେ ସାଧାରଣ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ କରିବା ପରେ ଉକ୍ତ ଆକାଉଣ୍ଟରେ ଥିବା ଟଙ୍କାକୁ କିଛି ଯୁବକଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରୁଥିଲେ । ଏଥିରେ ସେମାନଙ୍କୁ କମିଶନ ମଧ୍ୟ ଦେଉଥିଲେ । ଏହି ଠକେଇର ମାଷ୍ଟର ମାଇଣ୍ଡ ମୁମ୍ବାଇରେ ରହି ଏହି ଅପରାଧର ଗୋଟି ଚାଳନା କରୁଥିଲେ । ସେ କେବଳ ଭଦ୍ରକ ନୁହେଁ ଦେଶର ବହୁ ସ୍ଥାନର ଯୁବକଙ୍କୁ ଏଥିରେ ସାମିଲ କରିଥିଲେ । ଭଦ୍ରକର କିଛି ଯୁବକଙ୍କ ଆକାଉଣ୍ଟକୁ ଉକ୍ତ ଟଙ୍କା ଆସୁଥିଲା । ଏହି ଘଟଣାର ସୁରାଗ ପାଇବା ପରେ ମୁମ୍ବାଇ ପୁଲିସ୍ ସହରାଞ୍ଚଳ ଥାନା ସହାୟତରେ ୮ ଜଣଙ୍କୁ ସନ୍ଦେହରେ ପଚରା ଉଚୁରା କରି ସେମାନଙ୍କ ମଧ୍ୟରୁ ଉପରୋକ୍ତ ୬ ଜଣ ସଂପୃକ୍ତ ଥିବାର ଜାଣିବାକୁ ପାଇଥିଲା । ସେମାନଙ୍କର ଡାକ୍ତରୀ ମାଇନା ପରେ ସେଠାକାର ପୁଲିସ୍ ମୁମ୍ବାଇ ନେବାର ଯୋଜନା ରଖିଛି । ତେବେ ମୁମ୍ବାଇର ସାଇବର କ୍ରାଇମ୍‌ର ଚେର ଭଦ୍ରକକୁ ଲମ୍ବିବା ଘଟଣା ଜିଲା ପୋଲିସ୍ ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି ।

# ନନ୍ଦନକାନନରେ ଧଳା ବାଘୁଣୀ ମୌସୁମୀ ଆସନ୍ନ ପ୍ରସବା



**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଧଳା ବାଘୁଣୀ ମୌସୁମୀ ପ୍ରଥମଥର ମା' ହେବାକୁଯାଉଛି । ସେ ଗର୍ଭଧାରଣ କରିଥିବା ବେଳେ ଆଉ ମାତ୍ର ୪୦ ଦିନ ପରେ ଶାବକ ଜନ୍ମ ଦେବ ବୋଲି ସୂଚନା ମିଳିଛି । କିନ୍ତୁ ମୌସୁମୀ ମା' ହେବାର ସୂଚନା ମିଳିବା ପରେ କର୍ତ୍ତୃପକ୍ଷ ଯେତିକି ଖୁସି ଅଛନ୍ତି, ତା'ଠାରୁ ଦୁଇଗୁଣ ଚିନ୍ତାରେ । କାରଣ ପୂର୍ବରୁ ଦୁଇ ଦୁଇ ଥର ଗର୍ଭବତୀ ହୋଇ ମଧ୍ୟ ମା' ହେବାରୁ ବଞ୍ଚିତ ହୋଇଛି ମୌସୁମୀ । ସୂଚନାଯୋଗ୍ୟ ଯେ, ଧଳା ବାଘୁଣୀ ସ୍ନେହା ଓ ମହାବଳ ବାଘ ମନୀସର ମିଳନରୁ ୨୦୧୬ ମସିହା ଅଗଷ୍ଟ ମାସ ୫ ତାରିଖ ଦିନ ମୌସୁମୀ ଜନ୍ମ ହୋଇଥିଲା । କର୍ତ୍ତୃପକ୍ଷ ପ୍ରଥମ କରି ୨୦୨୨ ମସିହା ନଭେମ୍ବରରେ ମୌସୁମୀ ସହ ହାଇଦ୍ରାବାଦରୁ ଆସିଥିବା ଧଳାବାଘ ସାହିଲର ମିଳନ କରାଇଥିଲେ । ମୌସୁମୀ ଗର୍ଭବତୀ ହୋଇଥିଲା କିନ୍ତୁ ଶେଷ ସମୟରେ ପେଟରେ ଗର୍ଭ ନଥିଲା । ସେହିପରି ୨୦୨୩ ମସିହାରେ ମଧ୍ୟ ସାଧାରଣ ବାଘ ସେଫ୍ ସହିତ ମୌସୁମୀର ମିଳନ କରାଯାଇଥିଲେ ମଧ୍ୟ ମା' ହେବାରୁ ବଞ୍ଚିତ ରହିଥିଲା ମୌସୁମୀ । ଚଳିତ ବର୍ଷ କର୍ତ୍ତୃପକ୍ଷ ପୁଣି ମୌସୁମୀ ସହିତ ବାଘ ରାଜେଶକୁ ମିଳନ କରାଇଥିଲେ । ସୋମବାର ଦିନ ଓ୍ୱାଇଏଟିର ସ୍ୱାସ୍ଥ୍ୟ କମିଟି ଏବଂ ପ୍ରାଣୀ ଉଦ୍ୟାନ ଚିକିତ୍ସକ ମୌସୁମୀ ରହୁଥିବା ୨୨ ନମ୍ବର ଖୁଆଡ଼କୁ ଯାଇ ମୌସୁମୀକୁ ନିଶା ଇଞ୍ଜେକ୍‌ସନ୍ ଦିଆଯାଇ ଅଲ୍‌ଟ୍ରାସାଉଣ୍ଡ କରାଯାଇଥିଲା । ଜଣାପଡ଼ିଥିଲା ଯେ ମୌସୁମୀ ଗର୍ଭବତୀ ଅଛି ଓ ସେ ମା' ହେବାକୁ ଯାଉଛି । ଆଉ ୪୦ ଦିନ ପରେ ସେ ଶାବକ ଜନ୍ମ ଦେବ ବୋଲି ଆଶା ବାନ୍ଧିଛନ୍ତି କର୍ତ୍ତୃପକ୍ଷ । ଏହି ଖବର ଜଣାପଡ଼ିବା ପରେ କର୍ତ୍ତୃପକ୍ଷ ମୌସୁମୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଅନ୍ୟପଟେ ଏହି ସପ୍ତାହରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ରାଞ୍ଚି ଚିଡ଼ିଆଖାନାରୁ କିଛି ଜୀବଜନ୍ତୁ ଆଣିବାକୁ ଯୋଜନା କରିଥିବା ବେଳେ ନନ୍ଦନକାନନରୁ ଗୋଟିଏ ଧଳା ବାଘୁଣୀ ଦେବାର ଅଛି । ତେବେ ଏହି ଧଳା ବାଘୁଣୀ ମୌସୁମୀକୁ ରାଞ୍ଚି ଚିଡ଼ିଆଖାନାକୁ ଦେବା ପାଇଁ ଯୋଜନା କରୁଥିବା ମଧ୍ୟ ଶୁଣିବାକୁ ମିଳୁଛି ।

# ବାଘ ମାରିଲେ କେଉଁଠି:ବାଘ ଛାଲ ଡିଲ୍ ବେଳେ ଧରାପଡ଼ିଲା ଶିକାରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଖାମରଶାଳରେ ବାଘ ଛାଲ ଡିଲ୍ ବେଳେ ଜଣେ ଶିକାରୀକୁ କାବୁ କରିଛି ଏସ୍‌ଟିଏଫ୍ । ଗିରଫ ଶିକାରୀ ହେଲେ ନୂଆଗାଁ ସୋରଦା ଅଞ୍ଚଳର ବୈକୁଣ୍ଠ ଓରଫ୍ ବୈରାଗୀ ବେହେରା । ତା' ନିକଟରୁ ଏକ ବାଘଛାଲ ଜବତ କରାଯାଇଛି । ଜବତ ବାଘ ଛାଲ ପରୀକ୍ଷା ପାଇଁ ଡେରାଡୁନ୍‌କୁ ପଠାଯାଇଛି । ସୂଚନା ଅନୁସାରେ ବୈରାଗୀ ବାଘ ଶିକାର କରି ଏହାର ଛାଲକୁ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିଲେ । ସେ ଏକାଧିକ ରାଜ୍ୟ ବାହାରର ଶିକାରୀଙ୍କ ସହ ଯୋଗାଯୋଗ କରୁଥିଲା । ଏନେଇ ଏସ୍‌ଟିଏଫର ଜଣେ ଅଧିକାରୀ ଖବର ପାଇଥିଲେ । ସେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ । ସନ୍ଧ୍ୟାରେ ବୈରାଗୀ ବାଘ ଛାଲକୁ ଏକ ଜରି ବ୍ୟାଗ୍‌ରେ ପୂରାଇ ଖମାରସାହିରେ ଜଣେ ଗ୍ରାହକକୁ ଅପେକ୍ଷା କରିଥିଲେ । ଗ୍ରାହକ ଆସିବା ପରେ ଉଭୟଙ୍କ ମଧ୍ୟରେ ଡିଲ୍ ହୋଇଥିଲା । ଏହି ଡିଲ୍ ସମୟରେ ଏସ୍‌ଟିଏଫ୍ ଅଧିକାରୀ ଚଢ଼ଉ କରି ତାକୁ କାବୁ କରିଥିଲେ । ଯାଞ୍ଚ ପରେ ସେ ଧରିଥିବା ବ୍ୟାଗ୍‌ରୁ ଏକ ବାଘ ଛାଲ ମିଳିଥିଲା ।

# ଭାଲୁ ଆକ୍ରମଣରେ ୨ ଗୁରୁତର

**ବାଲିବନ୍ଧ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ପଲାଶପଙ୍ଗା ଫରେଷ୍ଟ ସେକ୍ସନ ଅଧିନ ରାଇକଳା ଗ୍ରାମରେ ସୋମବାର ଏକ ଭାଲୁ ଆକ୍ରମଣରେ ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି । ଗୁରୁତରମାନେ ହେଲେ ସେହି ଗ୍ରାମର ମହେଶ୍ୱର ମହାନ୍ତଙ୍କ ସ୍ତ୍ରୀ ସୁମିତ୍ରା ମହାନ୍ତ (୪୭) ଓ ତ୍ରିଲୋଚନ ବାରିକଙ୍କ ପୁଅ ପ୍ରିୟରାଜ ବାରିକ (୨୭) । ସୋମବାର ଭୋର୍‌ରେ ବାଡ଼ିକୁ ଶୌଚ ହେବାକୁ ଯାଇଥିବା ବେଳେ ସୁମିତ୍ରା ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ । ଭାଲୁଟି ଦୌଡ଼ି ଆସି ତାଙ୍କୁ ଆକ୍ରମଣ କରିଥିଲା । ସୁମିତ୍ରାଙ୍କୁ ତଳେ ପକାଇ ତାଙ୍କ ବାମ ଜଂଘକୁ ଝୁଣି ପକାଇଥିଲା । ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ପାଟିତୁଣ୍ଡ କରି ଦୌଡ଼ି ଆସିବାରୁ ଭାଲୁଟି ସେଠାରୁ ପଳାଇଥିଲା । ପରେ ସେହି ଭାଲୁଟି ଫୁଲପାହାଡ଼ି (ରାଇକଳା) ହୁଡ଼ିକୁ ଯାଉଥିବା ବେଳେ ରାଇକଳା କାଜୁ ଜଙ୍ଗଲ ଭିତରକୁ ଶୌଚ ପାଇଁ ଯାଇଥିବା ପ୍ରିୟରାଜଙ୍କୁ ଆକ୍ରମଣ କରିଥିଲା । ଭାଲୁଟି ତାଙ୍କୁ ତଳେ ପକାଇ ଦୁଇ ଗୋଡ଼କୁ କ୍ଷତବିକ୍ଷତ କରିଦେଇଥିଲା । ଭାଲୁ ସହ ପ୍ରିୟରାଜ ଲଢ଼େଇ କରି ବହୁ କଷ୍ଟରେ ଜୀବନ ବଞ୍ଚାଇ ରାସ୍ତା ନିକଟକୁ ଆସିଥିଲେ । ଉଭୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ।

# ବେଆଇନ୍ ବାଲି ଚାଲାଣ ଅଭିଯୋଗ:୧୩ ଟ୍ରାକ୍ଟର ଜବତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ ଓ ଏସପିଙ୍କ ଉପସ୍ଥିତିରେ ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ୧୩ ଗୋଟି ଟ୍ରାକ୍ଟର ଜବତ ହୋଇଛି । ଡମ୍ବରୁଗଡ ନିକଟରୁ ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ଟ୍ରାକ୍ଟର ଗୁଡିକୁ ଜବତ କରି ବାଉଁଶୁଣୀ ପୋଲିସ ଥାନାରେ ଅଟକ ରଖିଛି । ବାଉଁଶୁଣୀ ରାଜସ୍ୱ ସର୍କଲର ଡମ୍ବରୁଗଡ ମହାନଦୀ ବାଲି ଘାଟରୁ ବେଆଇନ୍ ବାଲି ଉତ୍ତୋଳନ ଓ ପରିବହନ ହେଉଥିବା ଖବରପାଇ ଜିଲ୍ଲାପାଳ ଜେ. ସୋନାଲ ଓ ଏସପି ରାଜ୍ ପ୍ରସାଦ ଅତର୍କିତ ଭାବେ ଘଟଣାସ୍ଥଳରେ ପହଞ୍ଚିଥିଲେ । ନଦୀ ମଧ୍ୟରେ ୧୩ ଗୋଟି ଟ୍ରାକ୍ଟର ବାଲି ବୋଝେଇ କରୁଥିବା ଦେଖିବା ପରେ ସେ ସମସ୍ତ ଟ୍ରାକ୍ଟରକୁ ଅଟକ ରଖି କାଗଜପତ୍ର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଉଁଶୁଣୀ ପୋଲିସ ସମସ୍ତ ଗାଡ଼ିକୁ ଥାନାକୁ ନେଇ ଅଟକ ରଖିଛି । ଏହି ଚଢଉରେ ଜିଲ୍ଲାପାଳ ଓ ଏସପିଙ୍କ ସମେତ ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ ଏବଂ ବାଉଁଶୁଣୀ ଓ ବୌଦ୍ଧ ଥାନାର ପୋଲିସ ଟିମ୍ ସାମିଲ୍ ଥିଲେ ।

# ଆଦିବାସୀ କର୍ମଚାରୀଙ୍କୁ ଅବକାରୀ ଅଧିକାରୀଙ୍କ ଗୋଇଠାମରା ଅଭିଯୋଗ:କାର୍ଯ୍ୟାନୁଷ୍ଠାନ ଦାବି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ କର୍ମଚାରୀକୁ ଅବକାରୀ ବିଭାଗ ଇନ୍ସପେକ୍ଟର ଗୋଇଠା ମାରିବା ସହ ଗାଳିଗୁଲଜ ନେଇ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି । ସିସିଟିଭିରେ କଏଦ ଉକ୍ତ ଭିଡ଼ିଓ ଦେଖି ବିଭିନ୍ନ ମହଲରେ ଘଟଣାକୁ ନିନ୍ଦା କରାଯିବା ସହିତ ଅବକାରୀ ଇନ୍ସପେକ୍ଟର ଶ୍ରୀଧର ମହାନ୍ତିଙ୍କ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି । ଏନେଇ ଦୋକାନ କର୍ମଚାରୀ ଜଣକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ସମେତ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ପାଲବଣି ଠାରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ କାଳିକାପୁର ଅଞ୍ଚଳର ସଞ୍ଜୟ ସିଂ ନାମକ ଯୁବକ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ତେବେ ଗତ ମଇ ୨୫ ତାରିଖରେ ଅପରାହ୍ନରେ ଅବକାରୀ ବିଭାଗର ଭ୍ରାମ୍ୟମାଣ ୟୁନିଟ୍ ଇନ୍ସପେକ୍ଟର ଶ୍ରୀଧର ମହାନ୍ତି ସାଧା ପୋଷାକରେ ପାଲବାଣୀ ସ୍ଥିତ ଉକ୍ତ ମଦ ଦୋକାନରେ ପହଞ୍ଚି ଦୋକାନରେ ଥିବା ମଦ ଗୁଡିକ ଅନୁଧ୍ୟାନ କରିଥିଲେ । ଏଥିପରେ ସଞ୍ଜୟ ସିଂ ନାମ ପଚାରିଥିଲେ । ଏହାର କିଛି ସମୟ ପରେ ସଞ୍ଜୟଙ୍କୁ ସେ ଡାକିଥିବା ବେଳେ ସଞ୍ଜୟ ଶୁଣି ପାରିନଥିଲେ । ଏହାକୁ ନେଇ ଇନ୍ସପେକ୍ଟର ଶ୍ରୀ ମହାନ୍ତି ଉତ୍କ୍ଷିପ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଗୋଇଠା ଓ ଚାପଡ଼ା ମାରିଥିଲେ । ଯାହାକି ସିସିଟିଭି ଚିତ୍ରରେ ସ୍ପଷ୍ଟ ଭାବେ ଦେଖାଯାଉଛି । ତେବେ ଘଟଣା ବାବଦରେ ସଞ୍ଜୟ ସିଂ ପ୍ରଥମେ ଉକ୍ତ ମଦ ଦୋକାନର ମାଲିକଙ୍କୁ ଜଣାଇଥିଲେ । କିନ୍ତୁ ମାଲିକ ଘଟଣା ବାବଦରେ ବୁଝିବେ ବୋଲି କହି ସମୟ ଅତିକ୍ରାନ୍ତ କରିଥିଲେ ସୁଦ୍ଧା କିଛି ବୁଝିନଥିଲେ । ଯାହାକୁ ନେଇ ସେ ଉକ୍ତ ଦୋକାନରୁ ଚାକିରୀ ଛାଡି ଦେଇଛନ୍ତି । ଏଥିପରେ ସେ ଗତ ମଇ ୨୮ ତାରିଖରେ ବାରିପଦା ଟାଉନ୍ ଥାନାରେ ଅବକାରୀ ଇନ୍ସପେକ୍ଟର ଶ୍ରୀଧର ମହାନ୍ତିଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ପରିତାପର ବିଷୟ ଯେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ଏକ ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଜଣେ ଗରିବ ଆଦିବାସୀ ଯୁବକ ନ୍ୟାୟ ନପାଇ ଶେଷରେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ଅବକାରୀ ବିଭାଗ କମିଶନର, ଜିଲ୍ଲା ଅବକାରୀ ଅଧିକ୍ଷକ, ମାନବ ଅଧିକାରୀ କମିଶନ ଆଦିଙ୍କୁ ନିଜ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଘଟଣାର ତଦନ୍ତ କରି ଅବକାରୀ ଇନ୍ସପେକ୍ଟର ଶ୍ରୀଧର ମହାନ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଗିରଫ କରିବାକୁ ଦାବି କରିଛନ୍ତି । ଅନ୍ୟପଟେ ଲିଖିତ ଅଭିଯୋଗ ପାଇବା ପରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ଦୀର୍ଘଦିନ ଧରି ଘଟଣାକୁ ଚାପି ଦେବାକୁ କାହିଁକି ଉଦ୍ୟମ ହେଉଥିଲା ବୋଲି ଚର୍ଚ୍ଚା ଜୋର୍ ଧରିଛି । ଘଟଣାର ତଦନ୍ତ ନେଇ ଅବକାରୀ କମିଶନର ଓ ଜିଲ୍ଲାପାଳଙ୍କ ପାଖରୁ ଜିଲ୍ଲା ଅବକାରୀ ବିଭାଗକୁ ଚିଠି ଆସିବା ପରେ ତଦନ୍ତ ଆରମ୍ଭ ହୋଇଥିବା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁର କହିଛନ୍ତି । ଉପ ଅବକାରୀ ଅଧୀକ୍ଷକ ତପସ୍ୱିନୀ ନାଏକଙ୍କ ନେତୃତ୍ୱରେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।





# ମଧୁରକୂଳ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି:ଜଳ ନିଷ୍କାସନ ପାଇଁ ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଆୟବା ପଞ୍ଚାୟତ ଅନ୍ତର୍ଗତ ମଧୁରକୂଳ ଗ୍ରାମର ମୁଖ୍ୟ ରାସ୍ତାରେ ବର୍ଷାଦିନେ ଆଣ୍ଠୁଏ ପାଣି ଜମା ହୋଇରହୁଛି । ଜଳ ନିଷ୍କାସନର ବାଟ ନଥିବାରୁ ଗ୍ରାମବାସୀ ମାନେ ଯାତାୟାତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ବର୍ଷ ହେଲା ଗ୍ରାମବାସୀମାନେ କେନ୍ଦ୍ରାପଡା ବିଡିଓ, ପିଡି ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରିବା ପାଇଁ ଦାବି କରି ଆସୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷପ ନିଆଯାଇ ନାହିଁ । ଯାହାଫଳରେ ଗ୍ରାମର ବୃଦ୍ଧ, ବୃଦ୍ଧା, ପଥଚାରୀ, ସ୍କୁଲ ଛାତ୍ରଛାତ୍ରୀ ଓ ମହିଳା ବହୁ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏଠାରେ ଡ୍ରେନ୍ ନିର୍ମାଣ କରିବା ପାଇଁ ବାବାଜୀ ବେହେରା, ବଂଶୀଧର ବେହେରା, ବିଶ୍ୱନାଥ ବେହେରା, ରିନାରାଣୀ ବେହେରା, ଶୁଭକାନ୍ତି ବେହେରା ପ୍ରମୁଖ ଦାବି କରିଛନ୍ତି ।

# ଗୁପ୍‌ଚୁପ୍‌ରେ କର୍କଟ ସୃଷ୍ଟିକାରୀ ରସାୟନ ସାମଗ୍ରୀ !

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଯେଉଁମାନେ ଗୁପ୍‌ଚୁପ୍ ଖାଉଛନ୍ତି ସେମାନଙ୍କ ପାଇଁ ଖରାପ ଖବର । କର୍ଣ୍ଣାଟକର ଏଫ୍‌ଏସ୍‌ଏସ୍‌ଏଆଇ ଗୁପ୍‌ଚୁପ୍ କର୍କଟ ରୋଗ ସୃଷ୍ଟି କରୁଥିବା ରସାୟନିକ ସାମଗ୍ରୀକୁ ଚିହ୍ନଟ କରିଛନ୍ତି । ଏଫ୍‌ଏସ୍‌ଏସ୍‌ଏଆଇ ଗୁପ୍‌ଚୁପ୍ ନମୁନାରେ ହଳଦିଆ, ଉଜ୍ଜ୍ୱଳ ନୀଳ ରଙ୍ଗ ଏବଂ ଟେଟ୍ରୋ ଜେନ ଭଳି ରାସାୟନିକ ପଦାର୍ଥ ପାଇଛନ୍ତି । ପରୀକ୍ଷା କରିଥିବା ଡାକ୍ତରମାନେ ସୂଚନା ଅନୁସାରେ ଏହି କୃତ୍ରିମ ରଙ୍ଗଗୁଡ଼ିକ ପେଟ ବ୍ୟଥା ଠାରୁ ଆରମ୍ଭ କରି ହୃଦ୍‌ଘାତ ପର୍ଯ୍ୟନ୍ତ ସମସ୍ୟା ସୃଷ୍ଟି କରିପାରେ । ଏହା ବ୍ୟତୀତ ଏହା ଆଣ୍ଠୁମ୍ୟୁଜେନ ନାମକ ଏକ ରୋଗ ମଧ ସୃଷ୍ଟି କରିପାରେ । ୬୯ଟି ସ୍ଥାନରୁ ୨୬୦ଟି ନମୁନା ସଂଗ୍ରହ କରି ଏହାକୁ ଏଫ୍‌ଏସ୍‌ଏସ୍‌ଏଆଇରେ ପରୀକ୍ଷା କରାଯାଇଥିଲା । ଯେଉଁଥିରୁ ୨୨ ପ୍ରତିଶତ ନମୁନାରେ କର୍କଟ ସୃଷ୍ଟିକାରୀ ରାସାୟନିକ ସାମଗ୍ରୀର ସୂଚନା ମିଳିଛି । କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା କମିଶନର ଶ୍ରୀନିବାସ କେଙ୍କ ସୂଚନା ଅନୁସାରେ ଗୁପ୍‌ଚୁପ୍‌ର ଗୁଣବତ୍ତା ସମ୍ପର୍କରେ ସାରା ରାଜ୍ୟରୁ ଅଭିଯୋଗ ହେଉଥିଲା । ଏହାପରେ ରାସ୍ତା କଡ଼ରେ ଥିବା ଷ୍ଟଲ୍‌ରୁ ନମୁନା ନିଆଯାଇଥିଲା । ଯେଉଁଥିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତାଜନକ ଖବର ମିଳିଛି । ଏହା ପୂର୍ବରୁ ମଧ ଖାଦ୍ୟ ନିରାପତ୍ତା ଏବଂ ମାନବ ପ୍ରାଧିକରଣ ଅଫ୍ ଇଣ୍ଡିଆ ବିଭିନ୍ନ ପ୍ରକାରର କବାବ, କୋବି ମଞ୍ଚୁରିଆନ୍ ଏବଂ କ୍ୟାଣ୍ଡି ଭଳି ଖାଦ୍ୟ ପଦାର୍ଥରେ ବ୍ୟବହାର କରାଯାଉଥିବା କୃତ୍ରିମ ଖାଦ୍ୟ ରଙ୍ଗ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ବର୍ତ୍ତମାନ ଗୁପ୍‌ଚୁପ୍ ରାସାୟନିକ ପଦାର୍ଥ ସୃଷ୍ଟି କରୁଥିବା କର୍କଟ ଚିହ୍ନଟ ହେତୁ କର୍ଣ୍ଣାଟକ ସରକାର ରାସ୍ତାର ଖାଦ୍ୟ କିଣୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ।

# ସାମୁଦ୍ରିକ ଜୁଆର ପ୍ରଭାବରେ ୧୦ ହଜାର ହେକ୍ଟର ଫସଲ ଉଜୁଡ଼ିଲା

**ବାହାନଗା, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ୭/୮ଟି ପଞ୍ଚାୟତର ଚାଷୀଙ୍କ ହିତ ପାଇଁ ଖରାସାହାପୁର ପଞ୍ଚାୟତରେ ୧ କୋଟି ୭୫ ଲକ୍ଷ ଟଙ୍କାରେ ନିର୍ମିତ ପୋଲ (ବରବନ୍ଧ) ଅସମ୍ପୂର୍ଣ୍ଣ ରହିଛି । ଦୀର୍ଘ ୧୩ ବର୍ଷ ଧରି ବରବନ୍ଧ ପୋଲର ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇପାରୁନାହିଁ । ସ୍ଲୁଇସ୍ ଗେଟ୍ ପାଇଁ ମାପ ଯାଉଛି, ମାତ୍ର ଅନୁମୋଦନ ହେଉନଥିବାରୁ ନିର୍ମାଣ ହୋଇପାରୁନାହିଁ । ଖରାସାହାପୁର ପଞ୍ଚାୟତ ସହ ଅଞ୍ଜି, ଚିଉଳ, ଅଭଣା, କୋଚିଆକୋଇଲି ଆଦି ପଞ୍ଚାୟତର ଅଧିବାସୀ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରୁଥିବା ବେଳେ ସେମାନଙ୍କ ଉନ୍ନତି ପାଇଁ ସରକାର ପଦକ୍ଷେପ ଶୂନ୍ । ଖରାସାହାପୁର ପଞ୍ଚାୟତ ଚାଷୀଙ୍କ ପାଇଁ ୨୦୧୧ ମସିହାରେ ୧ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବରବନ୍ଧ ନିର୍ମାଣ ହେଲା ସତ । ଏଥିରେ ଏଯାବତ୍ ସଟର୍ (ସ୍ଲୁଇସ୍ ଗେଟ୍) ଲାଗିନାହିଁ । ଉକ୍ତ ପୋଲରେ ସଟର୍ ଲାଗିନଥିବାରୁ ସମୁଦ୍ର ଜଳ ପଞ୍ଚୁବିଶା ନଦୀରେ ପଡ଼ି ପ୍ରତିବର୍ଷ ୧୦ ହଜାର ହେକ୍ଟରରୁ ଅଧିକ ଜମି ଜଳମଗ୍ନ ହେଉଥିବାରୁ ଚାଷୀଙ୍କ ଫସଲ ଉଜାଡ଼ି ଦେଉଛି । ଅନ୍ୟ ପକ୍ଷରେ ଚିଙ୍ଗୁଡ଼ି ଘେରି କରିଥିବା ବ୍ୟକ୍ତିମାନେ ନିଜର ଲାଭ ଖୋର୍ ମନୋବୃତ୍ତି ପାଇଁ ଜଳ ନିଷ୍କାସନ ପଥକୁ ଅନ୍ୟତ୍ର ସ୍ଥାନାନ୍ତର କରିବାରୁ ଧାନ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି । ଜଳ ନିଷ୍କାସନ ଠିକ୍ ଭାବେ ହେଉନଥିବାରୁ ଉପକୂଳବର୍ତ୍ତୀ ଅଞ୍ଚଳର ମୁଖ୍ୟ ମାଛଧରା କେନ୍ଦ୍ର ପଞ୍ଚୁବିଶା ମୁହାଣରୁ ମାଛ ଧରି ଜୀବିକା ନିର୍ବାହ କରୁଥିବା ହଜାରେରୁ ଅଧିକ ମତ୍ସ୍ୟଜୀବୀ ପରିବାର ଦୁର୍ଦ୍ଦିନରେ ଚଳୁଛନ୍ତି । ଅଞ୍ଚଳବାସୀଙ୍କ ବହୁ ଆବେଦନ ପରେ କୋଷ୍ଟ କେନାଲ ଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ୧ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନଦୀ ଶଯ୍ୟାର ୩ କିମି ଅଂଶରେ ପଙ୍କ ଉଦ୍ଧାର କାର୍ଯ୍ୟ ହୋଇଥିଲା । ବିଭାଗୀୟ ପଦାଧିକାରୀଙ୍କ ଅବହେଳା ପାଇଁ ସଠିକ୍ ଭାବେ କାର୍ଯ୍ୟ ନହେବାରୁ ନଦୀ ଶଯ୍ୟା ଓ ମୁହାଣ ପୁଣି ପୋତିଯାଇଥିଲା । ଏବେ ପୁନର୍ବାର ପଞ୍ଚୁବିଶା ମୁହାଣ ଖୋଲିବା ପାଇଁ ୩ ଲକ୍ଷ ୮୦ ହଜାରରୁ ଅଧିକ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଚାଲିଛି । କିନ୍ତୁ ସଠିକ୍ ଭାବରେ କାର୍ଯ୍ୟ ହେଉନଥିବା ଚାଷୀ ଅଭିଯୋଗ କରୁଛନ୍ତି । ବରବନ୍ଧ ହୋଇଥିବା ପଞ୍ଚୁବିଶା ନଦୀର ଦୁଇ ପାର୍ଶ୍ୱରେ ବନ୍ଧ ସହ ପାଦଚଲା ରାସ୍ତା ନିମ୍ନମାନର ହୋଇଥିବାରୁ ଚାଷୀଙ୍କ ଧାନ ଜମି ପାଇଁ ଲୁହା ଜଳ ବିପଦ ହୋଇରହିଛି । ବିଭିନ୍ନ ସ୍ଥାନରେ ହୋଇଥିବା ଘାଇର ମରାମତି କରାଯାଉନି । ଧାନ ଚାଷୀଙ୍କ ଆତଯାତ ପାଇଁ ସଠିକ୍ ରାସ୍ତାଟିଏ ମଧ ନାହିଁ । ଖରାସାହାପୁର ସହ ଆଖପାଖ ୭/୮ଟି ପଞ୍ଚାୟତର ଚାଷୀ ଓ ମତ୍ସ୍ୟଜୀବୀଙ୍କ ସମସ୍ୟା ଦୂର କରିବା ପାଇଁ ବରବନ୍ଧ କେବେ ସମ୍ପୂର୍ଣ୍ଣ ହେବ ତାହାକୁ ଅନାଇ ବସିଛନ୍ତି ।

# କୁଚିଣ୍ଡାରେ ବାଙ୍ଗଲାଦେଶୀ ରୋହିଙ୍ଗାଙ୍କ ଅନୁପ୍ରବେଶ:ଅପରାଧ ବଢ଼ୁଛି

**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡକୁ ବାଙ୍ଗଲାଦେଶୀ ରୋହିଙ୍ଗାଙ୍କ ଅବାଧ ଅନୁପ୍ରବେଶ ଯୋଗୁଁ ଚୋରି, ଡକାୟତି, ଆତଙ୍କରାଜ, ବଳାତ୍କାର ଆଦି ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି । ଫଳରେ ଶାନ୍ତିପୂର୍ଣ୍ଣ କୁଚିଣ୍ଡା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟି ଅଣନିଶ୍ୱାସୀ ହୋଇପଡିଛି । ତେଣୁ କୁଚିଣ୍ଡାକୁ ଅନୁପ୍ରବେଶ ମୁକ୍ତ ନିମନ୍ତେ ହିନ୍ଦୁସମାଜ ପକ୍ଷରୁ ସୋମବାର କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ୧୫ଦିନ ମଧରେ ଅନୁପ୍ରବେଶ ମୁକ୍ତ ପାଇଁ ପ୍ରଶାସନ ଉଚିତ୍ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଚେତାବନୀ ଦିଆଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, କୁଚିଣ୍ଡା ଉପଖଣ୍ଡରେ ମୋଟ ୫୧୬ ଖଣ୍ଡ ରାଜସ୍ୱ ଗ୍ରାମ ରହିଛି କୁଚିଣ୍ଡା, ବାମରା, ଜମନକିରା ଓ କୁଚିଣ୍ଡା ଏନଏସି ଅଞ୍ଚଳରେ ପ୍ରାୟ ୧୪ ହଜାର ୬ ଶହରୁ ଉର୍ଦ୍ଧ୍ୱ ବାଙ୍ଗଲାଦେଶୀ ରୋହିଙ୍ଗା ବିଭିନ୍ନ କାମ ବାହାନାରେ ଦୀର୍ଘ ବର୍ଷ ଧରି ବସବାସ କରୁଛନ୍ତି । ଏମାନେ ଅଧିକାଂଶ ରାଜମିସ୍ତ୍ରୀ ଭାବେ ପରିଚିତ ଥିବା ବେଳେ, ଅନ୍ୟମାନେ କପଡା, ଭଙ୍ଗା ଲୁହା ଓ ଟିଣ ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । କୁଚିଣ୍ଡାର ବିଭିନ୍ନ ଅଞ୍ଚଳରେ ଭଡ଼ାଘରେ ରହି ଏଠାକାର ଯୁବତୀ ମାନଙ୍କୁ ପ୍ରେମ ବିବାହ କରି ସ୍ତ୍ରୀ ନାମରେ ଜମି ଜବର ଦଖଲ କରି ସ୍ଥାୟୀ ବାସିନ୍ଦା ଭଳି ପରିଚୟ ସୃଷ୍ଟିକରିବା ଉଦ୍ୟମ ଚଳାଇଛନ୍ତି । ଗତ କିଛି ବର୍ଷ ମଧରେ ବଳାତ୍କାର, ଡକାୟତି, ଚୋରି, ଗୁଣ୍ଡାଗର୍ଦ୍ଦି, ଅସାମାଜିକ କାର୍ଯ୍ୟ ବଢିଥିବା ବେଳେ ଏଥିରେ ଏହି ଅନୁପ୍ରବେଶକାରୀଙ୍କ ହାତ ରହିଥିବା ଜଣାଯାଇଛି । ଏହି ଅନୁପ୍ରବେଶକାରୀ ମାନେ ନିଜକୁ ପଶ୍ଚିମବଙ୍ଗ ପ୍ରଦେଶ ବାସୀ ବୋଲି ଭୋଟର ଓ ଆଧାରକାର୍ଡ ଦେଖାଉଛନ୍ତି । ମାତ୍ର ସର୍ଚ୍ଚ କଲେ ପଶ୍ଚିମବଙ୍ଗ ରାଜ୍ୟର କୌଣସି ତଥ୍ୟ ମିଳୁନଥିବାରୁ ଏହା ନକଲି ବୋଲି ସ୍ପଷ୍ଟ ଜଣାପଡୁଛି । ଅନୁପ୍ରବେଶରେ ରୋକ ଲଗାଇବାକୁ ପୂର୍ବରୁ ୨୦୨୧, ୨୨ ଓ ୨୪ରେ ଏକାଧିକବାର ପ୍ରଶାସନକୁ ସଚେତନ ନାଗରିକ, ବଜରଙ୍ଗ ଦଳ ଓ ହିନ୍ଦୁ ସମାଜ ପକ୍ଷରୁ ଅବଗତ କରାଯାଇଥିଲେ ହେଁ କୌଣସି ବିହିତ ପଦକ୍ଷେପ ନିଆଯାଇ ନଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି । ତେଣୁ ତୁରନ୍ତ ଏଦିଗରେ ପଦକ୍ଷେପ ନିଆଯିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଉପଜିଲ୍ଲାପାଳ ହେମସାଗର ଭୋଇ ଦାବିପତ୍ର ଗ୍ରହଣ କରି ଏହାର ତଦନ୍ତ ପୂର୍ବକ ପଦକ୍ଷେପ ନେବେ ବୋଲି କହିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ହିନ୍ଦୁ ସମାଜର ପ୍ରଭାତ ଶର୍ମା, ବାନେଶ୍ୱର ବାଦୀ, ରୁଦ୍ରପ୍ରତାପ ଦେଓ, ହୃଦାନନ୍ଦ ଶର୍ମା, ରାମନାରାୟଣ ଭୋଇ, ଅତୁଲ ଅଗ୍ରୱାଲ, ରାମଚରଣ ରାୟ, ତୁଳାରାମ ବାବା, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସରପଞ୍ଚ ସଂକୀର୍ତ୍ତନ କିଷାନ, ସୌଭାଗ୍ୟ ଭଇଁଷା, ବସନ୍ତ ବୁଢା, ସୌମ୍ୟରଞ୍ଜନ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଜାର କଟାମୁଣ୍ଡ ଧରି ରାସ୍ତାରେ ବୁଲିଲା ନାତି

**କୋଇଡ଼ା, ନ୍ୟୁଜ୍ ବ୍ୟୁରୋ**

ଗୋଟିଏ ପଟେ ମଣିଷ ଆଧୁନିକତାର ଶୀର୍ଷରେ ପହଞ୍ଚିଥିବା ଦାବି କରୁଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାର ବହୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏବେବି ଅନ୍ଧବିଶ୍ୱାସ ବଳୟରୁ ମୁକୁଳି ପାରିନି । ଏବେବି ଏଠାରେ ଗୁଣିଗାରେଡ଼ି ଭଳି କୁ-ପ୍ରଥା, ଅନ୍ଧବିଶ୍ୱାସ ଜୀବିତ ରହିଛି । ପୁଣି ଏହାର ଏକ ପ୍ରମାଣ ଦେଖିବାକୁ ମିଳିଛି । ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକ ନିଜ ଅଜାକୁ ଅତି ବିଭତ୍ସ ଭାବେ ହତ୍ୟା କରିବା ପରେ ତାଙ୍କ କଟାମୁଣ୍ଡ ଧରି ରାସ୍ତାରେ ବୁଲିଛି । ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ସୟେମ୍ବା ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଘଟିଥିବା ଏହି ଘଟଣା ଜିଲ୍ଲାବ୍ୟାପି ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ମୃତକ ହେଲେ ଗ୍ରାମର ନମନ ମୁଣ୍ଡା (୬୫) । ଗ୍ରାମବାସୀ ଅଭିଯୁକ୍ତ ନାତି ସାଇମନ ମୁଣ୍ଡାକୁ କଟାମୁଣ୍ଡ ସହ କାବୁ କରି ପୋଲିସ ଜିମା ଦେଇଛନ୍ତି । ଥାନା ଅଧିକାରୀ ସ୍ମିତରଞ୍ଜନ ନାୟକ ସାଇମନକୁ ଅଟକ ରଖି ତଦନ୍ତ ଚଳାଇବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି ।

# ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଛାଡ଼ ନିଷ୍ପତ୍ତି କେବେଠୁ କାର୍ଯ୍ୟକାରୀ ହେବ:ପ୍ରତାପ ଦେବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଜୁଲାଇରୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦିଆଯିବ ବୋଲି ବିଜେଡି ନିର୍ବାଚନ ବେଳେ କହିଥିଲା । ତେବେ ନିର୍ବାଚନ ପ୍ରଚାର ସମୟରେ ବିଜେପି ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବାକୁ ପ୍ରତିଶ୍ରୁତି ଦେଇଥିଲା । ତେଣୁ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପ୍ରତାରଣାରେ ପରିଣତ ନହେଉ । ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ବୋଲି ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି । ପ୍ରତାପ ଦେବ କହିଛନ୍ତି, ବିଜେପି ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ନିର୍ବାଚନ ପ୍ରତିଶ୍ରୁତିକୁ ଆଗ ପାଳନ କରାଯିବ ବୋଲି କହୁଛନ୍ତି । ସେହି ଆଧାରରେ ଗତ ୫ ତାରିଖରୁ ଏବେ ପର୍ଯ୍ୟନ୍ତ ମାଗଣା ବିଜୁଳି ନେଇ କେହି ମୁହଁ ଖୋଲିନାହାନ୍ତି । କିନ୍ତୁ ସରକାରଙ୍କୁ ବିଜେଡି ଏ ବାବଦରେ ମନେ ପକାଇ ଦେଉଛି । ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ଯେପରି ପାଣିର ଗାର ପାଲଟି ନଯାଉ । ସାଧାରଣ ନିର୍ବାଚନରେ ବିଜୁଳିକୁ ନେଇ ବଡ଼ ଘୋଷଣା କରିଥିଲା ବିଜୁ ଜନତା ଦଳ । ରାଜ୍ୟର ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ ବିଜୁଳି ଶକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଓଡ଼ିଶାର ୭୫ ପ୍ରତିଶତ ପରିବାରର ୧୦୦ ୟୁନିଟ୍‌ରୁ କମ୍ ଏବଂ ଅନ୍ୟ ୧୦ ପ୍ରତିଶତ ୧୦୦ରୁ ୧୫୦ ୟୁନିଟ୍ ବ୍ୟବହାର କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଜୁଳିକୁ ନେଇ ପ୍ରତିଶ୍ରୁତି ରଖିଥିଲା ବିଜେଡି । ଶକ୍ତି ସୁରକ୍ଷା ସହିତ ୮୫-୯୦ ପ୍ରତିଶତ ଜନସଂଖ୍ୟାକୁ ଆଚ୍ଛାଦିନ କରିବା ପାଇଁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ଗ୍ରାହକଙ୍କ ବିଜୁଳି ବିଲ୍ ଶୂନ ହେବ ବୋଲି ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ଦଳ । ସେହିପରି ୧୦୦ରୁ ୧୫୦ ପର୍ଯ୍ୟନ୍ତ ୫୦ ୟୁନିଟ୍ ପାଇଁ ରିହାତି ପାଇବେ । ସରକାରକୁ ଆସିଲେ ଜୁଲାଇ ୧ରୁ ଲାଗୁ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା । ସୋମବାର ଜୁଲାଇ ୧ କିନ୍ତୁ କ୍ଷମତାରୁ ଦୂରରେ ଅଛି ବିଜେଡି । ବିଜେଡିର ବରିଷ୍ଠ ନେତା ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ନିର୍ବାଚନ ପ୍ରକ୍ରିୟା ଚାଲିଥିଲା । ବିଜୁ ଜନତା ଦଳ ପକ୍ଷରୁ ଇସ୍ତାହାର ମଧ ଦିଆଯାଇଥିଲା । ସେତେବେଳେ ଆମେ କହିଥିଲୁ ଜୁଲାଇ ୧ ତାରିଖରୁ ବିଜୁଳି ବିଲ୍ ଦେବାକୁ ପଡିବନାହିଁ । ପ୍ରଥମ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ଆମେ ମାଗଣା ବିଜୁଳି ଦେବୁ । ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବେ । ଏହି ପ୍ରସ୍ତାବରେ ହସ୍ତାକ୍ଷର କରିବେ । ଠିକ୍ ସେହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରୁ ଆରମ୍ଭ କରି ବିଜେପି ପକ୍ଷରୁ ମଧ କୁହାଗଲା ବିଜୁଳି ବିଲ୍ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଛାଡ଼ କରିବେ । ରାଜ୍ୟ ସରକାରଙ୍କୁ ସୂଚେଇ ଦେବାକୁ ଚାହୁଁଛି ଯେ, ସୋମବାର ହେଉଛି ଜୁଲାଇ ୧ । ସେ କହିଛନ୍ତି ଯେ, ଆମେ ଆଶା କରୁଛୁ ବିଜେପି ଓଡ଼ିଶାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବ । ପ୍ରତିଶ୍ରୁତି ପ୍ରତାରଣା ନହେଉ । ପ୍ରତିଶ୍ରୁତି ପାଣିର ଗାର ନହେଉ । କହିବାର ଉଦ୍ଦେଶ୍ୟ ହେଉଛି ଯେ, ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦର ସଦସ୍ୟମାନେ ଉକ୍ତି ରଖିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆଗେ ପାଳନ କରାଯିବ । ସେହି ଶୃଙ୍ଖଳାରେ ବିଜେପି ବିଜୁଳି ସମ୍ପର୍କିତ ପ୍ରତିଶ୍ରୁତି ମଧ ଦେଇଛି । ୫ ତାରିଖରୁ ନୂଆ ସରକାର ଆସିବା ଠାରୁ ବିଜୁଳି ସମ୍ପର୍କରେ ବିଜେପି ନେତାମାନେ ମୁହଁ ଖୋଲିନାହାନ୍ତି । ବିଜୁଳି ନେଇ ଦେଇଥିବା ପ୍ରତିଶ୍ରୁତି ନ ଭୁଲିବା ଲାଗି ସରକାରଙ୍କୁ ସଚେତନ ଓ ଚେତେଇବା ଲାଗି ବିଜୁ ଜନତା ଦଳ ପକ୍ଷରୁ ଆମେ ଆହ୍ୱାନ ଦେଉଛୁ ।

# ବିଏମ୍‌ସିରେ ଜନତାଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାପାଇଁ କମିଶନର ଶୁଣିଲେ ଅଭିଯୋଗ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାପାଇଁ ପଦକ୍ଷେପ ନିଆଯାଇଛି । ଏହି ପଦକ୍ଷେପ ସ୍ୱରୂପ ସୋମବାର ଅନୁଷ୍ଠିତ ଜନଶୁଣାଣିରେ ମୋଟ୍ ୨୨ଟି ଅଭିଯୋଗ ଆସିଥିଲା । ଏସମସ୍ତ ଅଭିଯୋଗ ଶୁଣାଣି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍ କରିଥିଲେ । ଏହି ଅଭିଯୋଗ ଶୁଣାଣି ଅବସରରେ ଅତିରିକ୍ତ କମିଶନର ଘାସିରାମ ମୁର୍ମୁ ସହକାରୀ କମିଶନର ଏନ. ଗଣେଶ ବାବୁଙ୍କ ସମେତ ସହଯୋଗୀ କର୍ମଚାରୀମାନେ ଉପସ୍ଥିତ ଥିଲେ । ଲୋକମାନଙ୍କ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ପାଇଁ କମିଶନର ସମସ୍ତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଏମ୍‌ସିର ହସ୍ତଗତ ହୋଇଥିବା ସମୁଦାୟ ୨୨ଟି ଅଭିଯୋଗ ମଧ୍ୟରୁ ୫ଟି ଜଳବନ୍ଦୀ ଜନିତ, ୩ଟି ଡ୍ରେନ୍ ନିର୍ମାଣ ଜନିତ, ୩ଟି ଜବରଦଖଲ ଜନିତ, ୨ଟି ସାମାଜିକ ସୁରକ୍ଷା ଏବଂ ଷ୍ଟ୍ରିଟ୍ ଲାଇଟ୍ ଜନିତ, ଗୋଟିଏ ପ୍ଲାନିଂ ଏବଂ ୬ଟି ଅନ୍ୟାନ୍ୟ ଅଭିଯୋଗ ହସ୍ତଗତ ହୋଇଥିଲା । ଅଭିଯୋଗକାରୀମାନେ ସିଧାସଳଖ କର୍ତ୍ତୃପକ୍ଷଙ୍କୁ ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ । ନାଗରିକମାନଙ୍କର ଅଭିଯୋଗ ଶୁଣିବା ପରେ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ କମିଶନର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ବିଏମ୍‌ସି ପକ୍ଷରୁ ନିୟମିତ ଭାବେ ଅଭିଯୋଗ ଗ୍ରହଣ ଏବଂ ସମାଧାନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ୨୦୨୩ ଏପ୍ରିଲ୍‌ରୁ ୨୦୨୪ ଏପ୍ରିଲ୍ ମଧ୍ୟରେ ସମୁଦାୟ ୨୬ ହଜାର ୨୭୯ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୨୫ ହଜାର ୧୩୭ଟି ଅଭିଯୋଗର ସମାଧାନ କରାଯାଇଛି । ତେବେ ୩୦ ଜୁନ୍ ୨୦୨୪ ସୁଧା ରହିଥିବା ସମୁଦାୟ ୧୧୪୨ଟି ଅଭିଯୋଗ ଶୁଣାଣିର ପ୍ରକ୍ରିୟା ଚାଲୁରହିଛି । ମୁଖ୍ୟତଃ ଷ୍ଟ୍ରିଟ୍ ଲାଇଟ୍, ନିର୍ମାଣ, ପ୍ଲାନିଂ, ପରିମଳ ଇତ୍ୟାଦି ଜନିତ କାମ ଚାଲୁ ରହିଥିବାରୁ ସମସ୍ୟା ସମାଧାନ କାର୍ଯ୍ୟ ପାଇଁ ବିଳମ୍ବ ହେଉଥିବା କୁହାଯାଇଛି । କେତେକ କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ପାଇଁ ମଧ କାମ ଆଗେଇ ପାରୁନାହିଁ ବୋଲି କୁହାଯାଇଛି । ବିଏମ୍‌ସିର ଅଭିଯୋଗ ଶୁଣାଣି ନିମନ୍ତେ ବିଭିନ୍ନ ପ୍ରକାରର ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି । ରହିଥିବା ବ୍ୟବସ୍ଥା ମଧ୍ୟରେ ମାଗଣାରେ ୧୯୨୯କୁ କଲ୍ କରିବା, ଭୁବେନଶ୍ୱର-ମି, ସିଟିଜେନ୍ ପୋର୍ଟାଲ୍ ମାଧମରେ ଜଣାଇପାରିବେ । ଏହାଦ୍ୱାରା ଅନେକ ଅଭିଯୋଗର ସମାଧାନ ହୋଇପାରୁଛି ଏବଂ ବିଭିନ୍ନ ସୂଚନା ନାଗରିକ ମାନଙ୍କୁ ମିଳିପାରୁଛି । ଏପରିକି ଅଭିଯୋଗର ସ୍ଥିତି ମଧ ଜାଣିହେଉଛି ବୋଲି କହିଛନ୍ତି ବିଏମ୍‌ସି ଅଭିଯୋଗ ପ୍ରକୋଷ୍ଠ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କମିଶନର ଏନ.ଗଣେଶ ବାବୁ ।

# ନଥି କମ୍ ଶିକ୍ଷାଦାନ ଅଧିକ ଜରୁରୀ:ଉପମୁଖ୍ୟମନ୍ତ୍ରୀ

**ପୁରୀ, ନ୍ୟୁଜ୍ ବ୍ୟୁରୋ**



ଦେଶ ଓ ଜାତିକୁ ଶ୍ରେଷ୍ଠ ଭାବେ ଗଢିତୋଳିବାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା ଅବର୍ଣ୍ଣନୀୟ । ସେମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରାଯିବା ସହ ଶିକ୍ଷାନୁଷ୍ଠାନରେ ଥିବା ସମସ୍ୟା ଗୁଡ଼ିକର ଉପଯୁକ୍ତ ଭାବରେ ସମାଧାନ କରାଗଲେ ନିଶ୍ଚିତ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସୋମବାର ପୁରୀ ଟାଉନ ହଲ୍ ଠାରେ ଜିଲ୍ଲାର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏକଦିବସୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ଗତ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ପୁରୀ ଜିଲ୍ଲାର ସମୁଦାୟ ୧୧୬ଜଣ ଏ-୧ ପ୍ରାପ୍ତ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଶ୍ରୀମତୀ ପରିଡା ଶ୍ରୀଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶିକ୍ଷା କୌଣସି ଜାତିବା ରାଷ୍ଟ୍ରକୁ ଶ୍ରେଷ୍ଠ କରିବାର ମୁଖ୍ୟ ଆଧାର । ଯିଏ ଯେଉଁ ପଦବୀରେ ଥିଲେ ମଧ ତାହାର ଉତ୍ସ ଶିକ୍ଷା । ତେଣୁ ରାଜନୈତିକ ବିଚାର ଧାରାରୁ ଉର୍ଦ୍ଧ୍ୱରେ ରହି ଶିକ୍ଷାର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ବିଧାୟକ କାକଟପୁର ତୁଷାରକାନ୍ତି ବେହେରା, ବିଧାୟକ ପୁରୀ ସୁନିଲ କୁମାର ମହାନ୍ତି, ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ବିଧାୟକ ସତ୍ୟବାଦୀ ଓମ୍ ପ୍ରକାଶ ମିଶ୍ର, ବିଧାୟକ ବ୍ରହ୍ମଗିରି ଉପାସନା ମହାପାତ୍ର ଉପସ୍ଥିତ ରହି ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ଏ-୧ ପାଇଥିବା ୧୧୬ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ସହ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରଦାନ କରି ସେମାନଙ୍କୁ ଶୀର୍ଷତମ ଶିଖରରେ ଉପନିତ କରାଇ ପାରିଥିବା ୭ ଜଣ ଶିକ୍ଷକ ମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା । ପ୍ରତ୍ୟେକ ବିଦ୍ୟାଳୟର ଦଶମ ଶ୍ରେଣୀରେ ଏନ୍ ରୋଲମେଣ୍ଟ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୧୦% କିପରି ଏ-୧ ପାଇବେ ଓ ପ୍ରତ୍ୟେକ ବିଦ୍ୟାଳୟ ପାସ୍ ହାର ୧୦୦% ହେବ ସେ ବିଷୟରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତାଲିମ ଦେଇ ଉତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଣୁ ପୂର୍ବରୁ ପଦକ୍ଷେପ ନିଆଯାଇ ବିଭିନ୍ନ ଦକ୍ଷ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପିପିଟି ମାଧମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଷୟରେ ଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଥିଲା ।

# ଦନ୍ତା ହାତୀ ଆକ୍ରମଣରେ ଜଣେ ମୃତ

**କୋଇଡ଼ା, ନ୍ୟୁଜ୍ ବ୍ୟୁରୋ**

କୋଇଡ଼ା ବନଖଣ୍ଡ ଅନ୍ତର୍ଗତ କାଲଟା ରେଞ୍ଜରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି । ସୋମବାର ସକାଳେ କାଲଟା ନିକଟ ଝିରପାଣି ଗ୍ରାମର ସାମୁଏଲ୍ ଆଇନ୍ଦ (୪୮) ଗାଁ ନିକଟ ନାଳକୁ ଶୌଚ ହେବାକୁ ଯାଉଥିବା ବେଳେ ଏକ ଦନ୍ତା ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ହାତୀଟି ସାମୁଏଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବରପାଇ କୋଇଡ଼ା ବଡ଼ କର୍ମଚାରୀ ଓ କୋଇନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩।୭।୨୦୨୪, ଆଷାଢ ଦି୨୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୫।୧୨।୦୯** **ଚନ୍ଦ୍ରୋଦୟ- ରାଘ ୩।୧୬।୧୩**

**ଦ୍ୱାଦଶୀ-** ପ୍ରାଘ ୭।୧୧ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ରାଘ ୪।୦୮ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ପ୍ରାଘ ୭।୧୧ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୪ ଗତେ ଘ ୮।୩୩ ମଧ୍ୟେ । ଦିଘ ୨।୦୩ ଗତେ ଘ ୫।୩୩ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଅଣସର ଦ୍ୱାଦସୀ ।



**ମେଷ:** କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ଦେହ ସାମାନ୍ୟ ପୀଡ଼ା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମହିଳାମାନେ ସୁଖୀ ହେବେ ।



**ବୃଷ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ । ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ବଢ଼ିବାର ସୂଚନା । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମନ ଭଲ ରହିବ ।



**ମିଥୁନ:** ମନରେ ସରସତା ଆସିବ । କିନ୍ତୁ ଅପରାହ୍ନ ପରେ ଦୁଶ୍ଚିନ୍ତା ବୃଦ୍ଧି । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଦେହ ଭଲ ରହିବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଯଶସ୍ୱୀ ହେବାର ଆଶା ।



**କର୍କଟ:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆୟ ଅପେକ୍ଷା ବ୍ୟୟର ପରିମାଣ ବଢ଼ିବ । ନୂତନ ଦ୍ରବ୍ୟ ଲାଭ କରିବେ ବା ସୁଯୋଗ ସୃଷ୍ଟି ହେବ । ପାରିବାରିକ ଆନନ୍ଦ ପ୍ରାପ୍ତି କରିବେ । ମହିଳାମାନେ ସୁଖୀ ହେବେ ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ବଢ଼ିବ । ମାଲିମୋକଦ୍ଦମାରେ ବିଜୟ ହାସଲ କରିବେ । ଶରୀର ସୁସ୍ଥ ରହିବ । ସୁସମ୍ବାଦ ଲାଭ କରିବେ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ଯୋଗ ମଧ ରହୁଛି ।



**କନ୍ୟା:** ଧର୍ମ ମାର୍ଗରେ ମନ ନିବେଶ କରିବେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରୁହନ୍ତୁ । ମାନସିକ ଅଶାନତିର ଅବସାନ ଘଟିବ । ରୋଜଗାର ସ୍ଥିର ରହିବ । ପରିବାରରେ ସୁଖ ଶାନତି ଅବ୍ୟାହତ ରହିବାର ସୂଚନା ।



**ତୁଳା:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହୋଇପାରନ୍ତି । ବିବାଦୀୟ ଓ ବିତର୍କ କ୍ଷେତ୍ରରୁ ଦୂରେଇ ରୁହନ୍ତୁ । ଘରେ ଶାନ୍ତି ରହିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମନ ଅସ୍ଥିର ରହିବ ।



**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବ୍ୟବସାୟ କ୍ଷତିରେ ଚାଲିପାରେ । ଖର୍ଚ୍ଚର ପରିମାଣ ବୃଦ୍ଧି ହେବ । ଘରେ ଅଶାନ୍ତି ଓ କଳହ ଦେଖାଦେବାର ସୂଚନା । ମହିଳାମାନେ ଗର୍ବୀ ହେବେ ।



**ଧନୁ:** କାର୍ଯ୍ୟକ୍ଷେତ୍ରରେ ସୁଫଳ ଲାଭ କରିବେ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଆୟର ପରିମାଣ ସ୍ଥିର ରହିବ । ବନ୍ଧୁ ଦର୍ଶନର ସୁଯୋଗ ।



**ମକର:** ଉତ୍ସାହ ସହକାରେ ସମସ୍ତ କାର୍ଯ୍ୟ କରି ଚାଲିବେ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଘରେ ଆନନ୍ଦ ଦେଖାଦେବ । ରୋଜଗାର ଭଲ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇ ଚାଲିବେ ।



**କୁମ୍ଭ:** ଶାରୀରିକ ଅସୁସ୍ଥତା ହେତୁ ସାମାନ୍ୟ ଚିନ୍ତିତ ହେବେ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ରୋଜଗାର ମଧ୍ୟମ ଧରଣର ହେବ । ଘରେ ଅସନ୍ତୋଷ ଦେଖାଦେବ ।



**ମୀନ:** ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ମନ ଭଲ ରହିବ ।

# ନକଲି ବିଦେଶୀ ମଦ ତିଆରିର ଯାଞ୍ଚ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କଟକରେ ନକଲି ବିଦେଶୀ ମଦ ତିଆରି ପ୍ରସଙ୍ଗରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କଟକରେ ନକଲି ବିଦେଶୀ ମଦ ତିଆରି ପ୍ରସଙ୍ଗରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଏହି ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ଅବକାରୀ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କେବଳ କଟକ ନୁହେଁ, ସାରା ରାଜ୍ୟରେ ନକଲି ମଦ କାରବାର ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୪।୭।୨୦୨୪, ଆଷାଢ ଦି୨୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୧୨।୨୯** **ଚନ୍ଦ୍ରୋଦୟ- ରାଘ ୪।୧୩।୦୮**

**ତ୍ରୟୋଦଶୀ-** ପ୍ରାଘ ୫।୫୪ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ରାଘ ୩।୫୫ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଦିଘ ୩।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୩।୫୮ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । ଦିଘ ୩।୫୮ ଗତେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ପ୍ରାଘ ୫।୫୪ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୬ ଗତେ ଘ ୬।୦୮ ମଧ୍ୟେ । ଦିଘ ୯।୪୦ ଗତେ ଘ ୧୧।୨୪ ମଧ୍ୟେ । **ପର୍ବୋତ୍ସବ-** ଶିବୋପାସ ବେଢ଼ା ପରିକ୍ରମା ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ମହଙ୍ଗା ହେବ ରେଳଯାତ୍ରା

ଭାରତୀୟ ରେଲୱେରେ ଏବେ ଯାତ୍ରା କରିବା ମହଙ୍ଗା ହେବ। କାରଣ ରେଲୱେ ବୋର୍ଡ ପକ୍ଷରୁ କୁଲିଙ୍କର ମଜୁରୀ ବଢ଼ାଯାଇଛି। ବହୁ ବର୍ଷ ପରେ ରେଲୱେ ବୋର୍ଡ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। କୁଲିଙ୍କର ଆର୍ଥିକ ସ୍ଥିତିରେ ସୁଧାର ପାଇଁ ଏଭଳି ନିଷ୍ପତ୍ତି ରେଲୱେ ବୋର୍ଡ ପକ୍ଷରୁ ନିଆଯାଇଛି। ରେଲୱେ ବୋର୍ଡ ପକ୍ଷରୁ କୁଲିଙ୍କୁ ମଧ୍ୟ ରେଳ କର୍ମଚାରୀଙ୍କ ଭଳି ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ପ୍ରାୟ ୫ ବର୍ଷ ପରେ ରେଲୱେ ବୋର୍ଡ ସାମଗ୍ରୀ ପରିବହନ କରୁଥିବା କୁଲିଙ୍କର ମଜୁରୀ ବୃଦ୍ଧି କରାଯାଇଛି। ଦେଶର ସମସ୍ତ ୬୮ ରେଲୱେ ଡିଭିଜନରେ ଏହା ଲାଗୁ କରାଯିବ। ନୂଆ ନିୟମ ଅନୁସାରେ କୁଲିଙ୍କୁ ଏବେ ୪୦ କିଲୋଗ୍ରାମ୍ରୁ ଅଧିକ ଓଜନର ସାମଗ୍ରୀ ପରିବହନ ପାଇଁ ୩୪୦ ଟଙ୍କା ମଜୁରୀ ଦେବାକୁ ପଡ଼ିବ। ପୂର୍ବରୁ ଏହା ୨୫୦ ଟଙ୍କା ଥିଲା। ସେହିପରି ଷ୍ଟ୍ରେଚରରେ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ନେବା ପାଇଁ ମଜୁରୀ ୨୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏହା ୨୦୦ ଟଙ୍କା ଥିଲା। ସେହିପରି ହ୍ୱିଲ୍ ଚେୟାରରେ ବୟସ୍କ ବ୍ୟକ୍ତି ବିଶେଷଙ୍କ ନେବା ପାଇଁ ମଜୁରୀ ଏଣିକି ୧୮୦ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହା ୧୩୦ ଟଙ୍କା ଥିଲା। ନୂଆ ମଜୁରୀ ଦର ଦେଶର ସମସ୍ତ ରେଲୱେ ଷ୍ଟେସନରେ ଲାଗୁ ହେବ। 'ଏ-୧' ଏବଂ 'ଏ' ବର୍ଗର ରେଲୱେ ଷ୍ଟେସନରେ ଏହି ନୂଆ ମଜୁରୀ ଲାଗୁ ହେଉଥିବା ବେଳେ ଛୋଟ ଷ୍ଟେସନରେ ମଜୁରୀ କମ୍ ରହିବ। ରେଲୱେ ବୋର୍ଡ ପକ୍ଷରୁ କୁଲିଙ୍କ ପାଇଁ ଆୟୁଷ୍ମାନ କାର୍ଡ ଉପଲବ୍ଧ କରାଯାଉଛି। ଯାହାଦ୍ୱାରା ସେମାନଙ୍କ ପରିବାର ମାଗଣା ଚିକିତ୍ସା ସୁବିଧା ପାଇ ପାରିବେ। କୁଲିଙ୍କ ପାଇଁ ବିଶ୍ରାମ କକ୍ଷ ଉପଲବ୍ଧ କରାଯାଉଥିବା ବେଳେ ସେମାନଙ୍କ ସନ୍ତାନମାନଙ୍କ ପାଇଁ ମାଗଣା ଶିକ୍ଷାଦାନ ଏବଂ ବର୍ଷକୁ କୁଲିଙ୍କୁ ୩ ଟଟ ଲାଲ୍ ସର୍ଟ ଏବଂ ଶୀତରୁ ରକ୍ଷା ପାଇବା ପାଇଁ ଗୋଟିଏ ସ୍ୱେଟର ଲାଲ୍ ସର୍ଟ ମଧ୍ୟ ପ୍ରଧାନ କରାଯାଇଥାଏ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**


ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

# ଅସମାହିତ ପ୍ରଶ୍ନ

ବାଲ୍ମୀକି ପାତ୍ର
ମୋ-୯୯୩୭୮୨୪୩୩୪

ମହାଭାରତ ଯୁଦ୍ଧରେ ସମସ୍ତେ ଆଶା ଆଶଙ୍କାରେ ଥିଲେ। ପ୍ରତ୍ୟେକଙ୍କ ମନରେ ଗୋଟିଏ ପ୍ରଶ୍ନ ଥିଲା ଜିତାପଟ ହେବ କାହାର ? ମହାମାନି ଦୁର୍ଯ୍ୟୋଧନଙ୍କ ଅହଙ୍କାରର ବିଜୟ ହେବ କିମ୍ବା ଧର୍ମରାଜ ଯୁଧିଷ୍ଠିରଙ୍କ ଧର୍ମର ବିଜୟ ହେବ ?
ସେ ଯାହା ହେଉ ଏଇମିତି ଆଶା ଆଶଙ୍କା ଭିତରେ ଯୁଦ୍ଧ ସରିଗଲା ଏବଂ ପରିଶେଷରେ ପାଣ୍ଡବଙ୍କ ବିଜୟ ହେଲା। ପାଣ୍ଡବମାନେ ବିଜୟ ମୁକୁଟ ପିନ୍ଧି ବେଶ ଉତ୍ସାହିତ ଥିଲେ। ତେବେ ମନରେ ଟିକେ ଗର୍ବ ବଢି ଯାଇଥିଲା ଏବଂ ପରସ୍ପର ନିଜ ନିଜର ବିଜୟର ଶ୍ରେୟ ନେବାପାଇଁ ବିଜୟ ମୋ ଲାଗି ସମ୍ଭବ ହେଲା ବୋଲି କହି ବୁଲିଲେ। ସମସ୍ତେ ନିଜ ନିଜକୁ ମୁଁ ବଡ଼..ମୁଁ ବଡ଼.. କହିବା ଆରମ୍ଭ କଲେ।
ତେବେ ବିଜୟର ଶ୍ରେୟ ପ୍ରକୃତରେ କିଏ ପାଇବା କଥା ତା'ପାଇଁ ଅଙ୍କ କଷା ଆରମ୍ଭ ହେଲା ଏବଂ ସାକ୍ଷୀ ଖୋଜା ପଡିଲା। କୃଷ୍ଣ କହିଲେ ଚାଲ ଯୁଦ୍ଧ ଭୂମିର ବିଜୟ ସ୍ତମ୍ଭ ଉପରେ ଥିବା ଏହି ମୁଣ୍ଡକୁ ପଚାରିବା ପ୍ରକୃତରେ ଏହି ବିଜୟ କାହା ଲାଗି ସମ୍ଭବ ହେଲା ? କଟାମୁଣ୍ଡ ଯାହା କହିଲା ସେଥିରେ ସମସ୍ତେ ଆଶ୍ଚର୍ଯ୍ୟ ଆଉ ଲଜ୍ଜିତ ଅନୁଭବ କଲେ। ଉତ୍ତର ଥିଲା ' ମୁଁ ଯୁଦ୍ଧରେ ଯାହା ଦେଖିଲି, ପ୍ରତ୍ୟେକ ଯୋଦ୍ଧା ପରସ୍ପର ଲଢେଇ କରୁଥିଲେ କିନ୍ତୁ ଫଳ ଶୂନ ଥିଲା। କିନ୍ତୁ କେବଳ ଶଙ୍ଖ ଆଗରେ ଫୁଙ୍କି ଫୁଙ୍କି ଚାଲିଥିଲା ଆଉ ଚକ୍ର ଘୁରି ଘୁରି ସମସ୍ତଙ୍କୁ ମାରି ଚାଲିଥିଲା। ଫଳତଃ ବିଜୟ ସମ୍ଭବ ହେଲା। ଭୀମ ଉତ୍କ୍ଷିପ୍ତ ହୋଇ ଗଦା ପ୍ରହାର କରି କଟା ମୁଣ୍ଡଟିକୁ ଛତୁ କରିଦେଲା। କିନ୍ତୁ କଥାଟି ସତ ଥିଲା।
କଟା ମୁଣ୍ଡଟି ବେଲାଲସେନର ଥିଲା। ସେ ପୁରା ଯୁଦ୍ଧକୁ ଦେଖିଥିଲା ତେଣୁ ସତ କହିଲା। ତେବେ ଏଇ ସଜ ସଜ ସରିଥିବା ନିର୍ବାଚନ ଯୁଦ୍ଧରେ ସେଇ ବେଲାଲସେନର ମୁଣ୍ଡ ଖୋଜା ଚାଲିଛି ଯିଏ ସତ କହିପାରିବ।
ଯୁଧିଷ୍ଠିର କିଏ ? ଦୁର୍ଯ୍ୟୋଧନ କିଏ ? କୃଷ୍ଣ କିଏ ? ଶକୁନି କିଏ ? ବେଲାଲସେନ କିଏ ? ଆଉ ତାର କଟା ମୁଣ୍ଡ କୋଉଠି ଅଛି ? ଏ ସବୁ ଅସମାହିତ ପ୍ରଶ୍ନର ଉତ୍ତର ମିଳିବ ତ ?

# ମହାକାଳ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଶ୍ରୀମଦ୍ଭଗବତ୍‌ଗୀତାର ଏକାଦଶ ଅଧ୍ୟାୟରେ ବିଶ୍ୱରୂପ ଯୋଗର ୩୧ ଶ୍ଳୋକରେ ଅର୍ଜୁନ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ-

**ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ
ନମୋଽସ୍ତୁ ତେ ଦେବବର ପ୍ରସୀଦ।
ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ ନ ହି
ପ୍ରଜାନାମି ତବ ପ୍ରବୃତ୍ତିମ୍। ।।୩୧।।**

**ଅନ୍ୱୟ:**
ମେ=ମୋତେ; ଆଖ୍ୟାହି=କହନ୍ତୁ; ଭବାନ୍=ଆପଣ; ଉଗ୍ରରୂପଃ=ଉଗ୍ରରୂପଧାରୀ; କଃ=କିଏ; ଦେବବର=ହେ ଦେବଶ୍ରେଷ୍ଠ; ତେ=ଆପଣଙ୍କୁ; ନମଃ=ନମସ୍କାର; ଅସ୍ତୁ=ହେଉ; ପ୍ରସୀଦ=ପ୍ରସନ୍ନ ହୁଅନ୍ତୁ; ଆଦ୍ୟମ୍=ଆଦିପୁରୁଷ; ଭବନ୍ତମ୍=ଆପଣଙ୍କୁ; ବିଜ୍ଞାତୁମ୍=ବିଶେଷରୂପେ ଜାଣିବାକୁ; ଇଚ୍ଛାମି=(ମୁଁ) ଚାହୁଁଛି; ହି=କାରଣ; ତବ=ଆପଣଙ୍କ; ପ୍ରବୃତ୍ତିମ୍=ପ୍ରବୃତ୍ତିକୁ; ନ ପ୍ରଜାନାମି=ଜାଣିପାରୁ ନାହିଁ।

**ଅର୍ଥ:**
ହେ ଭଗବାନ୍! ଏପରି ଉଗ୍ରରୂପଧାରୀ ଆପଣ କିଏ ? କୃପା କରି ମୋତେ କହନ୍ତୁ। ହେ ଦେବଶ୍ରେଷ୍ଠ! ଆପଣଙ୍କୁ ନମସ୍କାର। ଆପଣ ପ୍ରସନ୍ନ ହୁଅନ୍ତୁ। ଆଦିପୁରୁଷ ଆପଣଙ୍କୁ ମୁଁ ବିଶେଷରୂପେ ଜାଣିବାକୁ ଚାହୁଁଛି; କାରଣ ମୁଁ ଆପଣଙ୍କର ପ୍ରବୃତ୍ତିକୁ ଜାଣିପାରୁ ନାହିଁ। ।।୩୧।।

ଅର୍ଥାତ୍ ଅର୍ଜୁନ ଜାଣିଥିଲେ ଯେ ଭଗବାନ୍ ଶ୍ରୀକୃଷ୍ଣ ଯୋଗଶକ୍ତିଦ୍ୱାରା ନିଜର ରୂପ ଦେଖାଉଛନ୍ତି। କିନ୍ତୁ ସେପରି ଭୟଙ୍କର ରୂପ ଦେଖି ଭୟରେ ସେ ପଚାରିଥିଲେ, "ଆପଣ କିଏ ?" ସେପରି ରୂପ ସେ କିପରି ଧାରଣ କରିଛନ୍ତି ତାହା ଜାଣିବାକୁ ତାଙ୍କର ବିଶେଷ ଇଚ୍ଛା ହୋଇଥିଲା। ଭଗବାନଙ୍କର ସେହି ରୂପ ଏପରି ଭୟଙ୍କର ଥିଲା ଯେ ଉଭୟ ପକ୍ଷର ଯୋଦ୍ଧାମାନେ ପ୍ରତ୍ୟେକ ନିଜକୁ ନଷ୍ଟ ହୋଇଯାଉଥିବାର ଦୃଶ୍ୟ ଦେଖୁଥିଲେ। ଭଗବାନ୍ ଶ୍ରୀକୃଷ୍ଣଙ୍କର ସେହି ରୂପକୁ ଦେଖି ସ୍ତବ୍ଧ ହୋଇଯାଇଥିଲେ ଅର୍ଜୁନ। ଦୁଇ କର ଯୋଡ଼ି ସେହି ରୂପର ରହସ୍ୟ ଉନ୍ମୋଚିତ କରିବା ନିମନ୍ତେ ସେ ତାଙ୍କୁ ବିନମ୍ର ଭାବେ ଏପରି କଥା ପଚାରିଛନ୍ତି। ଅର୍ଜୁନଙ୍କର ସେପରି ଉଦ୍‌ବେଗ ଦେଖି ଭଗବାନ୍ ଶ୍ରୀକୃଷ୍ଣ ପରବର୍ତ୍ତୀ ଶ୍ଳୋକରେ ତାହାକୁ ବିଶ୍ଳେଷଣ କରି କହିଛନ୍ତି-

**କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ।
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ
ଯୋଧାଃ। ।୩୨।**

**ଅନ୍ୱୟ:**
ଲୋକକ୍ଷୟକୃତ୍=(ମୁଁ) ଲୋକମାନଙ୍କର ବିନାଶକାରୀ; ପ୍ରବୃଦ୍ଧଃ କାଳଃ=ପ୍ରବୃଦ୍ଧ ମହାକାଳ; ଅସ୍ମି=ଅଟେ; ଇହ=ଏହି ସମୟରେ; ଲୋକାନ୍=ଲୋକମାନଙ୍କୁ; ସମାହର୍ତ୍ତୁମ୍=ବିନାଶ କରିବା ନିମନ୍ତେ; ପ୍ରବୃତ୍ତଃ=ପ୍ରବୃତ୍ତ ହୋଇଛି (ତେଣୁ); ଯେ= ଯେଉଁମାନେ; ପ୍ରତ୍ୟନୀକେଷୁ=ଶତ୍ରୁପକ୍ଷର ସେନାରେ; ଅବସ୍ଥିତାଃ=ସ୍ଥିତ; ଯୋଧାଃ=ଯୋଦ୍ଧାମାନେ ଅଛନ୍ତି; (ତେ)=ସେହି; ସର୍ବେ=ସମସ୍ତେ; ତ୍ୱାମ୍ ଋତେ ଅପି=ତୁମେ ଯୁଦ୍ଧ ନ କଲେ ମଧ୍ୟ; ନ ଭବିଷ୍ୟନ୍ତି=ରହିବେ ନାହିଁ ଅର୍ଥାତ୍ ସମସ୍ତଙ୍କର ନିଶ୍ଚୟ ବିନାଶ ହେବ।

**ଅର୍ଥ:**
ଶ୍ରୀଭଗବାନ୍ କହିଲେ- ମୁଁ ହେଉଛି ଲୋକମାନଙ୍କର ବିନାଶକାରୀ ପ୍ରବୃଦ୍ଧ କାଳ। ଏହି ସମୟରେ ଲୋକମାନଙ୍କୁ ବିନାଶ କରିବା ପାଇଁ ମୁଁ ପ୍ରବୃତ୍ତ ହୋଇଛି। ଏଣୁ ତୁମ ଶତ୍ରୁପକ୍ଷର ସେନାରେ ଯେଉଁ ଯୋଦ୍ଧାମାନେ ଅଛନ୍ତି, ସେ ସମସ୍ତେ ବିନାଶ ହୋଇଯାଇଛନ୍ତି, ତୁମେ ଯୁଦ୍ଧ ନ କଲେ ମଧ୍ୟ, ସେମାନେ ରହିବେ ନାହିଁ ଅର୍ଥାତ୍ ସମସ୍ତଙ୍କର ବିନାଶ ହୋଇଯିବ।
ଭଗବାନ୍ ଶ୍ରୀକୃଷ୍ଣ ଏଥିରେ କହିଛନ୍ତି ଯେ ସେ ସମସ୍ତ ଜୀବମାନଙ୍କର ସ୍ରଷ୍ଟା, ପାଳନକର୍ତ୍ତା ଓ ସଂହାରକାରୀ ମଧ୍ୟ। ପୂର୍ବବର୍ତ୍ତୀ ଶ୍ଳୋକରେ ତାଙ୍କର ପ୍ରବୃତ୍ତି ସମ୍ପର୍କରେ ଯେଉଁ ପ୍ରଶ୍ନ ଅର୍ଜୁନ ଜାଣିବାକୁ ଚାହିଁଥିଲେ ତାହାର ଉତ୍ତରରେ ଭଗବାନ କହିଛନ୍ତି ଯେ ସେଠାରେ ସେ ନିଜେ ସମସ୍ତ ଲୋକମାନଙ୍କର ବିନାଶକାରୀ ଭାବେ ଦଣ୍ଡାୟମାନ। ହେ ଅର୍ଜୁନ ! ତୁମେ ସେମାନଙ୍କୁ ବଧ ନ କରିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କର ଆଗରୁ ମୃତ୍ୟୁ ହୋଇସାରିଛି। ସେମାନେ ଏହି ଧରାଧୂଳିରେ କଦାପି ରହିବେ ନାହିଁ। ଆତ୍ମୀୟସ୍ୱଜନମାନଙ୍କୁ ଦେଖି ତୁମ ମନରେ ଯେପରି ଭାବନା ଆସିଯାଇଛି ତାହା ହେବା ଆଦୌ ଉଚିତ ନୁହେଁ। ମୁଁ ଯେତେବେଳେ ସେମାନଙ୍କୁ ବିନାଶ କରିବାକୁ ଇଚ୍ଛା କରିସାରିଛି, ସେମାନଙ୍କୁ ଶରଣ ଦେବାକୁ ମଧ୍ୟ କେହି ଆସିବେ ନାହିଁ। ତେଣୁ ତୁମେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଅ। ମୋ କଥା ମାନି ଯୁଦ୍ଧରେ ଆଗେଇଯିବା ଉଚିତ ହେବ। ତେଣୁ ଶତ୍ରୁପକ୍ଷର ସମସ୍ତ ଯୋଦ୍ଧା ମରିସାରିଲେଣି। ତୁମେ ଯୁଦ୍ଧ ନ କଲେ ମଧ୍ୟ ସେମାନେ ମରିଯିବେ। ନିଜକୁ କାଳ ଭାବରେ ବିହିତ କରାଇଥିବାରୁ ସେ ହେଉଛନ୍ତି ସର୍ବମୟ କର୍ତ୍ତା। ମୈତ୍ରାୟଣୀ ଉପନିଷଦ ଅନୁସାରେ ସମସ୍ତ ଜୀବଙ୍କର ସ୍ରଷ୍ଟା ହେଉଛନ୍ତି କାଳ। ସେମାନଙ୍କର ବୃଦ୍ଧି ଓ ଅନ୍ତ ମଧ୍ୟ ସେହି କାଳରେ ହୋଇଥାଏ ଯାହାକି ରୂପରହିତ। ସୃଷ୍ଟିରେ ସେହି କାଳ ହିଁ ସର୍ବଦା ଏକମାତ୍ର ଜାଗ୍ରତ। କାଳ ଅଜେୟ। ପୁଣି ତାହା ଆଦିତ୍ୟ ବା ସୂର୍ଯ୍ୟଙ୍କର ଗତି। ଏହା ଅନନ୍ତ। ଯାହାର ଦୂରତାକୁ ମପାଯାଇ ପାରେନାହିଁ କି ବଶ ମଧ୍ୟ କେହି କରିନଥାନ୍ତି।
ଶ୍ରୀଜଗନ୍ନାଥଙ୍କର ରୂପ କଳ୍ପନା ମଧ୍ୟ ଏପରି କାଳକୁ ନେଇ ହୋଇଥିବାର ଅନ୍ୟ ଏକ ଯୁକ୍ତି ରହିଛି। ତାଙ୍କର ଗୋଡ଼ ନାହିଁ- ତେଣୁ ତିଳେ ମାତ୍ର ଘୁଞ୍ଚିବାର କ୍ଷମତା ନଥିଲେ ମଧ୍ୟ ସେ ସର୍ବତ୍ର ବିଦ୍ୟମାନ। ହାତ ନଥିବାରୁ କାହାକୁ ସାହାଯ୍ୟ କରିପାରୁନାହାନ୍ତି। କାନ ନଥିବାରୁ ଭକ୍ତଜନମାନଙ୍କର କରୁଣ ପ୍ରାର୍ଥନା ଶୁଣିବାକୁ ସେ ଆଦୌ ସମର୍ଥ ନୁହନ୍ତି। କେବଳ ଦୁଇଟି ବଡ଼ ଚକ୍ଷୁ ରହିଛି। ଯେଉଁଥିରେ କି ଭ୍ରୂଲତା ନାହିଁ। କେବଳ ପ୍ରତିଟି ମୁହୂର୍ତ୍ତରେ ତାଙ୍କ ସୃଷ୍ଟିରେ କ'ଣ ହୋଇଯାଉଛି ତାହାର କେବଳ ସେ ରହିଥାନ୍ତି ସାକ୍ଷୀ। ଭ୍ରୂଲତାର ଚଳନରେ କାଳେ ଚଳନ୍ତି ଡୋଳା କ୍ଷଣକ ପାଇଁ ମୁଦି ହୋଇଯିବ ସେଥିପାଇଁ ତାହା ବି ପ୍ରଭୁଙ୍କ ଶ୍ରୀମୁଖରେ ଅଙ୍କା ଯାଇନାହିଁ। ଓଡ଼ିଆ ବିନ୍ଧାଣୀମାନଙ୍କର ଏପରି ଚମତ୍କାର ପରିକଳ୍ପନାରେ ପରିସ୍ଫୁଟିତ ହୋଇଛନ୍ତି କାଳ। ତାଙ୍କ ସମ୍ପର୍କରେ ସୃଷ୍ଟି ହୋଇଥିବା ଗପସବୁର ଗତି ଏପରି ପରିକଳ୍ପନାରେ ଅପସରି ଯାଇଥାଏ। ତେଣୁ ତାଙ୍କୁ ସ୍ୱୟଂ କାଳରୂପୀ ଭଗବାନ୍ କହିଲେ ଅତ୍ୟୁକ୍ତି ହେବନାହିଁ। କାଳ ରୂପରେ ଏପରି ମତକୁ ଆହୁରି ସ୍ପଷ୍ଟ କରିଥାଏ ତାଙ୍କ ପାଖରେ ରଖାଯାଇଥିବା ସୁଦର୍ଶନ। ଶୈବ ମତରେ ଶିବ ହିଁ ମହାକାଳ। ଶକ୍ତି ଓ ଲିଙ୍ଗକୁ କେତେକ ସ୍ଥାନରେ ମହାକାଳ ରୂପେ ନାମିତ କରାଯାଇ ପୂଜା କରାଯାଏ।
ପୁରାଣମାନଙ୍କରେ ପ୍ରଚଳିତ ଗପରେ ମର୍ଯ୍ୟଦାପୁରୁଷୋତ୍ତମ ଭଗବାନ୍ ଶ୍ରୀରାମଙ୍କୁ କାଳ ଭେଟି ତାଙ୍କୁ ଫେରିଯିବା ସମୟ ଆସିଯାଇଥିବାର ବର୍ଣ୍ଣନା ରାମାୟଣରେ ରହିଛି। ସେହିପରି ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ବ୍ରାହ୍ମଣ ପୁତ୍ରକୁ ଆଣିବା ନିମନ୍ତେ ଆଦିଧାମକୁ ଯାଇଥିବାବେଳେ ମହାବିଷ୍ଣୁ ତାଙ୍କୁ ସ୍ୱସ୍ଥାନକୁ ଫେରିଆସିଯିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବହୁ ପୁଣ୍ୟାତ୍ମାମାନଙ୍କୁ ମୃତ୍ୟୁ ପୂର୍ବରୁ ଯିବାର ସଙ୍କେତ ମଧ୍ୟ ମିଳିଯାଇଥାଏ। ଏପରି ବହୁ ଘଟଣା ଲେଖକର ଦୃଷ୍ଟିକୁ ଆସିଛି। ସଦ୍‌ଗୁରୁ ଠାକୁର ଶ୍ରୀନିଗମାନନ୍ଦଙ୍କ ଜୀବନୀ ପଢ଼ିଲେ ଏପରି ବହୁ ଘଟଣା ଘଟିଯାଇଥିବାର ଜାଣିବାକୁ ମିଳିଥାଏ। ଅନ୍ୟ ଏକ ଯୁକ୍ତିରେ ରହିଛି ଯେ କାଳର ମହାଶକ୍ତି ହେଉଛନ୍ତି କାଳୀ। ଗୋଟିଏ ଜଗତର ସେ କାଳ ରହିଛନ୍ତି ଓ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ଯଦି ସେ ପରିପୂର୍ଣ୍ଣ ତେବେ ତାଙ୍କୁ ମହାକାଳ କହିବାରେ କୌଣସି ବାଧା ନାହିଁ। ତାଙ୍କର ସେହି ମହାଶକ୍ତି ମହାକାଳୀ ରୂପେ ପରିଚିତା। ଯିଏକି ସୃଷ୍ଟି ଧ୍ୱଂସର ପ୍ରତୀକ। ଶିବା ନାମରେ ନାମିତ। ସେହି ମହାଶକ୍ତି କେବଳ ରକ୍ତବୀର୍ଯ୍ୟ ଅସୁରକୁ ହିଁ ମାରିବାକୁ ଆଗେଇ ଯାଇଥାନ୍ତି। ଅର୍ଥାତ୍ ରକ୍ତ ଓ ବୀର୍ଯ୍ୟରେ ଗଠିତ ଜୀବଜଗତର ସେ ହେଲେ ଧ୍ୱଂସକର୍ତ୍ତ୍ରୀ। ଖଣ୍ଡା ଖର୍ପର ପ୍ରଭୃତି ଅସ୍ତ୍ରମାନ ଧାରଣ କରିବା ସହିତ ଦକ୍ଷିଣ ବା ଯମ ଦିଗକୁ ଧ୍ୱଂସକାରିଣୀ ଶକ୍ତି ରୂପରେ ଆଗେଇଯିବାର ଅର୍ଥ ହିଁ ମୃତ୍ୟୁ ଦିଗକୁ ଯାତ୍ରା। ମାତ୍ର ଅପରପକ୍ଷରେ ସେପରି ଧ୍ୱଂସ ହେବା ପରେ ସୃଷ୍ଟିରେ ପୁଣି ସୃଷ୍ଟି ହୋଇଥାନ୍ତି ଜୀବଜଗତ। ଧ୍ୱଂସ ନହେଲେ ସୃଷ୍ଟି ଅସମ୍ଭବ। ଏହିଭଳି ପ୍ରକ୍ରିୟାରେ ଧ୍ୱଂସ ଓ ସୃଷ୍ଟି ଚାଲିଥାଏ। ତାକୁ କେହି ରୋକି ନାହାନ୍ତି କି ପାରିବେ ବି ନାହିଁ। ଏପରି ପ୍ରକ୍ରିୟା ଚିରନ୍ତନ ଓ ଶାଶ୍ୱତ।
ଏହିପରି ଅନ୍ୟ ଏକ ଯୁକ୍ତିରେ ମହାଭାରତର ମହାନାୟିକା ଦ୍ରୌପଦୀ ମହାକାଳୀ ରୂପେ ବିବେଚିତା। ସେ ହେଉଛନ୍ତି ଅଗ୍ନିସମ୍ଭୂତା। କୌଣସି ଯୋନୀରୁ ତାଙ୍କର ଜନ୍ମ ହୋଇନାହିଁ। ସେ ପୁଣି ଭଗବାନ୍ ଶ୍ରୀକୃଷ୍ଣଙ୍କର ମହାଶକ୍ତି ଓ କୃଷ୍ଣା ନାମରେ ପରିଚିତା। ଅର୍ଥାତ୍ ମହାପ୍ରଭୁ ଯାହା କିଛି ଚିନ୍ତା କରିଥାନ୍ତି ବା ବିଧିର ନିର୍ଦ୍ଦିଷ୍ଟତା ଥାଏ ତାହା ତାଙ୍କରି ଇଙ୍ଗିତରେ କ୍ଷଣକରେ ଘଟିଯାଏ। କୌଣସି ଶକ୍ତି ତାଙ୍କୁ ରୋକି ପାରିନାଥାନ୍ତି। ଏପରି ମହାଶକ୍ତି ପୁଣି ପାଣ୍ଡବ ପାଞ୍ଚଭାଇଙ୍କର ପତ୍ନୀ ରୂପେ ବିବେଚିତ ହେଲେ କିପରି ? ଯେତେବେଳେ ପାଣ୍ଡବମାନେ ସ୍ୱଦେହରେ ସ୍ୱର୍ଗବାସ ନିମନ୍ତେ ହିମାଳୟର ବଦରିକା ଯାତ୍ରା କଲେ ଯିବା ବାଟରେ ପ୍ରଥମେ ଦ୍ରୌପଦୀ ଟଳି ପଡ଼ିଲେ। ତାଙ୍କ ପରେ ଟଳି ପଡ଼ିଥିଲେ ଭୀମ, ଅର୍ଜୁନ, ନକୁଳ ଓ ସହଦେବ। ଶେଷରେ ରହିଗଲେ ଧର୍ମରାଜ ଯୁଧିଷ୍ଠିର ଯିଏ କି ସ୍ୱଦେହରେ ସ୍ୱର୍ଗକୁ ଯିବାର ଗପ ମହାଭାରତରେ ଅଛି। କେତେକ ବ୍ରହ୍ମବିଦ୍ୟାବିତ୍‌ମାନଙ୍କ ଯୁକ୍ତିରେ ଦ୍ରୌପଦୀ ହେଉଛନ୍ତି ମୂଳ ପ୍ରକୃତି। ପ୍ରଥମରୁ ମୂଳ ପ୍ରକୃତିର ଅବସାନ ହେବାପରେ ଅନ୍ୟ ସବୁର ସ୍ଥିତି ଆଉ ରହିଲା କେଉଁଠି ? କେବଳ ଧର୍ମ ହିଁ ଏକାକୀ ରହିଯାଏ। ଯାହାକି ଆତ୍ମା ରୂପେ ପରିଚିତ। ଅର୍ଥାତ୍ ଜୀବ ସହ ପରମଙ୍କର ମହାମିଳନ ଓ ତାହା ହିଁ ହୁଏ ଜୀବନର ଶେଷ ଯବନିକା।

# ଚିକିତ୍ସକଙ୍କ ଆଚରଣ



ଇମରେଟସ୍ ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ
ମୋ-୯୫୫୬୭୭୨୨୧୨

(Physician's Regime)
ଜୀବ ଜଗତରେ ବଞ୍ଚିବାର ମୋହ, ଆଗକୁ ବଢ଼ିବାର ପ୍ରଚଣ୍ଡ ଚେଷ୍ଟା, ସୃଷ୍ଟି ପ୍ରାରମ୍ଭରୁ ରହିଆସିଛି। ଉଦ୍ଭିଦ ଜଗତ, ପ୍ରାଣୀ ଜଗତ, ସବୁ କ୍ଷେତ୍ରରେ, ଏହି ସାଧାରଣ ନିୟମରୁ କେହି ଅଲଗା ହୋଇ ରହି ପାରିନି। ଆମେ ଦେଖୁଛେ, ଉଦ୍ଭିଦ ଜଗତରେ, ଗଛ ବଢ଼ିବାରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳେ। ତେବେ ପ୍ରାଣୀ ଜଗତରେ ସେ ଜଗତରୁ କିଛି ଭିନ୍ନ। ପୁଣି ପ୍ରାଣୀ ଜଗତ ମାନଙ୍କ ମଧ୍ୟରେ ପଶୁମାନଙ୍କଠାରୁ ମଣିଷ ମାନଙ୍କ ବଞ୍ଚିବାର ଶୈଳୀ ଭିନ୍ନ। ଅବଶ୍ୟ ପ୍ରତିଦ୍ୱନ୍ଦ୍ୱିତା ନ ରହିଲେ " ବଞ୍ଚିବାର ମାନ' (Struggle for existance) ନିୟମକୁ ଉଲ୍ଲଙ୍ଘନ କରାଯାଇପାରେ, କିନ୍ତୁ ସ୍ୱଭାବତଃ ଅସମ୍ଭବ। ଏହି ପ୍ରସଙ୍ଗରେ କୁହାଯାଇଛି ଜୀବନ ଦର୍ଶନର ଛଅଟି ନିୟମ ଅର୍ଥାତ୍ ଷଡ଼ଦର୍ଶନ ବିଧିରେ ସମୁଦାୟ ଜଗତ ବନ୍ଧା।

**ସ୍ୱଭାବଂ ଈଶ୍ୱରଂ କାଳଂ ଯଦୃଚ୍ଛା
ନିୟତି ତଥା
ପରିଣାମଂ ଚ ମନ୍ୟନ୍ତେ ପ୍ରକୃତି
ପୃଥୁଦର୍ଶନଃ ।।**

ଏ ଯେଉଁ ଛଅଟି କଥାର, ଶାବ୍ଦିକ ଅର୍ଥ ଗୂଢ଼ ହେଲେ ମଧ୍ୟ ସାଧାରଣତଃ ଅର୍ଥ, ନିୟମ ଅନୁସାରେ ଜୀବ ଜଗତର ଆତଯାତ, ଜୀବିତ, ପୀଡ଼ିତ, ସବୁ ହେଉଛି ଯାହା ଯେତେବେଳେ, ହେବାର ଅଛି, ହେଉଛି, ହେବ ସେସବୁ ଈଶ୍ୱରଙ୍କ ନିର୍ଦ୍ଦେଶାନୁସାରେ ସମ୍ଭବ ଇତ୍ୟାଦି; ପରିଣାମ ସବୁ କର୍ମର ଫଳ, ପ୍ରକୃତି ବଶତଃ ସ୍ଥିର ହୋଇଛି, ହେଉଛି ଏବଂ ହେବ। ଏହି ଷଡ଼ଦର୍ଶନରୁ କେହି କେତେବେଳେ ଅଲଗା ରହି ପାରିବେ ନାହିଁ। କିନ୍ତୁ ନିୟମ ଅନୁଗତ ରହି ନିଜର ବୁଦ୍ଧି ବିବେକକୁ ଉପଯୋଗ କରି ସିଦ୍ଧ ଆଚରଣ କଲେ, ମଣିଷ ଦେବତ୍ୱର ପରିଣତ ହେବାବେଳେ, ସେହି ମଣିଷ ଅସିଦ୍ଧ ଆଚରଣ ଦ୍ୱାରା ପଶୁରେ ପରିଣତ ହୋଇଥାଏ। ମଣିଷ ଏବଂ ପଶୁ ମଧ୍ୟରେ କେବଳ ବୁଦ୍ଧି ବିବେକର ଭିନ୍ନତା ବ୍ୟତୀତ, ଆହାର, ନିଦ୍ରା, ଭୟ, ମୈଥୁନ, ପ୍ରକୃତି ବଶତଃ ସବୁ ସମାନ। ତେବେ ଆଜିକାଲିର ଯାନ୍ତ୍ରିକ ଦୁନିଆରେ, ବାଡ଼ି ବାଇଗଣ ଅପେକ୍ଷା ପୋଥ ବାଇଗଣର ପ୍ରାଧାନ୍ୟ, ଅନେକ କ୍ଷେତ୍ରରେ ଜୀବନର ମାନକୁ ବଢ଼ାଇଲେ ମଧ୍ୟ ଜୀବନ ଦର୍ଶନର ବାସ୍ତବ ମାନବିକ ମାନଦଣ୍ଡକୁ ବଢ଼ାଇ ପାରିନାହିଁ। ଯାନ୍ତ୍ରିକ ଜୀବନ ଯାପନ ପ୍ରଣାଳୀରେ ବିଶ୍ୱବାସୀ ଆଧୁନିକତା ମାପକାଠିରେ ମାପି ଦିନକୁ ଦିନ ଯେତେ ବ୍ୟବସାୟିକରଣ ବଢ଼ାଇବାରେ ଲାଗିଛନ୍ତି, ପ୍ରକୃତିର ନିୟମକୁ ଉଲ୍ଲଙ୍ଘନ କରୁଛି, ଯେତେବେଳେ ଅତିଷ୍ଠ ହେଉଛି, ସେଠାରେ ଦୈବ, ଦୁର୍ବିପାକ ପରିଣାମ ତା'ର ଦୃଷ୍ଟାନ୍ତ ଦେଖାଉଛି। ତଥାପି ମଣିଷ ସମାଜ ବୈଷୟିକ, ଶିଳ୍ପ ବ୍ୟବସାୟୀକରଣ ଦ୍ରୁତ ଗତିରେ ଭିନ୍ନ ଭିନ୍ନ କ୍ଷେତ୍ରରେ ନୂଆ ନୂଆ ରୂପରେ ଗଢ଼ି ତୋଳିବାରେ ସକ୍ଷମ ହୋଇପାରୁଛି।
ଏ ସମସ୍ତ କ୍ଷେତ୍ରମାନଙ୍କ ମଧ୍ୟରେ ଶିକ୍ଷା, ସଂସ୍କୃତି, ଶାସନ, ଚିକିତ୍ସା, ବିଜ୍ଞାନ, କଳା, ସାହିତ୍ୟ ଇତ୍ୟାଦି ପ୍ରଧାନ। ଏହି ସମସ୍ତଙ୍କ ବ୍ୟବସାୟୀକରଣ (Professionalism) ମାନବୃଦ୍ଧି ପାଇଁ ଆଚରଣ ମାର୍ଗ ମନୀଷୀ ମାନଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି, ଏବଂ ସମୟାନୁସାରେ ପରିବର୍ତ୍ତନ କରାଯାଇ ଯୁଗୋପଯୋଗୀ (Fit for the age) କରି ପାଳନ କରିବା ପାଇଁ ନିୟମ ନିର୍ଦ୍ଦେଶିତ ହୋଇଛି।
ବିଶେଷତଃ ଶିକ୍ଷା ଓ ଚିକିତ୍ସା କ୍ଷେତ୍ର, ସମସ୍ତଙ୍କ ମଧ୍ୟରେ ପ୍ରଧାନତମ ରୂପେ, ମୌଳିକତା ଅବଲମ୍ବନ କରେ। ସାଂପ୍ରତିକ ବିଶ୍ୱ ବଜାରରେ ଏହି ଦୁଇଟି କ୍ଷେତ୍ର ଯେଉଁଠାରେ ସୁଦୃଢ଼ ସେଠାରେ, ମାନବ ସମାଜ ସେତେ ସ୍ଥିରତା, ଆଗୁଆ ଥିବାର ଦେଖାଯାଉଛି। ସେହି ଅନୁପାତରେ ବିଜ୍ଞାନ ମଧ୍ୟ ସେମାନଙ୍କୁ ସହଯୋଗ କରୁଛି। ଏସବୁ କହିବାର ଏକମାତ୍ର ଉଦ୍ଦେଶ୍ୟ ହେଲା, ଶୃଙ୍ଖଳିତ ସମାଜ ଗଠନ ପାଇଁ ଶୃଙ୍ଖଳିତ ଆଚରଣ ମାର୍ଗକୁ ସଠିକ ପାଳନ କରିବା ଆବଶ୍ୟକ। କେଉଁ ଆଦିମ କାଳରୁ ରହିଆସିଅଛି, ମନୁଙ୍କ ଶାସନ, ଚାଣକ୍ୟ କୂଟନୀତି, କୌଟିଲ୍ୟ ଅର୍ଥନୀତି, ପାତଞ୍ଜଳୀ ଯୋଗ, ନାଗାର୍ଜୁନ ଔଷଧ ନୀତି, ଚରକ ଚିକିତ୍ସା, ସୁଶ୍ରୁତ ଶଲ୍ୟ ଚିକିତ୍ସା, ହିପୋକ୍ରାଟିସ୍ ଚିକିତ୍ସା ପ୍ରଭୃତିଙ୍କର ଆଚରଣ ମାର୍ଗ। ପରିବର୍ତ୍ତନ କାଳ ଅନୁସାରେ, ପରିବର୍ତ୍ତନକୁ ଅବଶ୍ୟ ଗ୍ରହଣ କରି ମଣିଷ ତା'ର ସୁଖ ସମୃଦ୍ଧିକୁ ସମତୁଳ କରି ଆଚରଣ ମାର୍ଗଗୁଡ଼ିକ ସଂଶୋଧନ କଲେ ମଧ୍ୟ ଯାହାର ମୌଳିକତା ଯେତେ, ଗଭୀର ଏବଂ ନିଷ୍ଠା ପୂର୍ଣ୍ଣ ତାହା ଅବଶ୍ୟ ସାଧାରଣତଃ ଭାବରେ ଗ୍ରହଣ ଯୋଗ୍ୟ। ଏହି ପରିପ୍ରେକ୍ଷୀରେ ଆମେ, ଚିକିତ୍ସକମାନଙ୍କର ଆଚରଣ ମାର୍ଗକୁ " ମାନବ ସେବା ହିଁ ମାଧବ ସେବା" ରେ ଉତ୍ସର୍ଗ କରିଥାଉଁ। ବାସ୍ତବରେ ସେବା ଭାବରେ ଚିକିତ୍ସା ସେବାର ମହାନତା, ନିଃସ୍ୱାର୍ଥ ପରଠାରୁ ଆରମ୍ଭ ହୋଇଥାଏ। ପୂର୍ଣ୍ଣ ଚିକିତ୍ସା କ୍ରମରେ, ସମସ୍ତଙ୍କର ଚିକିତ୍ସା ଆବଶ୍ୟକ। ସୁସ୍ଥ ବ୍ୟକ୍ତିର ସୁସ୍ଥତା ସ୍ଥିର ରହିବା, ନୀରୋଗ ରହିବା, ବ୍ୟାଧ ପ୍ରତିରୋଧ କ୍ଷମତା ପୂର୍ଣ୍ଣ ରହିବା ଇତ୍ୟାଦି ନିମିତ୍ତ ଚିକିତ୍ସା ସେବା ଆବଶ୍ୟକ ବେଳେ ରୋଗୀ ବ୍ୟକ୍ତିର, ରୋଗର ଚିକିତ୍ସା, ରୋଗୀର ଶାରୀରିକ ଓ ମାନସିକ ସୁସ୍ଥତା ନିମିତ୍ତ ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି, ସର୍ବୋପରି ଉଭୟ ସୁସ୍ଥ ଏବଂ ରୋଗୀର ଆତ୍ମାର ଚିକିତ୍ସା ନିମିତ୍ତ ନିର୍ଦ୍ଦେଶ ରହିଛି। ଏସବୁ ସମ୍ଭବ କେବଳ; ଯେତେବେଳେ ଚିକିତ୍ସାର ଚାରୋଟି ଯାକ ପାଦ ପୂର୍ବରୂପେ ମିଳିଥାଏ। ପ୍ରଥମ - ଜଣେ ଚିକିତ୍ସକ (Physician) ଆଦର୍ଶ ଗୁଣବନ୍ତା ହୋଇ ଚିକିତ୍ସା କ୍ଷେତ୍ରକୁ ପ୍ରବେଶ କରିବା ଉଚିତ। ଦ୍ୱିତୀୟ – ଜଣେ ରୋଗୀ (Patient) ନିଜର ସମସ୍ତ ଅହମିକା ତ୍ୟାଗ କରି ଚିକିତ୍ସକ ଅନୁସରଣଗାମୀ ହେଲେ ଉତ୍ତମ ରୋଗୀ ଗୁଣବନ୍ତା ହୋଇଥାଏ। ତୃତୀୟ – ଔଷଧ ଶୁଦ୍ଧ (Genuine Medicine), ଯୋଗ୍ୟ, ସୁନିର୍ମିତ, ଭାବରେ ଦ୍ରବ୍ୟ ବା ଡ୍ରଗ୍ (Drug) ବା ଭେଷଜ ଗୁଣବନ୍ତା କୁହାଯାଏ। ଶେଷ ଚତୁର୍ଥରେ ପରିଚାରକ (Attendant), ସଦା ଶ୍ରଦ୍ଧାବାନ୍, ଭକ୍ତିପୂର୍ଣ୍ଣ, ଉତ୍ସର୍ଗୀକୃତକୁ ପରିଚାରକ ଗୁଣବନ୍ତା କହିଥାନ୍ତି। ଏହି ଚାରୋଟିରୁ କୌଣସି ଗୋଟିକର ଅଭାବରେ ଚିକିତ୍ସାର ସଫଳତା ସାଧ ରୋଗରେ ମଧ୍ୟ ଶତପ୍ରତିଶତ ସଫଳତା ମିଳିବା ସମ୍ଭାବନାରେ ପ୍ରଶ୍ନ ରହିଯାଏ। ଏହି ଚିକିତ୍ସାର ଏହି ଚାରି ସ୍ତମ୍ଭରେ ଷୋଳ ଉପକାଳାର (Four Pillar) ସମ୍ଭବକୁ ବିଶ୍ଳେଷଣ କଲେ ଜଣାଯାଏ, ଧନ୍ୱନ୍ତରୀଙ୍କ ନିର୍ଦ୍ଦେଶିତ ସୁଶ୍ରୁତଙ୍କ ସିଦ୍ଧାନ୍ତ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏବଂ ଯୁଗ ଯୁଗ ଧରି ଗ୍ରହଣ ଯୋଗ୍ୟ। ଚିକିତ୍ସକ ସେ ହୋଇପାରିବ ଯେ କି, ଯଥାର୍ଥ ଭାବରେ ସମସ୍ତ ଆବଶ୍ୟକ ଚିକିତ୍ସା ଶାସ୍ତ୍ରକୁ ଅଧ୍ୟୟନ କରି, ସମୁଦାୟ ବୁଝି, ହୃଦୟଙ୍ଗମ କରି ନିଜେ ପ୍ରତ୍ୟକ୍ଷ ଭାବରେ ଅଭ୍ୟାସ କରୁଥିବା ଜ୍ଞାନ ଆହରଣ, ମନ, ଶରୀର ଓ ଆତ୍ମାକୁ ଶୁଦ୍ଧିକରଣ ଓ ପବିତ୍ରତା ପୂର୍ଣ୍ଣ ହୃଦୟବାନ, ଉତ୍ତମ ହସ୍ତ, ଯାହାକୁ ଅମୃତ ହସ୍ତ ସାହାସୀ, ଧୈର୍ଯ୍ୟବାନ୍, ସିଂହ ସମାନ ମନୋବଳ ରଖୁଥିବା; ଚିକିତ୍ସାର ସମସ୍ତ ଉପକରଣ ବା ସାଧନ ପରିପୂର୍ଣ୍ଣ ରଖି ପାରୁଥିବ; ଯାହାର ବୁଦ୍ଧି ପ୍ରତ୍ୟୁତ୍ପନ୍ନ ଅର୍ଥାତ୍ ଉଚିତ୍ ଅନୁଚିତ୍ ନିର୍ଣ୍ଣୟ ଶୀଘ୍ର ନେଇ ପାରୁଥବ, ନିଜ ଚିକିତ୍ସା ବିଶେଷଜ୍ଞତାରେ ଦକ୍ଷ, ବିଶାରଦ ପୂର୍ଣ୍ଣ ଉଭୟ ଶାସ୍ତ୍ର ଏବଂ ପ୍ରତ୍ୟକ୍ଷ ଜ୍ଞାନରେ ନିରନ୍ତର କାମ କରୁଥିବା ସତ୍ୟ ପ୍ରକାଶ କରିବାରେ ମାନବ ଧର୍ମ ଅବଲମ୍ବନ କରି ପାରୁଥିବା, ସର୍ବୋପରି ନିଜର ଜ୍ଞାନ ସହିତ ଯୁଗୋପଯୋଗୀ ଜ୍ଞାନ ଅର୍ଜନ ଓ କୁଶଳତା ଉପରେ ବ୍ୟବସାୟୀକ ବୃଦ୍ଧି (Professionalism) ବିନିଯୋଗ କରି ପାରୁଥିବା ସେହି ଚିକିତ୍ସକମାନେ ସେବା କ୍ଷେତ୍ରରେ ଯଶସ୍ୱୀ ହୋଇଥାନ୍ତି। ପ୍ରସଙ୍ଗରେ କୁହାଯାଇଛି ପ୍ରତ୍ୟୁତ୍ପନ୍ନ ମତିଃ ଧୀମାନ୍ ବ୍ୟବସାୟୀ ବିଶାରଦଃ ? ଠିକ୍ ସେହିପରି ରୋଗୀ, ଆୟୁଷ୍ମାନ୍, ସତ୍ତ୍ୱଗୁଣଯୁକ୍ତ, ଆତ୍ମବାନ୍ ଅର୍ଥାତ୍ ନିଜର ଆତ୍ମା ଉପରେ ବିଶ୍ୱାସ, ଆସ୍ଥାପୂର୍ଣ୍ଣ, ଔଷଧ ଏବଂ ଚିକିତ୍ସା ନିମିତ୍ତ ଖର୍ଚ୍ଚ କରିବା ପାଇଁ ଆବଶ୍ୟକ ସମ୍ବଳ ପୂର୍ଣ୍ଣ; ସର୍ବୋପରି ଚିକିତ୍ସକଙ୍କ ନିର୍ଦ୍ଦେଶକୁ ପାଳନ କରିବା ସହିତ ରୋଗୀର ରୋଗ ସାଧ (Curable) ଯୁକ୍ତ ହେଲେ, ରୋଗୀ ନିଶ୍ଚିତ ଆରୋଗ୍ୟ ହୋଇଥାଏ। ପ୍ରସଙ୍ଗରେ କୁହନ୍ତି – ଆୟୁଷ୍ମାନ୍ ସତ୍ତ୍ୱବାନ୍ ସାଧ୍ୟୋ ଦ୍ରବ୍ୟବାନ୍ ଆତ୍ମବାନପି। ଏହି କ୍ରମରେ ଆଚରଣ ଶିକ୍ଷା, ପାଳନ ଏବଂ ସମାଜରେ ବିନିଯୋଗ ସମସ୍ତଙ୍କ ପାଇଁ ଲାଗୁ ହୋଇଥାଏ। ଚିକିତ୍ସା ଯୁଗରେ, ସର୍ବ ପୁରାତନ ଧନ୍ୱନ୍ତରୀ, ସୁଶ୍ରୁତ, ଚରକାଦି ହୋଇଥିଲା ବେଳେ ଗ୍ରୀକ୍ ସଭ୍ୟତାରେ ବା ପାଶ୍ଚାତ୍ୟ ଚିକିତ୍ସା ଜଗତରେ ହିପୋକ୍ରାଟିସଙ୍କୁ ପୁରାତନ ଚିକିତ୍ସକ ମାନ୍ୟତା ଦିଆଯାଏ। ସାଧାରଣତଃ, ଆଚରଣ ମାର୍ଗଗୁଡ଼ିକୁ ବ୍ୟାଖ୍ୟା କଲେ ସମାନତା ମିଳିଥାଏ। ଚିକିତ୍ସା କ୍ଷେତ୍ରକୁ ଆସିବା ପୂର୍ବରୁ ଚିକିତ୍ସା ବିଦ୍ୟା, ଆନୁଷ୍ଠାନିକ ସ୍ୱୀକୃତି (Institutional Registration), ଶାସନ ସ୍ୱୀକୃତି ଇତ୍ୟାଦି ସହିତ ପ୍ରତ୍ୟକ୍ଷ କର୍ମାଭ୍ୟାସ (Practical training) ସ୍ୱୀକୃତି ପରେ ଚିକିତ୍ସକ ପ୍ରତିଜ୍ଞାପାଠ (Oath taking) କରିଥାନ୍ତି। ଯାହାକି, ସେ ଜୀବନ ତମାମ ଚିକିତ୍ସା କ୍ଷେତ୍ରରେ ପାଳନ କରୁଥିବେ। ଚିକିତ୍ସାରେ ଔଷଧ ପ୍ରୟୋଗ କରିବା ପୂର୍ବରୁ, ରୋଗୀର ରୋଗ ସଠିକ ନିର୍ଣ୍ଣୟ କରିବା ପାଇଁ ଅତ୍ୟନ୍ତ ଚେଷ୍ଟା କରିବ ପ୍ରସଙ୍ଗରେ ସିଦ୍ଧାନ୍ତ ବାକ୍ୟ କୁହାଯାଇଛି – " ରୋଗଂ ଆଦୌ ପରୀକ୍ଷେତ୍ ତତୋନନ୍ତରଂ ଔଷଧମ୍।"
ରୋଗୀକୁ ନିଜ ମାତା, ପିତା, ପୁତ୍ର ଏବଂ ବନ୍ଧୁ ପରି ଆଚରଣ କରି ଚିକିତ୍ସା କଲେ ରୋଗୀ ତା'ର ସମସ୍ତ ବିଶ୍ୱାସ, ଚିକିତ୍ସକଙ୍କୁ ସମର୍ପଣ କରିଥାଏ। ଏହି ପରିପ୍ରେକ୍ଷୀରେ ସୁଶ୍ରୁତ ଚିକିତ୍ସାରେ ବିଶ୍ୱାସକୁ ଅଧିକ ପ୍ରାଧାନ୍ୟ ନେଇ ରୋଗୀର ବିଶ୍ୱାସ ନିମିତ୍ତ ରୋଗୀକୁ ନିଜର ଆତ୍ମୀୟ – ପିତା, ପୁତ୍ର, ମାତା, ବନ୍ଧୁ ପରି ଆଚରଣ କରିବା ଆବଶ୍ୟକ। ପ୍ରସଙ୍ଗରେ ନିମ୍ନ ବର୍ଣ୍ଣିତ ଶ୍ଳୋକରେ କହନ୍ତି –

**" ମାତରଂ ପିତରଂ ପୁତ୍ରାନ୍
ବାନ୍ଧବାନାପି ଚ ଆତୁରଃ।"
" ତସ୍ମାତ୍ ପୁତ୍ରବତ୍ ଏବୈନଂ
ପାଳୟେତ୍ ଆତୁରଂ ଭିଷକ୍।"**

ଜଣେ ଉତ୍ତମ ଚିକିତ୍ସକ ରୋଗୀକୁ, ନିଜ ପୁତ୍ର ପରି ଚିକିତ୍ସାରେ ପାଳନ କରିଥାଏ। ଯେପରି, ବ୍ରାହ୍ମଣ ସମସ୍ତ ଯଜମାନଙ୍କୁ ତା'ର ପୁତ୍ର ପୁତ୍ର ରୂପରେ ଆଶୀର୍ବାଦ କରିଥାନ୍ତି। ବାସ୍ତବରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଯେ କୌଣସି ସଂପ୍ରଦାୟର ବ୍ୟକ୍ତି ଚିକିତ୍ସା ବିଦ୍ୟାରେ ଆଭୂଷିତ ହେଲା ପରେ ବ୍ରହ୍ମ ସତ୍ତ୍ୱର ଅଧିକାରୀ ହୋଇଥାଏ। ଅତଏବ, ଚିକିତ୍ସକ ସମସ୍ତଙ୍କୁ ନିମିତ୍ତ ସମଦୃଷ୍ଟି ସମ୍ପନ୍ନ ହେବା ଉଚିତ। ତେଣୁ ସମସ୍ତ ରୋଗୀଙ୍କୁ ସମଭାବପନ୍ନ ହୋଇ ଚିକିତ୍ସା କରିବା ଆବଶ୍ୟକ। ରୋଗୀର ଗୁପ୍ତ ଇତିହାସ ଅନ୍ୟକୁ ପ୍ରକାଶ କରିବା ଅନୁଚିତ। ରୋଗୀର ମୃତ୍ୟୁ ସମୟ ଆଗତ ହେଲେ ମଧ୍ୟ ବନ୍ଧୁବାନ୍ଧବ ସମ୍ପର୍କୀୟଙ୍କ ହିତ ଦୃଷ୍ଟିରୁ, ଏଭଳି ପ୍ରକାଶ କରିବା ଉଚିତ, ଯଦ୍ଦ୍ୱାରା ଅନ୍ୟ କାହାର ଯେପରି ମାନସିକ, କ୍ଷତି ସହିତ ମୂର୍ଚ୍ଛାଦି ହେବ ନାହିଁ। କୌଣସି ପରିସ୍ଥିତିରେ ରୋଗୀର ଅହିତ ଚିନ୍ତା ଏବଂ ଚିକିତ୍ସାରେ ବ୍ୟତିକ୍ରମ କରିବା ଅନୁଚିତ। ଲୋଭ, ମୋହ ବଶତଃ ରୋଗୀର ଧନ, କ୍ଷତି କରିବା ଅନୁଚିତ। ରୋଗୀ, ମହିଳା ହୋଇଥିଲେ, କୌଣସି ପରିସ୍ଥିତିରେ ଏକୁଟିଆ ପରୀକ୍ଷା କିମ୍ବା ଚିକିତ୍ସା କରିବା ନିମିତ୍ତ ପ୍ରତିବନ୍ଧକ ରହିଛି। ଏଣୁ ମହିଳା ପରିଚାରିକା କିମ୍ବା ଆତ୍ମୀୟା ଉପସ୍ଥିତ ରହିବା ଆବଶ୍ୟକ। ଚିକିତ୍ସକ, ଚିକିତ୍ସାର ଯଥାର୍ଥ ପ୍ରାପ୍ୟ ବ୍ୟତୀତ ଅଧିକ ଅର୍ଥ ରୋଗୀଠାରୁ ଗ୍ରହଣ କରିବା ଅନୁଚିତ। ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ରୋଗର ନିଦାନ ତଥା ଚିକିତ୍ସା ସମ୍ପର୍କରେ ସୂଚନା ଦେବା ଆଚରଣ ବିଧାନ ଅନ୍ତର୍ଗତ। ସାଧ, ଅସାଧ ଭେଦରେ ରୋଗୀର ରୋଗ ଚିକିତ୍ସା ପ୍ରାରମ୍ଭରେ ରୋଗୀ ଏବଂ ତାହାର ସ୍ୱଜନ ମାନଙ୍କୁ ଚିକିତ୍ସାର ପରିଣାମ, ସମୟ ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା କରି ଚିକିତ୍ସା ଆରମ୍ଭ କରିବା ଉଚିତ। ଅସାଧ ଅଥବା କଷ୍ଟସାଧ ରୋଗକୁ ଚିକିତ୍ସା କରୁଥିଲା ବେଳେ ରୋଗୀ ଏବଂ ପରିବାର ବର୍ଗଙ୍କ ମନୋବଳ ବୃଦ୍ଧି ନିମନ୍ତେ ସମୟ ସମୟରେ ଉତ୍ସାହ, ପ୍ରେମ, ମିତ୍ର ତଥା ସ୍ୱାଦ ପୂର୍ଣ୍ଣ ପରାମର୍ଶ ଦେବା ଆବଶ୍ୟକ। ସର୍ବୋପରି ସିଦ୍ଧାନ୍ତରେ ରହିଛି; ସମସ୍ତ ପ୍ରକାର ବ୍ୟବସାୟୀକ, ବିଶାରଦ ପ୍ରତ୍ୟକ୍ଷ କାମ ଏକ ସାଧନା। ତେଣୁ ସାଧନାରେ ସିଦ୍ଧତା ସହିତ ସଫଳତା ନିମନ୍ତେ ଅନବରତ ଅଭ୍ୟାସ ସହିତ ଈଶ୍ୱର ସମର୍ପଣ ମନୋଭାବ, ବିଶ୍ୱ କଲ୍ୟାଣ ନିମିତ୍ତ ଚିକିତ୍ସକର ମହାନ୍ ଉତ୍ସର୍ଗୀକୃତ ଅଟେ। ରୋଗୀର ଆଚରଣ ଓ ନିୟମକୁ ଚିକିତ୍ସକ ନିଜର ଆତ୍ମୀୟ ପରି ଗ୍ରହଣ କରି ଖୁସି ହେବା ଅବା କ୍ଷମା କରିବା ଉତ୍ତମ ଚିକିତ୍ସକର ମାନବିକ ଗୁଣକୁ ସମ୍ମାନ ଓ ଯଶ ମିଳିଥାଏ। ଚିକିତ୍ସକର ଉତ୍ତମ ସାଧନା ଓ ସମର୍ପଣ ଭାବ ରୋଗୀର ଆତ୍ମବିଶ୍ୱାସକୁ ଗୁଣାନ୍ୱିତ କରି ପୂର୍ଣ୍ଣ ଆରୋଗ୍ୟ କରାଇ ଦିଏ। ବାସ୍ତବରେ; ଚିକିତ୍ସକ ସର୍ବଦା ମନ ଓ ଆତ୍ମାରେ ବିଶ୍ୱାସ କରେ, ସେ ଏକ ମାଧ୍ୟମ। ଚିକିତ୍ସା ଯଥା ସାଧ କରେ ଏବଂ ଈଶ୍ୱର ଆରୋଗ୍ୟ ଦାନ କରନ୍ତି। ପ୍ରବାଦରେ ଇଂରାଜୀରେ କହନ୍ତି "We treat, He cures" ଏପରି ଚିନ୍ତାଧାରା; ଚିକିତ୍ସକଙ୍କ ଜ୍ଞାନ, ଗାରିମା, ଅଭ୍ୟାସ, ପ୍ରତ୍ୟେକ ବିଶେଷଜ୍ଞାନକୁ ପରିପୂର୍ଣ୍ଣ କରିବା ସହିତ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ କରନ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ଜୁଲାଇ ୨୦୨୪ ବୁଧବାର





# ବର୍ଷା ଦିନରେ ଛୋଟ ଛୁଆଙ୍କୁ ହୋଇପାରେ ସଂକ୍ରମଣ



ବର୍ଷାଦିନ ଆସିବା କ୍ଷଣୀ ସଂକ୍ରମଣ ହେବାର ସମ୍ଭାବନା ବୃଦ୍ଧି ପାଇଥାଏ। ବିଶେଷ ଭାବରେ ବର୍ଷା ଦିନରେ ଛୋଟ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ସଂକ୍ରମଣ ବଢ଼ିଥାଏ । ଯେମିତି କି ଅଧିକାଂଶ ସମୟରେ ଜୀବାଣୁ ଜନିତ ରୋଗ, ଭାଇରାଲ ଓ ଫଙ୍ଗସ ଇନଫେକ୍ସନ୍ ବଢ଼ିଥାଏ। ଏହାର ଅନେକ କାରଣ ଥାଏ । ବର୍ଷା ଦିନେ ଛୁଆମାନଙ୍କ ଦେହପା' ପ୍ରତି ଧ୍ୟାନ ନ ଦିଆ ଗଲେ ପରିସ୍ଥିତି ଖୁବ୍ ଜଟିଳ ହୋଇଯାଏ । ତେଣୁ ବର୍ଷାଦିନେ ପିଲାମାନଙ୍କ ସଠିକ ବାବରେ ଯତ୍ନ ନିଆ ନ ଗଲେ ବିଭିନ୍ନ ରୋଗର ଆଶଙ୍କା ବଢିଯାଏ।

## ବର୍ଷା ଦିନରେ ଛୋଟ ପିଲାଙ୍କୁ ସଂକ୍ରମଣର ପ୍ରଭାବ



♦ ଅନେକ ସମୟରେ ଛୋଟ ପିଲାମାନେ ବିଭିନ୍ନ ରୋଗରେ ପଡିଥାନ୍ତି । ଯାହାକୁ କମନ୍ କୋଲ୍ଡ କହିଥାଉ । ଯେପରି ପିଲାଟିର ନାକରୁ ପାଣି ବାହାରିବା, କାଶ ହେବା, ତଣ୍ଟି ବଥା ହେବା ସହ ଦେହ ଉଷୁମ ରହିବା ଆଦି ଦେଖାଯାଇଥାଏ । ପିଲାମାନଙ୍କ ପାଖରେ ଏଭଳି ଲକ୍ଷଣ ଦେଖାଗଲା ଡାକ୍ତରଙ୍କୁ ପରାମର୍ଶ କରିବା ସହ ଔଷଧ ଦେବା ଆବଶ୍ୟକ । ଅଧିକ ମାତ୍ରାରେ କମନ୍ କୋଲ୍ଡ ହେବା ଦ୍ୱାରା ନିମୋନିଆ, ଅସ୍ଥମା ଓ ଟିବି ମଧ୍ୟ ଆକ୍ରମଣ କରିପାରେ । ବର୍ଷା ଦିନେ ସାଧାରଣ ଭାବରେ ୫ ବର୍ଷରୁ କମ୍ ବୟସର ଛୋଟ ଛୋଟ ପିଲାଙ୍କ କ୍ଷେତ୍ରରେ ଅଧିକ ବିପଦ ଦେଖାଯାଇଥାଏ । ବର୍ଷା ଦିନେ ସାଧାରଣ ଭାବରେ ୧ ବର୍ଷେ ତଳକୁ ପିଲାଙ୍କୁ ବାହାରକୁ ବାହାର କରନ୍ତୁ ନାହିଁ । ଛୋଟ ପିଲାଙ୍କୁ ସଂକ୍ରମଣ ଶୀଘ୍ର ହୋଇଥାଏ । ତେଣୁ ବର୍ଷାଦିନେ ସେମାନଙ୍କ ଉପରେ ବିଶେଷ ଧ୍ୟାନ ଦେବା ଉଚିତ ।

## ସଂକ୍ରମଣ ବଢ଼ିବାର ବିଶେଷ କାରଣ

♦ ବର୍ଷାଦିନେ ସ୍କୁଲ ଖୋଲିଯାଏ । ଯେଉଁଠି ଅଧିକ ମାତ୍ରାରେ ଗହଳି ହୋଇଥାଏ । ବର୍ଷା ଦିନ ହେତୁ ମାଆମାନେ ପିଲାମାନଙ୍କୁ ଗାଧେଇ ନଥାନ୍ତି । ତେଣୁ ପିଲାଙ୍କର ଚର୍ମ ରୋଗ ବିଭିନ୍ନ ସମୟରେ ଦେଖାଯାଇଥାଏ । ଏହି ସମୟରେ ଭାଇରାଲ୍ ସଂକ୍ରମଣ ଅଧିକ ମାତ୍ରାରେ ହୋଇଥାଏ। ଇନଫ୍ଲୁଏଞ୍ଜା, ଆଡିନୋ ଭାଇରସ, ଡେଙ୍ଗୁ ଓ ମ୍ୟାଲେରିଆ ବଢ଼ିଥାଏ । ଏହି ସମସ୍ତ ସଂକ୍ରମଣ ପାଇଁ ବର୍ଷା ଋତୁ ସମୟରୁ ବୃଦ୍ଧି ପାଇଥାଏ । ଯଦି କ୍ଲାସ ରୁମରେ ଜଣଙ୍କର ଥଣ୍ଡା ହୋଇଥାଏ ତେବେ ଅନ୍ୟ ପିଲାଙ୍କୁ ମଧ୍ୟ ଥଣ୍ଡା ହେବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ପିଲାମାନଙ୍କୁ ନ ଗାଧୋଇଲେ ବି ସ୍ୱଚ୍ଛ କପଡାରେ ଧୀରେ ଧୀରେ ଶରୀରକୁ ପୋଛିନିଅନ୍ତୁ ।

## ସଠିକ ଭାବରେ ଛୋଟ ପିଲାଙ୍କୁ ଟୀକାକରଣ କରାଇବା

♦ ପିଲାଙ୍କୁ ଠିକ ସମୟରେ ଟୀକାକରଣ ଆବଶ୍ୟକ । ଯଦି ସଂକ୍ରମଣ ଅଧିକ ଥାଏ ରୋଗ ପ୍ରତିରୋଧକ ଶକ୍ତି କମ ଥାଏ ତେବେ ରୋଗ ବଢ଼ିଯାଇଥାଏ । ରାଜ୍ୟରେ ଏବେବି ଅନେକ ପିଲା ଟୀକାକରଣ ଠିକ ଭାବରେ ନେଇ ନାହାନ୍ତି । ଯଦି ପିଲାଟି ଟିକା ନେଇ ନାହିଁ ତେବେ ତୁରନ୍ତ ଟିକା ନେବା ଆବଶ୍ୟକ । କ୍ୟାଚୋ ଭ୍ୟାକ୍ସିନ ଯାହା ୫-୧୦ ବର୍ଷ ବୟସର ପିଲାଙ୍କୁ ଦେଇ ହେବ । ଡାକ୍ତରଙ୍କ ପରାମର୍ଶ କ୍ରମେ ଛୋଟ ପିଲାଙ୍କୁ ଟୀକାକରଣ କରିବା ଆବଶ୍ୟକ ।

## ପିଲାଙ୍କ ଖାଦ୍ୟ ପେୟ ଉପରେ ଧ୍ୟାନ ଦେବା ଆବଶ୍ୟକ

♦ ଯଦି ଗୋଟିଏ ପିଲାର ରୋଗ ପ୍ରତିରୋଧକ ଶକ୍ତି ତାହାର ଖାଦ୍ୟପେୟ ଉପରେ ନିର୍ଭର କରେ । ଯେଉଁ ଖାଦ୍ୟରେ ଭଲ ଭାବରେ ଭିଟାମିନ ରହିଥିବ ସେହି ଖାଦ୍ୟ ଛୋଟ ପିଲାଙ୍କୁ ଦେବା ଆବଶ୍ୟକ । ଯେମିତି କି କ୍ୟାଲସିୟମ, କପର, ଜିଙ୍କ ଓ ଆଇରନ ଆଦି ଖାଦ୍ୟରେ ରହିଥିବା ଆବଶ୍ୟକ । ପିଲାଙ୍କୁ ସବୁବେଳେ ଗୋଟିଏ ପ୍ରକାର ଖାଦ୍ୟ ନଦେଇ ଖାଦ୍ୟ ତାଲିକାରେ ଭିନ୍ନଭିନ୍ନ ଖାଦ୍ୟ ରଖନ୍ତୁ । ସବୁବେଳେ ଗୋଟିଏ ପ୍ରକାରର ଖାଦ୍ୟ ଛୋଟ ପିଲାଙ୍କୁ ଦେଲେ ପିଲାଟିର ରୋଗ ପ୍ରତିରୋଧକ ଶକ୍ତି କମିବାର ମଧ୍ୟ ସମ୍ଭାବନା ରହିଛି ।

## ବିଶେଷ ପ୍ରତିକାର

ଯଦି ପିଲାଙ୍କ ଶରୀରରେ ଇନଫେକ୍ସନ ହୁଏ ତେବେ ପିଲାଟିକୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଦ୍ୱାରା ଔଷଧ ଦେବା ଆବଶ୍ୟକ । ବର୍ଷା ଦିନ ସମୟରେ ସ୍କୁଲକୁ ଯାଉଥିବା ପିଲାଙ୍କୁ ଠିକ ଭାବରେ ଟୀକାକରଣ କରିବା ଆବଶ୍ୟକ । ଏପରିକି ନିମୋନିଆ ପାଇଁ ମଧ୍ୟ ସରକାରୀ ସ୍ତରରେ ଟୀକାକରଣ କରାଯାଉଛି । ତାହା ତୁରନ୍ତ କରିବା ଆବଶ୍ୟକ । ନିମୋନିଆ କିମ୍ବା ଡାଇରିଆ ହେଲେ ପାଖାପାଖି ୯୦ ପ୍ରତିଶତ ପିଲାଙ୍କ ମୃତ୍ୟୁ ଘଟିଥାଏ । ଯଦି ଘରର କେଉଁ ସଦସ୍ୟଙ୍କୁ ଏଭଳି ସଂକ୍ରମଣ ହୋଇଛି ସେମାନଙ୍କ ଠାରୁ ଛୋଟ ପିଲାଙ୍କୁ ଦୂରେଇ ରଖିବା ଆବଶ୍ୟକ । ଯାହା ଫଳରେ ଛୋଟ ପିଲା ସୁସ୍ଥ ରହିପାରିବେ ।

# ଗୁଡ଼ ଏବଂ ଗୋଲମରିଚ ବର୍ଷା ଦିନେ ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ଦେଇଥାଏ





ବର୍ତ୍ତମାନ ଦେଶରେ ମୌସୁମୀ ଋତୁ ଚାଲିଛି । ଏହି ସମୟରେ ଲୋକ ପ୍ରାୟତଃ ସଂକ୍ରମଣ ଭଳି ଅନେକ ରୋଗର ଶିକାର ହୋଇଥାନ୍ତି । ବର୍ଷା ଋତୁରେ ଥଣ୍ଡା, ଜ୍ୱର, ମୁଣ୍ଡବିନ୍ଧା ଏବଂ ଅନ୍ୟାନ୍ୟ ରୋଗ ହୋଇଥାଏ । ଏପରି ସମୟରେ ରୋଷେଇ ଘରେ ଥିବା ଅନେକ ଜିନିଷ ଆମର ବେଶ ଉପକାରରେ ଆସିଥାଏ । ଏହି ତାଲିକାରେ ଗୁଡ଼ ଏବଂ ଗୋଲମରିଚ ଖାଇବା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ପ୍ରଦାନ କରିଥାଏ । ଉଭୟ ଗୁଡ଼ ଏବଂ ଗୋଲମରିଚରେ ଅତ୍ୟଧିକ ଗରମ ଗୁଣ ଥାଏ । ଗୋଲମରିଚ ସହ ଗୁଡ଼ ଏକାଠି ଖାଇବା ଦ୍ୱାରା ସଂକ୍ରମଣ, ମୁଣ୍ଡବିନ୍ଧା ଭଳି ସମସ୍ୟା ଦୂର ହୋଇଥାଏ । କେବଳ ଏତିକି ନୁହେଁ ଗଣ୍ଠି ଯନ୍ତ୍ରଣା, ଋତୁସ୍ରାବ ଯନ୍ତ୍ରଣାରୁ ମଧ୍ୟ ଆରାମ ଦେଇଥାଏ ।

**ସଂକ୍ରମଣରୁ ଆରାମ ମିଳିବ**

ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ଉଭୟ ଗୁଡ଼ ଏବଂ ଗୋଲମରିଚରେ ମିଳିଥାଏ ଯାହା ସଂକ୍ରମଣ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ଯଦି ଆପଣ ସଂକ୍ରମଣ ସମସ୍ୟା ସହ ସଂଘର୍ଷ କରୁଛନ୍ତି ତେବେ ଗୋଟିଏ ଚାମଚ ଗୁଡ଼ ସହ ଦୁଇଟି ଗୋଲମରିଚ ଖାଆନ୍ତୁ । ଏହା ଆପଣଙ୍କ ସଂକ୍ରମଣ ସମସ୍ୟା ଦୂର କରିବ।

**ଗଣ୍ଠି ଯନ୍ତ୍ରଣା ହ୍ରାସ କରେ**

ଗୁଡ଼ ଏବଂ ଗୋଲମରିଚ ଖାଇବା ଦ୍ୱାରା ଆପଣଙ୍କ ଗଣ୍ଠି ଯନ୍ତ୍ରଣା କମିଯାଏ, କାରଣ ଏଥିରେ ବହୁ ପରିମାଣରେ ଆଇରନ୍ ଏବଂ କ୍ୟାଲସିୟମ୍ ଥାଏ । ସେହିପରି ଗୋଲମରିଚରେ ପେପରାଇନ୍ ନାମକ ଏକ ଉପାଦାନ ରହିଥାଏ । ଯାହା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେବାରେ ସାହାଯ୍ୟ କରିଥାଏ । ଯଦି ଆପଣଙ୍କର ଗଣ୍ଠି ଯନ୍ତ୍ରଣା ହେଉଛି, ତେବେ ଗୁଡ଼ ଏବଂ କଳା ଲଙ୍କା ଖାଇବା ଆରମ୍ଭ କରନ୍ତୁ ।

**ଋତୁସ୍ରାବ ଯନ୍ତ୍ରଣାରୁ ଦିଏ ମୁକ୍ତି**

ଋତୁସ୍ରାବ ସମୟରେ ପେଟ ଯନ୍ତ୍ରଣା, ଗ୍ୟାସ୍ ଭଳି ଅନେକ ସମସ୍ୟା ହୋଇଥାଏ । ଏହି ସମୟରେ ଯଦି ଗୁଡ ସହ ଗୋଲମରିଚ ଖାଇବା ଉଚିତ୍। ଏଥିପାଇଁ ଆପଣ ଗୁଡ ସହ ଗୋଲମରିଚ ଚା' ତିଆରି କରି ପିଇପାରିବେ । ଏହାଦ୍ୱାରା ପେଟରେ ଯନ୍ତ୍ରଣା, ଗ୍ୟାସ୍ ସମସ୍ୟା ଇତ୍ୟାଦିରୁ ମୁକ୍ତି ମିଳିଥାଏ ।

**ପେଟ ରୋଗରୁ ମୁକ୍ତି**

ସଠିକ୍ ପରିମାଣରେ ଗୁଡ ଏବଂ ଗୋଲମରିଚ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ । ଗୋଟିଏ ଚାମଚ ଗୁଡରେ ଅଧା ଚାମଚ ଗୋଲମରିଚ ଗୁଣ୍ଡ ମିଶାଇ ଖାଆନ୍ତୁ । ଏହା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ । ଏହା ବ୍ୟତୀତ ଏହା ଆପଣଙ୍କ ଭୋକକୁ ମଧ୍ୟ ବଢାଇଥାଏ । ଗୁଡ ଏବଂ ଗୋଲମରିଚ ଏକାଠି ଖାଇବା ଦ୍ୱାରା ଅନ୍ତନଳୀ ଫୁଲା, ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ।

**ମୁଣ୍ଡବିନ୍ଧା ଏବଂ ନାକ ସମସ୍ୟା ଦୂର କରେ**

ମୁଣ୍ଡବିନ୍ଧା ଏବଂ ନାକ ଫୁଲିବା, ନାକରୁ ରକ୍ତ ବାହାରିବା ସମସ୍ୟାକୁ ଦୂର କରିବା ପାଇଁ, ଆପଣ ଗୁଡ ସହ ଗୋଲମରିଚ ଖାଇପାରିବେ । ଏଥିପାଇଁ ଦହିରେ କିଛି ଗୁଡ ସହ ଗୋଲମରିଚ ପାଉଡର ମିଶାଇ ଏହାକୁ ଖାଆନ୍ତୁ । ଏହା ନାକରୁ ରକ୍ତସ୍ରାବ ବନ୍ଦ କରିବ ଏବଂ ମୁଣ୍ଡବିନ୍ଧାରୁ ମୁକ୍ତି ମଧ୍ୟ ଦେବ ।

**ଆଲର୍ଜି ଦୂର କରେ**

କେବଳ ଏତିକି ନୁହେଁ, ଉଭୟ ଗୁଡ ଏବଂ ଗୋଲମରିଚ ଖାଇବା ଦ୍ୱାରା ବାନ୍ତି, ଆଲର୍ଜି ଏବଂ ପେଟ ସମ୍ବନ୍ଧୀୟ ସମସ୍ୟା ଉପଶମ ହୋଇପାରିବ । ଯଦି ଆପଣଙ୍କର ଏହି ସମସ୍ୟାର କୌଣସିଟି ଅଛି ତେବେ ଆପଣ ଏହାକୁ ବ୍ୟବହାର କରିପାରିବେ।

**ଗଳା ଯନ୍ତ୍ରଣାରେ ମଧ୍ୟ ପ୍ରଭାବଶାଳୀ**

ଅନେକ ପୋଷକ ତତ୍ତ୍ୱ ଗୁଡ ଏବଂ ଗୋଲମରିଚରେ ଥାଏ, ଯାହା ଗଳା ଯନ୍ତ୍ରଣାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଯଦି ତୁମର ଗଳାରେ ଯନ୍ତ୍ରଣା ହେଉଛି ତେବେ ଗୁଡ ଏବଂ ଗୋଲମରିଚ ଖାଆନ୍ତୁ । ଏହା ଆପଣଙ୍କ ଗଳାକୁ ଆରାମ ଦେବ । ଏଥିପାଇଁ ପ୍ରାୟ ୮୦ ଗ୍ରାମ ଗୁଡ ନେଇ ସେଥିରେ ୨୦ ଗ୍ରାମ ଗୋଲମରିଚ ମିଶାଇ ଗ୍ରାଇଣ୍ଡ କରି ଖାଆନ୍ତୁ । ଏଥିରେ ଆପଣ ୪୦ ଗ୍ରାମ ଡାଳିମ୍ବ ଚୋପାକୁ ମଧ୍ୟ ମିଶାଇପାରିବେ । ଏହା ଗଳାକୁ ଆରାମ ଦେଇଥାଏ ।

# ନିୟମିତ ଲେମ୍ବୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଆହୁରି ଦୃଢ ହୁଏ



ସାଧାରଣତଃ ଲେମ୍ବୁର ବ୍ୟବହାର ବିଭିନ୍ନ ପୂଜା, ଦେବ କାର୍ଯ୍ୟ, ନୂତନ ବାସଗୃହରେ ପ୍ରବେଶ ବେଳେ, ଯାନବାହନ ଆଦିର ପୂଜା ତଥା ଯେ କୌଣସି ଶୁଭାଶୁଭ ପୂଜା କାର୍ଯ୍ୟରେ ହୋଇଥାଏ। ଲେମ୍ବୁରେ ଅନେକ ପ୍ରକାର ଔଷଧୀୟ ଗୁଣ ଭରି ରହିଛି। ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଲେମ୍ବୁ ଖାଆନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ। କେବଳ ସେତିକି ନୁହେଁ, ରକ୍ତହୀନତା ଦୂର କରିବା, ଜୀର୍ଣ୍ଣ ଶକ୍ତି ବୃଦ୍ଧି କରାଇଥାଏ। ଏହାବ୍ୟତୀତ ଉଷୁମପାଣିରେ ଏକ ଫାଳ ଲେମ୍ବୁ ରସ ମିଶାଇ ପ୍ରତିଦିନ ସେବନ କଲେ ମୋଟାପଣ ହ୍ରାସ ପାଇଥାଏ। ଏହା ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ। କିଡ୍‌ନୀ ଷ୍ଟୋନ୍‌କୁ ପ୍ରତିରୋଧ କରିବାର ଶକ୍ତି ମଧ୍ୟ ଏହାର ରହିଛି। ରୋଗ ପ୍ରତିରୋଧକ ଶକ୍ତିକୁ ଏହା ଦୃଢ଼ କରିବା ସହ ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁ ଜନିତ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ହେଲେ ଆବଶ୍ୟକତାଠାରୁ ମାତ୍ରାଧିକ ଲେମ୍ବୁରସ ସେବନ କରିବା ଅନୁଚିତ। ଏହାଦ୍ୱାରା ଛାତି ଜ୍ୱାଳା, ବାନ୍ତି, ଓକାର ଲାଗିବା ସହ ଆମାଶୟ ଜନିତ ସମସ୍ୟା ଦେଖାଯାଏ। ତେଣୁ ଦିନରେ ଅତିବେଶିରେ ୨ ଗୋଟି ଲେମ୍ବୁ ଖାଇବା ଉଚିତ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଲେମ୍ବୁ ସାମିଲ କଲେ ତାହା ଆମକୁ ଅନେକାଂଶରେ ସୁସ୍ଥ ତଥା ନୀରୋଗ ରଖିପାରିବା।

# ହିନ୍ଦୁ ଧର୍ମରେ ଏକାଦଶୀର ମହତ୍ତ୍ୱ



ହିନ୍ଦୁ ଧର୍ମରେ ଏକାଦଶୀର ମହତ୍ୱ ଅନେକ ରହିଛି । ଆଜି ଜୁଲାଇ ୨ତାରିଖରେ ଯୋଗିନୀ ଏକାଦଶୀ ପାଳନ କରାଯାଉଛି । ଧାର୍ମିକ ଅନୁସାରେ ବିଶ୍ୱାସ କରାଯାଏ ଯେ ଯୋଗିନୀ ଏକାଦଶୀରେ ଉପବାସ କରିବା ଦ୍ୱାରା ଅନେକ ପାପର ବିନାଶ ହୋଇଥାଏ । ଏହି ଉପବାସ ଜୀବନରେ ସୁଖ ଏବଂ ସମୃଦ୍ଧତା ଆଣିଥାଏ । ବିଶ୍ୱାସ କରାଯାଏ ଯେ ଏହି ଉପବାସ କରିବା ଯାହା ୮୮,୦୦୦ ବ୍ରାହ୍ମଣ ଭୋଜନ ସହିତ ସମାନ । ଏକାଦଶୀ ଦିନ, ଚନ୍ଦ୍ର ଆକାଶରେ ଏକାଦଶ ଅକ୍ଷରେ ରୁହନ୍ତି ଏବଂ ଏହି ସମୟରେ ମାନସିକ ସ୍ଥିତି ଅତ୍ୟନ୍ତ ଚଳଚଞ୍ଚଳ ହୋଇଥାଏ। ତେଣୁ ଏକାଦଶୀ ଦିନ ଉପବାସ କରିଲେ ମନରେ ଥିବା ଅସ୍ଥିରତାକୁ ନିୟନ୍ତ୍ରିତ କରିହୁଏ। ଜ୍ୟୋତିଷଙ୍କ ମତରେ ବିବେକ ଆଗରେ କେହି ବନ୍ଧୁ ନୁହଁନ୍ତି ଏବଂ ଏକାଦଶୀଠାରୁ ବଡ ବ୍ରତ ଆଉ କିଛି ନୁହେଁ।

ଶାସ୍ତ୍ର ଏବଂ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ ସମସ୍ତ ପୂଜା-ପାଠ-ରୀତିନୀତି-ଉପାସନା-ଉପବାସ ଇତ୍ୟାଦିର କେବଳ ଗୋଟିଏ ଉଦ୍ଦେଶ୍ୟ ହେଉଛି ମନକୁ ଏକାଗ୍ରଚିତ କରିବା । କାରଣ ଯେପର୍ଯ୍ୟନ୍ତ ମନ ଏକାଗ୍ରଚିତ ହୋଇନାହିଁ ସେପର୍ଯ୍ୟନ୍ତ ଆପଣଙ୍କ ସଂକଳ୍ପ ଦୃଢ ହେବା ନାହିଁ। ଆପଣଙ୍କ ସଂକଳ୍ପ ଦୃଢ ନହେବା ପର୍ଯ୍ୟନ୍ତ ଜୀବନରେ ସଫଳତା ମିଳିବ ନାହିଁ । ତେଣୁ ଯେଉଁମାନେ ଏହି ପାଞ୍ଚଟି ଜ୍ଞାନ ଇନ୍ଦ୍ରିୟ, ପାଞ୍ଚଟି କର୍ମ ଇନ୍ଦ୍ରିୟ ଏବଂ ଗୋଟିଏ ମନରେ ନିୟନ୍ତ୍ରଣ ରଖିପାରେ ସେ ଏକାଦଶୀ ପରି ପବିତ୍ର ଓ ଦୟାବାନ ହୋଇଥାଏ । ଶାସ୍ତ୍ର ଅନୁସାରେ ଆମ ଶରୀର ହେଉଛି ରଥ ଆଉ ସେହି ରଥର ସାରଥି ହେଲା ବୁଦ୍ଧି । ଆମ ଶରୀରରେ ମୋଟ ୧୧ଟି ଇନ୍ଦ୍ରିୟ ରହିଛି ଏବଂ ମନ ହେଉଛି ଏକାଦଶ ଇନ୍ଦ୍ର ।

**କାହିଁକି ଭାତ ଖାଇବା ମନା**

ଭାତରେ ଜଳର ଉପାଦାନର ପରିମାଣ ଅଧିକ ରହିଥାଏ । କାରଣ ଖେତରେ ସମ୍ପୂର୍ଣ୍ଣ ପାଣିରେ ଧାନକୁ ରୋଇବା ପରେ ଚାଷ କରାଯାଏ । ତେଣୁ ଏଥରେ ଜଳର ପ୍ରଭାବ ଅଧିକ ଏବଂ ଚନ୍ଦ୍ର ଜଳ ଉପରେ ବହୁତ ପ୍ରଭାବ ପକାଇଥାନ୍ତି। ଚାଉଳ ଖାଇବା ଦ୍ୱାରା ଶରୀରରେ ଜଳର ପରିମାଣ ବଢିଥାଏ । ଏହା ମନକୁ ବିଭ୍ରାନ୍ତ କରିଥାଏ ଏବଂ ଅଶାନ୍ତ କରିଥାଏ । ଏହାର କାରଣ ହେଉଛି ଚନ୍ଦ୍ର ଜଳ ସହିତ ଜଡିତ, ଏହା ନିଜ ଆଡକୁ ଜଳକୁ ଆକର୍ଷିତ କରିଥାଏ । ଯଦି ଜଣେ ବ୍ୟକ୍ତି ଏକାଦଶୀ ଦିନ ଚାଉଳରେ ପ୍ରସ୍ତୁତ ଭାତ କିମ୍ବା ଅନ୍ୟାନ୍ୟ ଖାଦ୍ୟ ଖାଆନ୍ତି ତେବେ ଚନ୍ଦ୍ରଙ୍କ କିରଣ ତାଙ୍କ ଶରୀରରେ ସମସ୍ତ ଜଳୀୟ ଅଂଶକୁ ବିକିରଣ କରିଥାଏ । ଫଳରେ ସେ ଉପବାସ କରିଥିଲେ ମଧ୍ୟ ରୀତିନୀତି ଅନୁସାରେ ପୂଜାପାଠ ଓ ମନ୍ତ୍ରଜପ ଇତ୍ୟାଦି ଏକାଗ୍ରତା ସହିତ କରିପାରିବେ ନାହିଁ । ମନ ଅସ୍ଥିର ରହିବାରୁ ଉପବାସର ନିୟମ ପାଳନ କରିବାରେ ବାଧା ସୃଷ୍ଟି କରିଥାଏ । ତେଣୁ ଚାଉଳ ଖାଇବା ଏକାଦଶୀରେ ନିଷେଧ ।

# ବାତ ରୋଗର ଉପଚାର



ମାନବ ଶରୀର ତ୍ରିଦୋଷ (ବାତ, ପିତ୍ତ, କଫ)ର ବିକୃତି କାରଣରୁ ବ୍ୟାଧି ଉତ୍ପନ୍ନ ହୁଏ। ବାତ ବିକୃତି କାରଣରୁ ପକ୍ଷାଘାତ (ପାରାଲିସିସ୍), ଆମବାତ (ରୁମାଟଏଡ୍ ଆଥରରାଇଟିସ୍), ଆଣ୍ଠୁଗଣ୍ଠିବାତ (ଜଏଣ୍ଟପେନ୍), ଅପସ୍ମାର (ଇପିଲେପ୍‌ସି), କଟିଗ୍ରହ (ଲୁମ୍ବାର ସ୍ପଣ୍ଡିଲିସିସ୍), ଗ୍ରୀବାଗ୍ରହ (ସରଭାଇକାଲ ସ୍ପଣ୍ଡିଲିସିସ୍), ଗୃଧ୍ରସୀ (ସାଇଟିକା), ହନୁଗ୍ରହ (ଫେସିଆଲ୍ ପାରାଲିସିସ୍) ଆଦି ରୋଗ ହେବାର ଦେଖାଯାଇଥାଏ। ବାତ ବ୍ୟାଧି ରୋଗୀ କାର୍ଯ୍ୟକ୍ଷମ ହେବା କାରଣରୁ ତାଙ୍କୁ ସେବାର ଆବଶ୍ୟକତା ରହିଥାଏ। ଯଦି ଉତ୍ତମ ସେବା ଶୁଶ୍ରୂଷା ନ ମିଳେ, ତେବେ ସେ ଆରୋଗ୍ୟ ହେବା କଷ୍ଟକର ହୋଇପଡ଼େ। ଏଥିପାଇଁ ଉତ୍ତମ ଚରିତ୍ରସମ୍ପନ୍ନ, ରାଗ ଦ୍ୱେଷ ରହିତ ସୁଖ ଭାବାପନ୍ନ ପରିଚାରିକା, ସେବିକା ବା ପରିବାର ସଦସ୍ୟ ଆନ୍ତରିକତା ଭାବସମ୍ପନ୍ନ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେବା କଲେ ରୋଗୀ ଶୀଘ୍ର ଆରୋଗ୍ୟ ହୋଇପାରିବ।

ଏହି ରୋଗଗୁଡ଼ିକରେ ରୋଗୀକୁ ପ୍ରଥମେ ସ୍ନେହନ, ସ୍ୱେଦନ ଓ ବିରେଚନ ଦେଇ ସଂଶୋଧନ ଚିକିତ୍ସା ବା ଡେଟେକ୍ସିକେସନ୍ କରିବା ଉଚିତ୍। ବାତ ଦୋଷକୁ ସାମ୍ୟାବସ୍ଥାରେ ଆଣିବା ପାଇଁ ରୋଗ ଅନୁଯାୟୀ ବାତନାଶକ ତୈଳରେ ଅଭ୍ୟଙ୍ଗ/ ମାଲିସ୍ କରିବା ଉଚିତ୍। ଏହି ତୈଳକୁ ଏକ ଷ୍ଟିଲ୍ ପାତ୍ରରେ ନିଆଁରେ ଉଷୁମ କରି ମାଲିସ୍ କଲେ ଆଶୁ ଫଳ ମିଳେ। ତତ୍ ସଙ୍ଗେ ସଙ୍ଗେ ଆକ୍ରାନ୍ତ ଅଙ୍ଗକୁ ସ୍ୱେଦନ ବା ବାମ୍ଫ ଦିଆଯାଏ। ରୋଗୀକୁ ତୈଳାଭ୍ୟଙ୍ଗ ପରେ ଗୋଟିଏ ଖଟ ବା ଟେବୁଲ ଉପରେ ଶୁଆଇ ବା ବସାଇ ଦିଆଯାଏ। ତା'ପରେ ଏକ ମୁଖ ଘୋଡ଼ଣୀ ଥିବା ହାଣ୍ଡି ବା ବଡ଼ ପ୍ରେସରକୁକୁରରେ ବାତନାଶକ ଦ୍ରବ୍ୟ ବଳା, ରାସ୍ନା, ଶାଳପର୍ଣ୍ଣି, ପୃଷ୍ଣପର୍ଣ୍ଣି, ବୃହତୀ, କଣ୍ଟକାରୀ, ଗୋକ୍ଷୁରା, ବିଲ୍ୱ, ଶୈନାକ (ଅଗ୍ନିମନ୍ଥ), ପାଟଳି, ଗମ୍ଭାରୀ ଇତ୍ୟାଦି ଦ୍ରବ୍ୟକୁ ଦରକୁଟା କରି ୪ଗୁଣ ପାଣିରେ ସିଝା ଯାଇଥାଏ। ତା' ପରେ ସେହି ବାମ୍ଫକୁ ଏକ ପାଇପ୍ ସାହାଯ୍ୟରେ ଆଣି ପୂର୍ବରୁ ତୈଳାଭ୍ୟଙ୍ଗ ହୋଇଥିବା ଆକ୍ରାନ୍ତ ସ୍ଥାନରେ ଛଡ଼ାଯାଏ। ବର୍ତ୍ତମାନ ପଞ୍ଚକର୍ମ ଚିକିତ୍ସା କେନ୍ଦ୍ରରେ ଏହା ସହଜରେ ଉପଲବ୍ଧ ହେଉଅଛି। ଏଥିସହ ରୋଗୀର ବଳାବଳକୁ ଦେଖି ପ୍ରତି ତିନି ଦିନରେ ଥରେ ବିରେଚନା ପାଇଁ ଔଷଧ ବା ଏନିମା ଦିଆଯାଏ। ରୋଗୀକୁ ଦୈନିକ ଉଷୁମ ଜଳରେ ସ୍ନାନ କରାଯାଇଥାଏ।

# ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଡେଙ୍ଗୁ ରୋଗୀ ଦୁଇ ଗୁଣା



ମୌସୁମୀ ଆସିବା ପରେ ରାଜ୍ୟରେ ଚିନ୍ତା ବଢ଼ାଇଛି ଡେଙ୍ଗୁ । ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ବଢ଼ି ଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା । ପୂର୍ବ ବର୍ଷ ଅପେକ୍ଷା ଡେଙ୍ଗୁ ପରୀକ୍ଷା ବଢିବା ସହ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ସମୟ ମଧ୍ୟରେ ଦୁଇ ଗୁଣା ରୋଗୀ ଚିହ୍ନଟ ହୋଇଛନ୍ତି । ତେବେ ରାଜ୍ୟରେ ଅନେକ ଜିଲ୍ଲାରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି । ଅନେକ ଲୋକଙ୍କର ଡେଙ୍ଗୁରେ ମୃତ୍ୟୁ ଘଟୁଥିବା ନେଇ ମଧ୍ୟ ଅଭିଯୋଗ ଆସୁଛି । ଗତକାଲି ୨୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ।

ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, 'ପ୍ରତି ଅର୍ବାନ ଅଞ୍ଚଳରେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଡେଙ୍ଗୁର ବାହକ ମଶା ଯେପରି ନକାମୁଡ଼େ, ସେଥିପାଇଁ ନିଜକୁ ଆବଦ୍ଧ କରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଉଛି । ବର୍ଷା ଦିନ ଆସିଲାଣି, ବିଭିନ୍ନ ସ୍ଥାନରେ ପାଣି ଜମିବା ଭଳି ପରିସ୍ଥିତି ଉପୁଜୁଥାଏ । ଏହି ସମୟରେ ମଶାମାନେ ବିଶେଷ ଭାବରେ ବଂଶ ବିସ୍ତାର କରିଥାନ୍ତି । ତେଣୁ ଏଥିପ୍ରତି ସତର୍କ ରହିବା ସହ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି । ଏନେଇ ସମସ୍ତ ଜିଲ୍ଲା ସିଡିଏମ୍‌ଓକୁ ନିର୍ଦ୍ଦେଶନାମା ଜାରି ହୋଇଛି । ଭୁବନେଶ୍ୱର ଓ କଟକରେ ଜନସଂଖ୍ୟା ଅଧିକ । ତେଣୁ ଆଲର୍ଟ ଅଛୁ । ଗତ ବର୍ଷ ତୁଳନାରେ ପରୀକ୍ଷା ଅଧିକ ହୋଇଛି । ତେଣୁ ଦୁଇ ଗଣ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି ।'

**ଡେଙ୍ଗୁର ଇତିହାସ:** ବିଶ୍ୱରେ ବିଭିନ୍ନ ଦେଶରେ ଦେଖାଯାଉଛି ଡେଙ୍ଗୁ । ବିଶେଷ ଭାବରେ ଏହି ଡେଙ୍ଗୁ ରୋଗ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ମଧ୍ୟରେ ବ୍ୟାପିଥାଏ । ଏହି ରୋଗ ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ସଂକ୍ରମିତ କରିଥାଏ । ଭାରତରେ ଡେଙ୍ଗୁ ପ୍ରଥମେ ୧୭୮୦ ମସିହାରେ ଦେଖାଯାଇଥିଲା। ଯାହା ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ) ସହରରେ ଚିହ୍ନଟ କରାଯାଇଥିଲା ।

**ଡେଙ୍ଗୁର ଲକ୍ଷଣ:** ସାଧାରଣ ଭାବରେ ଡେଙ୍ଗୁ ରୋଗ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ସମସ୍ତ ବର୍ଗର ଲୋକଙ୍କୁ ସଂକ୍ରମିତ ହୋଇଥାଏ । ଏଡିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ ଡେଙ୍ଗୁ । ତେବେ ସୁସ୍ଥ ମଣିଷଠାରେ ପ୍ରାୟ ୪ରୁ ୧୦ ଦିନ ଭିତରେ ଲକ୍ଷଣ ଦେଖାଯାଇଥାଏ। ଶରୀରରେ ତାପମାତ୍ରା ୧୦୪ ଫାରେନ୍‌ହାଇଟ୍ ବୃଦ୍ଧି ପାଇବା ସହ ମାଂସପେଶୀ, ହାଡ଼ ଓ ଖଞ୍ଜା ଆଦିରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାସହ ଆଖିପତା ବ୍ୟଥା, ମୁଣ୍ଡବ୍ୟଥା ଆଦି ଲକ୍ଷଣ ଦେଖାଦେଇଥାଏ । ଶରୀରରେ ଲାଲ ଦାଗ ଦେଖାଦେବା ସହିତ କେତେକ ସ୍ଥଳରେ ବାନ୍ତି ହୋଇଥାଏ ।

**ଏଡିସ୍ ମଶାର ଉତ୍ପତ୍ତି ସ୍ଥାନ:** ଏଡିସ୍ ମଶାର ପ୍ରାଦୁର୍ଭାବ ସାଧାରଣତଃ ବର୍ଷା ଋତୁରେ ଦେଖାଦେଇଥାଏ । ଏଡିସ୍ ମଶା ଦୀର୍ଘ ଦିନ ଧରି ଜମି ରହିଥିବା ପାଣିରେ ବଂଶ ବିସ୍ତାର କରିଥାନ୍ତି । ଘରେ ପଡ଼ିରହିଥିବା ଭଙ୍ଗା ଆସବାବପତ୍ର, ଅର୍ଦ୍ଧଭଙ୍ଗା ହାଣ୍ଡି, କାଚ, ନଡ଼ିଆ ଶଢ଼େଇ, ଆଇସ୍‌କ୍ରିମ ଖୋଳ, ପଥର ଖାଲ, ପୁରୁଣା ଟାଇଲରେ ବର୍ଷା ପାଣି ରହିଥିଲେ ସେହି ସ୍ଥାନରେ ଏହି ପ୍ରକାରର ମଶା ବଂଶ ବିସ୍ତାର କରିଥାଆନ୍ତି । ଡେଙ୍ଗୁ ରୋଗରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କୁ ଏକ ଏଡିସ୍ ମଶା କାମୁଡ଼ିବା ପରେ ଜଣେ ସୁସ୍ଥ ଲୋକଙ୍କୁ କାମୁଡ଼ିଲେ ଉକ୍ତ ଲୋକ ମଧ୍ୟ ଡେଙ୍ଗୁରେ ସଂକ୍ରମିତ ହେବାର ସମ୍ଭାବନା ରହିଥାଏ ।

**ଏହାର ପ୍ରତିକାର:** ଏଡିସ୍ ମଶା ଠାରୁ ଦୂରେଇ ରହିବା ପାଇଁ ଶୋଇବା ସମୟରେ ମଶାରୀ ଟାଙ୍ଗି ଶୋଇବା ଆବଶ୍ୟକ । ଶରୀରକୁ ସମ୍ପୂର୍ଣ୍ଣ ଭାବରେ ପୋଷାକ ଆଚ୍ଛାଦିତ କରି ରଖିବା ଆବଶ୍ୟକ । ଗୋଡ଼ରେ ନିମ୍ବତେଲ ଲଗାଇବା ଆବଶ୍ୟକ । ଘର ଚାରି ପାଖରେ ସଫା ସୁତୁରା ରଖିବା ଆବଶ୍ୟକ, ଯେପରି କୌଣସି ସ୍ଥାନରେ ପାଣି ଜମି ନରହିବ । ଏହାସହ ପାଣି ରଖିଥିବା ପାତ୍ର, ପାଣି ଟାଙ୍କି, କୁଲର ଇତ୍ୟାଦିକୁ ୨ରୁ ୩ ଦିନ ମଧ୍ୟରେ ଥରେ ସଫାକରି ପାଣି ବଦଳାଇବା ଆବଶ୍ୟକ । ଡେଙ୍ଗୁ ରୋଗ ଏକ ମାରାତ୍ମକ ରୋଗ । ତେଣୁ ଏହାର ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ସହ ପରାମର୍ଶକ୍ରମେ ଔଷଧ ଖାଇବା ଆବଶ୍ୟକ ।

**ସରକାରୀ ରିପୋର୍ଟ:** ରାଜ୍ୟରେ ଡେଙ୍ଗୁ ଚିହ୍ନଟରେ ଖୋର୍ଦ୍ଧା ଜିଲ୍ଲା ଆଗରେ ରହିଛି । ଆଜି ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ମୋଟ ୭୪୧୫ ଟେଷ୍ଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୮୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି କଟକ ଏବଂ ରାୟଗଡ଼ାରେ ୨୧ ଜଣ ଲେଖାଏଁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରେ ୨୫ ଜଣ, ବାଲେଶ୍ୱର ଏବଂ ମାଲକାନଗିରିରେ ୧୭ ଜଣ, କୋରାପୁଟରେ ୧୩ ଜଣ, ଭଦ୍ରକରେ ୧୦ ଜଣ, ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲାରେ ୯ ଜଣ, ମୟୂରଭଞ୍ଜ ଜିଲ୍ଲାରେ ୮ ଜଣ ରହିଥିବାବେଳେ ସମ୍ବଲପୁରରେ ୬ ଜଣ, ନୟାଗଡ଼ ଜିଲ୍ଲାରେ ୫ ଜଣ, ନବରଙ୍ଗପୁର ଏବଂ ଜଗତସିଂହପୁରରେ ଜଣେ ଲେଖାଏଁ, କେନ୍ଦ୍ରାପଡ଼ାରେ ୪, କନ୍ଧମାଳ ଏବଂ ଝାରସୁଗୁଡ଼ା ଓ ବୌଦ୍ଧରେ ୨ ଜଣ ଲେଖାଏଁ, ଗଞ୍ଜାମ ଓ ବରଗଡରେ ୩ ଜଣ ଲେଖାଏଁ, ଢେଙ୍କାନାଳରେ ୫ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ଅନୁଗୋଳ, ଦେବଗଡ଼, କେନ୍ଦୁଝର, ନୂଆପଡ଼ା ଏବଂ ସୋନପୁର ଜିଲ୍ଲାରେ ଏପର୍ଯ୍ୟନ୍ତ କୌଣସି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାନ୍ତି ।

# ଆଲର୍ଜି ସମସ୍ୟା ପାଇଁ ଭିଟାମିନ୍-ଇ ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ

ଭିଟାମିନ୍-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ। ବିଶେଷ ଭାବରେ ଏଥିରେ ତତ୍ତ୍ୱ ରହିଛି ଯାହା ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ-ଇ ଯୁକ୍ତ ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟ୍ ପରି କାମ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।



30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୦୩ ଜୁଲାଇ, ବୁଧବାର, ୨୦୨୪



# ଦଳକୁ ବିଦାୟ ଦେବା ପୂର୍ବରୁ ଡ୍ରେସିଂ ରୁମ୍‌ରେ ରାହୁଲଙ୍କ ଶେଷ ଭାଷଣ



**କୋଲକାତା**

ଭାରତ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ ବିଜୟୀ ହୋଇଛି। ଏହା ସହିତ ଭାରତୀୟ କ୍ରିକେଟରେ ଏକ ବଡ଼ ଯୁଗର ଶେଷ ହୋଇଛି। ବିଜୟ ସହିତ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ ବିଦାୟ ନେଇଛନ୍ତି। ସେହିଭଳି ଟି-୨୦ ଫର୍ମାଟରୁ ବିରାଟ କୋହଲି ଏବଂ ରୋହିତ ଶର୍ମା ବିଦାୟ ନେଇଛନ୍ତି।

ଦଳକୁ ବିଦାୟ ଦେବା ପୂର୍ବରୁ ଦ୍ରାବିଡ଼ ଡ୍ରେସିଂ ରୁମ୍‌ରେ ତାଙ୍କର ଶେଷ ଭାଷଣ ଦେଇଥିଲେ। ଏହି ସମୟରେ ସେ କହିଥିଲେ, ମୋତେ ଏହି ଚମତ୍କାର ସ୍ମୃତିର ଏକ ଅଂଶ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଆପଣ ସମସ୍ତେ ଏହି ମୁହୂର୍ତ୍ତକୁ ମନେ ରଖିବେ। ଯେଉଁଭଳି ଭାବେ ତୁମେମାନେ ପଡ଼ିଆରେ ଖେଳିଲ ତାହା ପ୍ରଶଂସନୀୟ। ଯେମିତି ଟିମ୍ ହୋଇ କାମ କଲ ସେ ସବୁପାଇଁ ଅଶେଷ ଅଶେଷ ଧନ୍ୟବାଦ। ହଁ କିଛି କ୍ଷେତ୍ରରେ ଆମକୁ ନିରାଶ ବି ହେବାକୁ ପଡ଼ିଛି କିନ୍ତୁ ସମସ୍ତେ ମନେ ରଖିଥିବ ଯେଉଁଠି ଆମେ ଏକାଠି ହୋଇ କାମ କରିନାହୁଁ ସେଠି ହାରିବାକୁ ପଡ଼ିଛି। ଆପଣମାନେ ଦେଖାଇଥିବା ପ୍ରଦର୍ଶନ ପାଇଁ ସମଗ୍ର ଦେଶ ଗର୍ବିତ। ତେଣୁ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ଅଶେଷ ଅଶେଷ ଧନ୍ୟବାଦ।

ଭାରତୀୟ ଦଳ ୨୦୨୩ ଦିନିକିଆ ବିଶ୍ୱକପ୍‌ର ଫାଇନାଲ ହାରିବା ପରେ ରାହୁଲ ଦ୍ରାବିଡ଼ ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେବାକୁ ଚାହୁଁଥିଲେ। କିନ୍ତୁ ରୋହିତ ଶର୍ମା ତାଙ୍କୁ ରହିବାକୁ ପ୍ରବର୍ତ୍ତାଇଥିଲେ। ଦ୍ରାବିଡ଼ ରୋହିତ ଶର୍ମାଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ରୋହିତ ନଭେମ୍ବରରେ ସେହି କଲ୍ କରି ମୋତେ ରହିବାକୁ କହିଥିବାରୁ ଆପଣଙ୍କୁ ବି ବହୁତ ଧନ୍ୟବାଦ।

# ଜିମ୍ବାୱେ ଗସ୍ତ କଲା ଭାରତୀୟ ଦଳ

**ନୂଆଦିଲ୍ଲୀ**

ଭିଭିଏସ ଲକ୍ଷ୍ମଣଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଜିମ୍ବାୱେ ଗସ୍ତରେ ଯାଇଛି। ବିସିସିଆଇ ଭାରତୀୟ ଖେଳାଳିଙ୍କ କିଛି ଫଟୋ ସେୟାର କରିଛି। ଏଥିରେ ଭିଭିଏସ୍ ଲକ୍ଷ୍ମଣ, ରିଆନ ପରାଗ ଏବଂ ଅନ୍ୟାନ୍ୟ ଖେଳାଳି ନଜର ଆସିଛନ୍ତି।

ଟି-୨୦ ବିଶ୍ୱକପ ପରେ ଭାରତୀୟ ଦଳ ଜିମ୍ବାୱେ ବିପକ୍ଷରେ ୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଅଧିକାଂଶ ବରିଷ୍ଠ ଖେଳାଳି ଏହି ଗସ୍ତରୁ ବାଦ୍ ପଡ଼ିଛନ୍ତି। ଯୁବ ଖେଳାଳିମାନଙ୍କୁ ଜିମ୍ବାୱେ ଯାତ୍ରା ପାଇଁ ଦଳରେ ସ୍ଥାନ ଦିଆଯାଇଛି। ଶୁଭମାନ ଗିଲ୍‌ଙ୍କୁ ଟିମ୍‌ଇଣ୍ଡିଆର ଅଧିନାୟକ କରାଯାଇଛି।

ଆମେରିକା ଏବଂ ୱେଷ୍ଟ-ଇଣ୍ଡିଜରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ ମଧ୍ୟରେ ଜିମ୍ବାୱେ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା ହୋଇଥିଲା।







ଆଇପିଏଲରେ ଚମତ୍କାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ଦଳରେ ସ୍ଥାନ ଦିଆଯାଇଥିଲା। ଯୁବ ଖେଳାଳିଙ୍କ ଦ୍ୱାରା ସଜ୍ଜିତ ଏହି ଦଳର ଅଧିନାୟକ ଶୁଭମାନ ଗିଲଙ୍କୁ ନିଯୁକ୍ତ କରାଯାଇଥିଲା। ଅଭିଷେକ ଶର୍ମା, ରିୟାନ ପରାଗ, ତୁଷାର ଦେଶପାଣ୍ଡେ ପ୍ରଥମ ଥର ପାଇଁ ଭାରତୀୟ ଦଳର ସ୍ଥାନ ପାଇଛନ୍ତି।

ଜିମ୍ବାୱେ ସିରିଜ୍ ପାଇଁ ଭାରତୀୟ ଦଳ : ଶୁଭମାନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରୁତୁରାଜ ଗାଇକ୍ୱାଡ୍, ଅଭିଷେକ ଶର୍ମା, ରିଙ୍କୁ ସିଂ, ସଞ୍ଜୁ ସାମସନ (ଉଇକେଟ୍ କିପର), ଧ୍ରୁବ ଜୁରେଲ (ଉଇକେଟ୍ କିପର), ରିଆନ ପରାଗ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଆବେଶ ଖାନ, ଖାଲିଲ ଅହମ୍ମଦ , ମୁକେଶ କୁମାର, ତୁଷାର ଦେଶପାଣ୍ଡେ, ଶିବମ ଦୁବେ।

ଜିମ୍ବାୱେ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ୬ ଜୁଲାଇରେ ଖେଳାଯିବ। ଦ୍ୱିତୀୟ ଟି-୨୦ ମ୍ୟାଚ୍ ୭ ଜୁଲାଇରେ, ତୃତୀୟ ମ୍ୟାଚ୍ ୧୦ ଜୁଲାଇରେ ଚତୁର୍ଥ, ୧୩ ଜୁଲାଇରେ ଚତୁର୍ଥ ମ୍ୟାଚ୍ ଏବଂ ୧୪ ଜୁଲାଇରେ ଶେଷ ମ୍ୟାଚ୍ ଖେଳାଯିବ। ଏହି ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୪.୩୦ରେ ଆରମ୍ଭ ହେବ। ଏବଂ ଜିମ୍ବାୱେର ରାଜଧାନୀ ହରାରେର ହରାରେ ସ୍ପୋର୍ଟସ କ୍ଲବରେ ଖେଳାଯିବ।

# ଟି-୨୦ ବିଶ୍ୱକପ ଫାଇନାଲର ଦୁଃଖକୁ ଭୁଲିପାରି ନ ପାରି ଅବସର ଘୋଷଣା କଲେ ଡେଭିଡ୍ ମିଲର

**ନୂଆଦିଲ୍ଲୀ**



ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ବ୍ୟାଟ୍ସମ୍ୟାନ ଡେଭିଡ୍ ମିଲର ଟି-୨୦ ବିଶ୍ୱକପ ୨୦୨୪ର ଫାଇନାଲରେ ପରାଜୟ ପରେ ଏକ ଭାବପ୍ରବଣ ପୋଷ୍ଟ ଶେୟାର କରିଛନ୍ତି। ଫାଇନାଲ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରିଥିଲା ଏବଂ ଏହି ପରାଜୟ ପରେ ଡେଭିଡ୍ ମିଲର କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ବାଉଣ୍ଡାରି ଲାଇନ ଉପରେ ଡେଭିଡ୍‌ଙ୍କ କ୍ୟାଚ୍ ନେଇ ମ୍ୟାଚ୍‌କୁ ବଦଳାଇ ଦେଇଥିଲେ ଏବଂ ଆଫ୍ରିକା ପାଇଁ ମିଲରଙ୍କ କ୍ୟାଚ୍ ବହୁତ ଭାରୀ ପଡ଼ିଥିଲା। ବିଶ୍ୱକପ ଟ୍ରଫି ହରାଇବାର ଚାରି ଦିନ ହୋଇଗଲାଣି, କିନ୍ତୁ ଡେଭିଡ୍ ମିଲର ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭାବପ୍ରବଣ କାହାଣୀ ସେୟାର କରିବା ସହ ଟି-୨୦ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ, ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚର ଶେଷ ଓଭରରେ ଦକ୍ଷିଣ ଆଫ୍ରିକାକୁ ଜିତିବା ପାଇଁ ୧୬ରନ ଆବଶ୍ୟକ ଥିଲା। ଏହି ସମୟ ମଧ୍ୟରେ ଡେଭିଡ୍ ମିଲର କ୍ରିଜ୍‌ରେ ଉପସ୍ଥିତ ଥିଲେ। ଆଫ୍ରିକୀୟ ଦଳ ଆଶାବାଦୀ ଥିଲା ଯେ ସେ କିଛି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିବେ ଏବଂ ଦଳ ପାଇଁ ଟାଇଟଲ ଜିତିବେ, କିନ୍ତୁ ରୋହିତ ଶେଷ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବଲ ଦେଇଥିଲେ ଏବଂ ହାର୍ଦ୍ଦିକ ଏହି ଓଭରରେ ସୂର୍ଯ୍ୟଙ୍କ ଦ୍ୱାରା ଡେଭିଡ ମିଲରଙ୍କୁ ଆଉଟ୍ କରିଥିଲେ। ବାଉଣ୍ଡାରି ଉପରେ ସୂର୍ଯ୍ୟକୁମାର ଯେପରି କ୍ୟାଚ୍ ଧରିଲେ ତାହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ଏପରିକି ଡେଭିଡ୍ ମିଲରଙ୍କ କ୍ୟାଚ୍ ନେବା ମାତ୍ରେ ମ୍ୟାଚ୍‌ର ମୋଡ଼ ବଦଳିଗଲା ଏବଂ ଭାରତ ଦକ୍ଷିଣ ଆଫ୍ରିକାକୁ ୭ରନରେ ପରାସ୍ତ କଲା।

ଦକ୍ଷିଣ ଆଫ୍ରିକା ଫାଇନାଲ ହାରିବାର ଚାରି ଦିନ ପରେ ମଧ ଡେଭିଡ ମିଲର ଏହି ଦୁଃଖକୁ ଭୁଲି ପାରି ନାହାନ୍ତି। ସେ ନିଜ ଇନଷ୍ଟାଗ୍ରାମରେ ଏକ ଷ୍ଟୋରୀ ଶେୟାର କରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି ଯେ ମୁଁ ବହୁତ ଦୁଃଖିତ, ଚାରି ଦିନ ପୂର୍ବେ ଘଟିଥିବା ଘଟଣାରୁ ବାହାରକୁ ଆସିବା ପ୍ରକୃତରେ କଷ୍ଟକର। ମୁଁ କିପରି ଅନୁଭବ କରୁଛି ତାହା ଶବ୍ଦ ବ୍ୟାଖ୍ୟା କରିପାରିବ ନାହିଁ। ଗୋଟିଏ ଜିନିଷ ମୁଁ ଜାଣେ ଏହି ୟୁନିଟ୍ ପାଇଁ ମୁଁ କେତେ ଗର୍ବିତ। ଏହି ଯାତ୍ରା ଅବିଶ୍ୱସନୀୟ ଥିଲା, ମାସସାରା ଉତ୍ଥାନ-ପତନ ସହିତ ଆମେ ଯନ୍ତ୍ରଣା ଭୋଗୁଛୁ, କିନ୍ତୁ ମୁଁ ଜାଣେ ଏହି ଦଳର ସ୍ଥିରତା ଅଛି ଏବଂ ଏହି ଦଳ ଉପରକୁ ଯିବ।

# ଭାରତ ବିପକ୍ଷ ସିରିଜ୍ ପାଇଁ ଜିମ୍ବାୱେ ଦଳ ଘୋଷଣା

**ନୂଆଦିଲ୍ଲୀ**

ଭାରତ ବିପକ୍ଷ ସିରିଜ୍ ପାଇଁ ଜିମ୍ବାୱେ ଦଳ ଘୋଷଣା ହୋଇଛି। ଏହି ଦଳରେ ଅନେକ ଅଭିଜ୍ଞ ଖେଳାଳି ସାମିଲ ହୋଇଛନ୍ତି। ଭାରତୀୟ ଦଳ



ଜିମ୍ବାୱେ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ଏହି ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୪.୩୦ରେ ଆରମ୍ଭ ହେବ ଏବଂ ଜିମ୍ବାୱେର ରାଜଧାନୀ ହରାରେର ହରାରେ ସ୍ପୋର୍ଟସ କ୍ଲବ୍‌ରେ ଖେଳାଯିବ।

ଭାରତ ବିପକ୍ଷରେ ଟି-୨୦ ସିରିଜ ପାଇଁ ଜିମ୍ବାୱେ ଦଳ : ରାଜା ସିକନ୍ଦର (ଅଧିନାୟକ), ଆକ୍ରାମ ଫାରାଜ, ବେନେଟ ବ୍ରାଇନ, କ୍ୟାମ୍ପବେଲ ଜୋନାଥନ, ଚଟାରା ତେଣ୍ଡାଇ, ଜୋଙ୍ଗୱେ ଲୁକ, କାୟା ଇନୋସେଣ୍ଟ, ମାଡେଣ୍ଡେ କ୍ଲିଭ, ମାଧୁରେ ସେଲି, ମାରୁମାନି ତାଡିଭାନାସେ, ମାସାକଡା ଲେିଙ୍ଗଟନ, ମାଭୁଟା ବ୍ରେଣ୍ଡନ, ମୁଜାରାବାନୀ ଆଶୀର୍ବାଦ, ମାୟର୍ସ ଡାୟାନ, ନାକଭି ଅନ୍ତୁମ, ନାଗର ରିଚର୍ଡ, ଶୁମ୍ବା ମିଲଟନ।

# ନୀତା ଫୁଟ୍‌ବଲ ଏକାଡେମୀ ପରିଦର୍ଶନ କଲେ ସର୍ବଭାରତୀୟ ଫୁଟବଲ ମହାସଂଘ ନିର୍ଦ୍ଦେଶକ

**ଗୁରୁଡିଝାଟିଆ**



ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ)ର ବୈଷୟିକ ନିର୍ଦ୍ଦେଶକ ଶୟେଦ ସବିର ପାସାଙ୍କ ରାଧାଦାମୋଦରପୁର ସ୍ଥିତ ନୀତା ଫୁଟୁବଲ ଏକାଡେମୀ ପରିଦର୍ଶନ କରିଛନ୍ତି। ବୈଷୟିକ ନିର୍ଦ୍ଦେଶକ ଶ୍ରୀ ପାସା ନୀତା ଫୁଟ୍‌ବଲ ଏକାଡେମୀର ମହିଳା ଖେଳାଳିମାନଙ୍କ ସହିତ ଭାବ ବିନିମୟ କରି ଦେଶ ପାଇଁ ଗୌରବ ଆଣିଦେବାକୁ ହେଲେ ନିଷ୍ଠା, ଚତୁରତା ସହିତ ପ୍ରତିପକ୍ଷର ଆକ୍ରମଣକୁ ପଣ୍ଡ କରି କିଭଳି ଭାବେ ଉନ୍ନତମାନର ଖେଳ ଖେଳିହେବ ସେ ସଂପର୍କରେ ବୁଝାଇଥିଲେ। ଏଥିସହିତ ଖେଳପଡ଼ିଆ, ପ୍ରଶିକ୍ଷଣ କେନ୍ଦ୍ର ବୁଲି ଦେବା ସହ ଉପସ୍ଥିତ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଭାରତୀୟ ମହିଳା ଫୁଟ୍‌ବଲ ଲେବୁଲ-୨ରେ ରନର୍ସଅପ ହୋଇଥିବା ଅନୁଷ୍ଠାନର ଖେଳାଳିଙ୍କୁ ଶ୍ରୀ ପାସା ପ୍ରଂଶସା କରି ଆଗକୁ ବଢିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ପ୍ରାରମ୍ଭରେ ନୀତା ଫୁଟ୍‌ବଲ ଏକାଡେମୀର ପ୍ରତିଷ୍ଠାତା ଇଂ ସୁବ୍ରତ ଦାସ ଶ୍ରୀ ପାସାଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ପରିଦର୍ଶନ ସମୟରେ ନୀତା ଫୁଟୁବଲ ଏକାଡ଼େମୀର ପରାମର୍ଶଦାତା ମହମ୍ମଦ ସୟଦ ଜବର, ଫିଫାର ଓଡ଼ିଶା ଶାଖାମିତ୍ର ସୁନିଲ ମିତ୍ର, ନୀତା ଫୁଟ୍‌ବଲ ଏକାଡେମୀର ପିନାକୀ ମିଶ୍ର, ପ୍ରଦୀପ କୁମାର ରାଉତ ଓ ଅଭିଜିତ୍ କାନୁନଗୋ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-418

ଆକାଶ ଶୋଭା ବିଲ୍ଡିଂ

ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୦୯୯୫ / ଭୁ.ଉ.କ., ଭୁବନେଶ୍ୱର GE-586/81 ତା ୨୫.୦୬.୨୦୨୪ରିଖ

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୋଡ଼ା ଗୋପିନାଥ ପ୍ରସାଦ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ରସୁଲଗଡ଼, ଭୁବନେଶ୍ୱର ଅନ୍ତର୍ଗତ LIG ଗୃହ ନଂ-L-48 କୁ **ଶ୍ରୀମତୀ ରୁକ୍ମିଣି ସାହୁ, ସ୍ୱାମୀ-ହେମେନ୍ଦ୍ରନାଥ ସାହୁ, ଗ୍ରାମ/ପୋଷ୍ଟ/ଥାନା-ତିହିଡ଼ି, ଜିଲ୍ଲା-ବାଲେଶ୍ୱର, ରାଜ୍ୟ-ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ **ଶ୍ରୀମତୀ ରୁକ୍ମିଣି ସାହୁ** ଗତ ତା-୧୪.୦୮.୨୦୦୪ ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate No.**11673 dated 30.10.2004**) Legal heir certificate No. 546 dated 16.11.2004** ଅନୁଯାୟୀ **ଶ୍ରୀମତୀ ରୁକ୍ମିଣି ସାହୁଙ୍କ**ର ଉତ୍ତରାଧିକାରୀ (୧) ଚିନ୍ମୟ ସାହୁ (ପୁତ୍ର), (୨) ପ୍ରିତିସୁଧା ସାହୁ (ବିବାହିତା କନ୍ୟା), (୩) ଦିପ୍ତିଆଭା ସାହୁ (ବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ ଉତ୍ତରାଧିକାରୀମାନେ ଉକ୍ତ ଗୃହର ମାଲିକାନା ସତ୍ୱ ତାଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧

OIPR-13033/11/0041/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

A-81

GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAHANADI NORTH DIVISION-1, JAGATPUR, CUTTACK
E-mail ID :- exengr.mnd@gmail.com
'e' Procurement Notice No- MND-03/2024-25

The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE DIPPING PROCESS AFTER 31.12.2020 AS PER WORKS DEPIT, LETTER NO- 9100 DATED 17.07.2020.**

1. Nature of Work : Canal works
2. Total No. of Works : 6 (Six) works
3. Bid Identification No : MND-03/2024-25
4. Tender Cost : Rs. 1.00 Lakh to Rs. 6.18 Lakhs
5. Class of Contractor : "D &C" Class
6. Period of completion : 1(One) month
7. Other Details : As noted below
   a) Procurement Officer : Superintending Engineer, Mahanadi North Division-1, Jagatpur email: exengr.mnd@gmail.com Ph:- 0671-2491546
   b) Availability of Tender On-line for bidding : 10.00 Hours of 02.07.2024 to 17.30 Hours of 08.07.2024
   c) Last date & time of submission of bid document : 17.30 Hours of 08.07.2024
   d) Date, time & place of Opening of Bid : 09.07.2024 at 11.30 Hours in the O/o the Superintending Engineer, Mahanadi North Division-1, Jagatpur
   e) Date of Lottery (if required) : 12.07.2024 at 11.30 A.M.

Further details can be seen from the Govt, web site **"https://tendersodisha.gov.in"**

Sd/- Superintending Engineer
OIPR-32003/11/0004/2425 Mahanadi North Division-I Jagatpur

CAD-409

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ , ଭୁବନେଶ୍ୱର – ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍ସାଇଟ୍ : https://oshb.org

ପତ୍ର ସଂଖ୍ୟା: ୧୪୩ ତା.୦୧.୦୭.୨୦୨୪

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନ ଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ସ୍ୱ ଦୀନବନ୍ଧୁ ପଣ୍ଡା, ପିତା-ସ୍ୱରଥ ପଣ୍ଡା, ଗ୍ରା-ଏଲ.ଆଇ.ଜି-୧-୧୮୩, କଳିଙ୍ଗ ବିହାର, ଛେଣ୍ଡ, ଫେଜ-୨, ପୋ-ରାଉରକେଲା-୧୫, ଜିଲ୍ଲା-ସୁନ୍ଦରଗଡ | ଘର ନଂ-ଏଲ.ଆଇ.ଜି-୧-୧୮୩, (LIG-I-183), କଳିଙ୍ଗ ବିହାର, ଛେଣ୍ଡ, ଫେଜ-୨, ପୋ-ରାଉରକେଲା-୧୫, ଜିଲ୍ଲା-ସୁନ୍ଦରଗଡ | ୧- ବୀଣାରାଣୀ ପଣ୍ଡା (ସ୍ତ୍ରୀ)<br>୨-ପ୍ରଶାନ୍ତ କୁମାର ପଣ୍ଡା (ବି.ପୁତ୍ର)<br>୩-କଳ୍ପନା ଆଚାର୍ଯ୍ୟ (ବି.କନ୍ୟା)<br>୪- ରିତା ଡୋଗ୍ରା (ବି.କନ୍ୟା) |

ସ୍ୱା- ପ୍ରଶାସନିକ ଅଧିକାରୀ
OIPR-13030/11/0172/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ଭାରତର ସେବାରେ ଭେଙ୍କେୟା ଗାରୁଙ୍କ ଜୀବନ



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ଭାରତର ପୂର୍ବତନ ଉପରାଷ୍ଟ୍ରପତି ତଥା ସମ୍ମାନନୀୟ ରାଜନେତା ଶ୍ରୀ ଏମ୍ ଭେଙ୍କେୟା ନାଇଡୁ ଗାରୁ ୭୫ ବର୍ଷରେ ପଦାର୍ପଣ କରିଛନ୍ତି। ମୁଁ ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି ଏବଂ ତାଙ୍କର ସମସ୍ତ ଶୁଭେଚ୍ଛୁ ଓ ସମର୍ଥକମାନଙ୍କୁ ଶୁଭେଚ୍ଛା ଜଣାଉଛି। ବର୍ତ୍ତମାନର ମୁହୂର୍ତ୍ତ ଏପରି ଜଣେ ନେତାଙ୍କୁ ସମ୍ମାନିତ କରିବାର ଏକ ଅବସର ଯାହାଙ୍କ ଜୀବନ ଯାତ୍ରା ସମର୍ପଣ, ଗ୍ରହଣୀୟତା ଓ ଜନସେବା ପ୍ରତି ଅତୁଟ ସଂକଳ୍ପବଦ୍ଧତା ପ୍ରଦର୍ଶନ କରେ। ରାଜନୀତି କ୍ଷେତ୍ରରେ ପ୍ରାରମ୍ଭିକ ଦିନ ଠାରୁ ଆରମ୍ଭ କରି ଉପରାଷ୍ଟ୍ରପତି ଭାବରେ କାର୍ଯ୍ୟକାଳ ପର୍ଯ୍ୟନ୍ତ, ଭେଙ୍କେୟା ଗାରୁଙ୍କ କ୍ୟାରିୟର ଭାରତୀୟ ରାଜନୀତିର ଜଟିଳତାକୁ ସହଜ ଓ ନମ୍ରତାର ସହ ପରିଚାଳନା କରିବାରେ ତାଙ୍କ ଅନନ୍ୟ ଦକ୍ଷତାର ଉଦାହରଣ। ବିକାଶମୂଳକ ପ୍ରସଙ୍ଗରେ ତାଙ୍କର ବକ୍ତୃତା, ବୁଦ୍ଧିମତା ଓ ଗଭୀର ଧ୍ୟାନ ଦଳମତ ନିର୍ବିଶେଷରେ ତାଙ୍କୁ ସମ୍ମାନ ଦେଇଛି।

ଭେଙ୍କେୟା ଗାରୁ ଏବଂ ମୁଁ ବହୁ ଦଶନ୍ଧି ଧରି ପରସ୍ପର ସହିତ ଜଡ଼ିତ ରହିଛୁ। ଆମେ ଏକାଠି କାମ କରିଛୁ ଏବଂ ମୁଁ ମଧ ତାଙ୍କଠାରୁ ଅନେକ କଥା ଶିଖିଛି। ଯଦି ତାଙ୍କ ଜୀବନରେ କିଛି ଗୋଟିଏ ଜିନିଷ ଅପରିବର୍ତ୍ତନୀୟ ହୋଇ ରହିଛି, ତାହା ହେଉଛି ଲୋକଙ୍କ ପ୍ରତି ଭଲ ପାଇବା। ଜଣେ ଛାତ୍ର ନେତା ଭାବରେ ଆନ୍ଧ୍ରପ୍ରଦେଶ ଛାତ୍ର ରାଜନୀତିରେ ତାଙ୍କର ସକ୍ରିୟତା ରହିଥିଲା ଏବଂ ଏହି ଠାରୁ ରାଜନୀତି ପ୍ରତି ତାଙ୍କର ଆଗ୍ରହ ଆରମ୍ଭ ହୋଇଥିଲା। ତାଙ୍କର ପ୍ରତିଭା, ବକ୍ତୃତା କୌଶଳ ଓ ସାଂଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି ଯେକୌଣସି ରାଜନୈତିକ ଦଳରେ ତାଙ୍କୁ ସ୍ୱାଗତ କରାଯାଇ ପାରିଥା'ନ୍ତା; କିନ୍ତୁ ସେ ସଂଘ ପରିବାର ସହିତ କାମ କରିବାକୁ ପସନ୍ଦ କରିଥିଲେ କାରଣ ସେ ରାଷ୍ଟ୍ର ପ୍ରଥମ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ଥିଲେ। ସେ ଆରଏସଏସ, ଏବିଭିପି ସହ ଜଡ଼ିତ ଥିଲେ ଏବଂ ପରେ ଜନସଂଘ ଓ ବିଜେପିକୁ ମଜବୁତ କରିଥିଲେ।

ପାଖାପାଖି ୫୦ ବର୍ଷ ତଳେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବା ସମୟରେ ଯୁବ ଭେଙ୍କେୟା ଗାରୁ ଜରୁରୀ ପରିସ୍ଥିତି ବିରୋଧୀ ଜନଆନ୍ଦୋଳନରେ ନିଜକୁ ନିୟୋଜିତ କରିଥିଲେ। ଲୋକନାୟକ ଜେପିଙ୍କୁ ଆନ୍ଧ୍ରପ୍ରଦେଶକୁ ନିମନ୍ତ୍ରଣ କରିଥିବାରୁ ତାଙ୍କୁ ଜେଲରେ ରଖାଯାଇଥିଲା। ଗଣତନ୍ତ୍ର ପ୍ରତି ଏହି ସଂକଳ୍ପବଦ୍ଧତା ତାଙ୍କ ରାଜନୈତିକ କ୍ୟାରିୟରରେ ବାରମ୍ବାର ଦେଖିବାକୁ ମିଳିଥିଲା। ୧୯୮୦ ଦଶକ ମଧ୍ୟଭାଗରେ ଯେତେବେଳେ ମହାନ ଏନଟିଆର ସରକାରକୁ କଂଗ୍ରେସ ଅଯଥାରେ ବହିଷ୍କାର କଲା, ସେତେବେଳେ ସେ ପୁଣି ଗଣତାନ୍ତ୍ରିକ ସିଦ୍ଧାନ୍ତର ସୁରକ୍ଷା ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ଭେଙ୍କେୟା ଗାରୁ ସବୁବେଳେ ତାଙ୍କ ଜୀବନରେ ପ୍ରତିକୂଳ ଜୁଆରର ବିପରୀତ ଦିଗରେ ପହଁରିବାରେ ଆନନ୍ଦ ପାଇଛନ୍ତି। ୧୯୭୮ ମସିହାରେ ସମଗ୍ର ଆନ୍ଧ୍ରପ୍ରଦେଶ କଂଗ୍ରେସକୁ ଭୋଟ୍ ଦେଇଥିଲା କିନ୍ତୁ ସେ ଏହି ଧାରାକୁ ପଛରେ ପକାଇ ଯୁବ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପାଞ୍ଚ ବର୍ଷ ପରେ ଯେତେବେଳେ ଏନଟିଆର ସୁନାମି ରାଜ୍ୟରେ ବ୍ୟାପିଗଲା, ସେତେବେଳେ ମଧ ସେ ବିଜେପି ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ, ଯାହା ଫଳରେ ସାରା ରାଜ୍ୟରେ ବିଜେପିର ଅଭିବୃଦ୍ଧି ପାଇଁ ବାଟ ଖୋଲିଥିଲା।

ଭେଙ୍କେୟା ଗାରୁଙ୍କ ଭାଷଣ ଶୁଣିଥିବା ସମସ୍ତେ ତାଙ୍କ ବକ୍ତୃତା ଦକ୍ଷତାକୁ ପ୍ରଶଂସା କରିଛନ୍ତି। ସେ ନିଶ୍ଚିତ ଭାବରେ ଜଣେ ଶବ୍ଦର ଯାଦୁକର ତଥାପି ସେ ଜଣେ କର୍ମଠ ରାଜନେତା। ଯୁବ ବିଧାୟକ ହେବା ଦିନ ଠାରୁ ସେ ବିଧାନସଭା କାର୍ଯ୍ୟରେ ଯେଉଁ କଠୋରତା ଅବଲମ୍ବନ କରିଥିଲେ ଓ ନିଜ ନିର୍ବାଚନ ମଣ୍ଡଳୀର ଲୋକଙ୍କ ପ୍ରସଙ୍ଗ କହିଥିଲେ ସେଥିପାଇଁ ତାଙ୍କୁ ସମ୍ମାନ ମିଳିବା ଆରମ୍ଭ ହୋଇଥିଲା। ଏନଟିଆରଙ୍କ ଭଳି ମହାନ ରାଜନେତା ତାଙ୍କ ପ୍ରତିଭାକୁ ଚିହ୍ନି ପାରିଥିଲେ ଏବଂ ଏପରିକି ତାଙ୍କୁ ନିଜ ଦଳରେ ସାମିଲ କରିବାକୁ ଚାହୁଁଥିଲେ; କିନ୍ତୁ ଭେଙ୍କେୟା ଗାରୁ ତାଙ୍କ ମୂଳ ଆଦର୍ଶରୁ ବିଚ୍ୟୁତ ହେବାକୁ ମନା କରିଦେଇଥିଲେ। ଆନ୍ଧ୍ରପ୍ରଦେଶରେ ବିଜେପିକୁ ସୁଦୃଢ଼ କରିବା, ଗାଁ ଗାଁ ବୁଲି ସବୁ ବର୍ଗର ଲୋକଙ୍କ ସହ ଯୋଗାଯୋଗ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ବିଧାନସଭାରେ କଂଗ୍ରେସର ନେତୃତ୍ୱ ନେଇଥିଲେ ଏବଂ ଆନ୍ଧ୍ରପ୍ରଦେଶ ବିଜେପି ସଭାପତି ମଧ ହୋଇଥିଲେ।

୧୯୯୦ ଦଶକରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଭେଙ୍କେୟା ଗାରୁଙ୍କ ପ୍ରୟାସକୁ ଗୁରୁତ୍ୱ ଦେଇଥିଲେ ଏବଂ ୧୯୯୩ ମସିହାରେ ସେ ଦଳର ସର୍ବଭାରତୀୟ ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତ ହୋଇଥିଲେ। ଏହାପରେ ଜାତୀୟ ରାଜନୀତିରେ ତାଙ୍କର କାର୍ଯ୍ୟକାଳ ଆରମ୍ଭ କରିଥିଲେ। କିଶୋରାବସ୍ଥାରେ ଅଟଳ ଜୀ ଏବଂ ଆଡ୍‌ଭାନୀଜୀଙ୍କ ଗସ୍ତ ଘୋଷଣା କରି ବୁଲୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ସେମାନଙ୍କ ସହ ସିଧାସଳଖ କାମ କରିବା ବାସ୍ତବରେ ଏକ ଉଲ୍ଲେଖନୀୟ ମୁହୂର୍ତ୍ତ ଥିଲା। ସାଧାରଣ ସମ୍ପାଦକ ଭାବରେ ସେ ଆମ ଦଳକୁ କିପରି କ୍ଷମତାକୁ ଅଣାଯାଇ ପାରିବ ଏବଂ ଦେଶକୁ ପ୍ରଥମ ବିଜେପି ପ୍ରଧାନମନ୍ତ୍ରୀ ମିଳିପାରିବ ସେଥିପ୍ରତି ଧ୍ୟାନ ଦେଇଥିଲେ। ଦିଲ୍ଲୀ ଆସିବା ପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ ଏବଂ ସେ ଦଳର ରାଷ୍ଟ୍ରୀୟ ସଭାପତି ହୋଇଥିଲେ।



ଅଟଳଜୀ ୨୦୦୦ ମସିହାରେ ଭେଙ୍କେୟା ଗାରୁଙ୍କୁ ମନ୍ତ୍ରୀ ଭାବରେ ତାଙ୍କ ସରକାରରେ ସାମିଲ କରିବାକୁ ଇଚ୍ଛା ପ୍ରକଟ କରିଥିଲେ। ଭେଙ୍କେୟା ଗାରୁ ତୁରନ୍ତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପାଇଁ ନିଜର ପସନ୍ଦ ଜଣାଇଥିଲେ। ଏହା ଅଟଳଜୀଙ୍କ ସମେତ ସମସ୍ତଙ୍କୁ ଚକିତ କରିଦେଇଥିଲା। ସର୍ବୋପରି, ଏଠାରେ ଜଣେ ନେତାଙ୍କୁ ପଚରାଯାଉଥିଲା ଯେ ସେ କେଉଁ ବିଭାଗ ଚାହୁଁଛନ୍ତି ଏବଂ ତାଙ୍କର ପ୍ରଥମ ପସନ୍ଦ ଥିଲା ଗ୍ରାମ୍ୟ ଉନ୍ନୟନ! କିନ୍ତୁ, ଭେଙ୍କେୟା ଗାରୁ ତାଙ୍କର ନିଷ୍ପତ୍ତିରେ ସ୍ପଷ୍ଟ ଥିଲେ, କାରଣ ସେ ଜଣେ ଚାଷୀର ପୁଅ ଥିଲେ, ସେ ତାଙ୍କର ପ୍ରାରମ୍ଭିକ ଦିନଗୁଡ଼ିକ ଗ୍ରାମାଞ୍ଚଳରେ ବିତାଇଥିଲେ। ତେଣୁ, କୌଣସି କ୍ଷେତ୍ରରେ ସେ ଯଦି କାମ କରିବାକୁ ଚାହୁଁଥିଲେ, ତାହା ଥିଲା ଗ୍ରାମ୍ୟ ଉନ୍ନୟନ। ମନ୍ତ୍ରୀ ଭାବରେ ସେ 'ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା'ର ପରିକଳ୍ପନା ଏବଂ କାର୍ଯ୍ୟକାରିତା ସହ ଘନିଷ୍ଠ ଭାବରେ ଜଡ଼ିତ ଥିଲେ। ଏହାର କିଛି ବର୍ଷ ପରେ ୨୦୧୪ରେ ଏନଡିଏ ସରକାର କ୍ଷମତାକୁ ଆସିଥିଲା। ଏଥିରେ ସେ ନଗର ଉନ୍ନୟନ, ଗୃହ ନିର୍ମାଣ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ। ତାଙ୍କ କାର୍ଯ୍ୟକାଳରେ ହିଁ ଆମେ ସ୍ୱଚ୍ଛ ଭାରତ ମିଶନ ଏବଂ ନଗର ଉନ୍ନୟନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଥିଲୁ। ବୋଧହୁଏ ସେ ଏକମାତ୍ର ନେତା ଯିଏ ଏତେ ବ୍ୟାପକ ସମୟ ଧରି ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳ ବିକାଶ ପାଇଁ କାର୍ଯ୍ୟ କରିଛନ୍ତି।

୨୦୧୪ ମସିହାରେ ଯେତେବେଳେ ମୁଁ ଦିଲ୍ଲୀ ଆସିଥିଲି, ସେତେବେଳେ ମୁଁ ଜାତୀୟ ରାଜଧାନୀରେ ବାହାର ଲୋକ ଥିଲି, ପୂର୍ବରୁ ଦେଢ଼ ଦଶନ୍ଧି ଧରି ଗୁଜରାଟରେ କାମ କରିଥିଲି। ଏଭଳି ସମୟରେ ଭେଙ୍କେୟା ଗାରୁଙ୍କ ବୁଝାମଣା ବେଶ୍ ସହାୟକ ହୋଇଥିଲା। ସେ ଜଣେ ପ୍ରଭାବଶାଳୀ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିଲେ - ସେ ଦ୍ୱିପାକ୍ଷିକ ବ୍ୟବସ୍ଥାର ସାରତତ୍ତ୍ୱ ଜାଣିଥିଲେ କିନ୍ତୁ ଏହା ସହିତ ସଂସଦୀୟ ବ୍ୟବସ୍ଥା ଓ ନିୟମାବଳୀର ସୀମାରେଖା ବିଷୟରେ ମଧ ଅବଗତ ଥିଲେ।

୨୦୧୭ରେ ଆମ ମେଣ୍ଟ ତାଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନିତ କରିଥିଲା। ଏହି ସମୟରେ ଆମେ ଏକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥିଲୁ – ଆମେ ଚିନ୍ତା କରିଥିଲୁ ଯେ ଭେଙ୍କେୟା ଗାରୁଙ୍କ ଭଳି ଜଣେ ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କ ସ୍ଥାନ ପୂରଣ କରିବା କିପରି ସମ୍ଭବ ହେବ? କିନ୍ତୁ ତା'ସହିତ, ଆମେ ଏହା ମଧ ଜାଣିଥିଲୁ ଯେ ଉପରାଷ୍ଟ୍ରପତି ପଦ ପାଇଁ ତାଙ୍କଠାରୁ ଭଲ ପ୍ରାର୍ଥୀ ଆଉ କେହି ନାହାନ୍ତି । ମନ୍ତ୍ରୀ ଓ ସାଂସଦ ପଦରୁ ଇସ୍ତଫା ଦେବା ସମୟରେ ସେ ଦେଇଥିବା ଭାଷଣକୁ ମୁଁ କେବେ ବି ଭୁଲିପାରିବି ନାହିଁ। ଦଳ ସହିତ ତାଙ୍କର ସମ୍ପର୍କ ଏବଂ ଏହାକୁ ଗଢ଼ିବାର ପ୍ରୟାସକୁ ମନେ ପକାଇ ସେ ନିଜ ଲୁହକୁ ନିୟନ୍ତ୍ରଣ କରିପାରିନଥିଲେ। ଏଥିରେ ତାଙ୍କର ଗଭୀର ପ୍ରତିବଦ୍ଧତା ଓ ଉତ୍ସାହର ଝଲକ ଦେଖିବାକୁ ମିଳିଥିଲା। ଉପରାଷ୍ଟ୍ରପତି ହେବା ପରେ ସେ ବିଭିନ୍ନ ପଦକ୍ଷେପ ନେଇଥିଲେ ଯାହା ତାଙ୍କ ପଦବୀର ମର୍ଯ୍ୟାଦା ମଧ ବଢ଼ାଇଥିଲା। ସେ ରାଜ୍ୟସଭାର ଜଣେ ଶ୍ରେଷ୍ଠ ଅଧ୍ୟକ୍ଷ ଭାବେ ଉଚ୍ଚସଦନର ପରିଚାଳନା କରିଥିଲେ, ଯାହା ଦ୍ୱାରା ଯୁବ ସାଂସଦ, ମହିଳା ସାଂସଦ ଏବଂ ପ୍ରଥମ ଥର ସାଂସଦମାନେ ଭାଷଣ ଦେବାର ସୁଯୋଗ ପାଇପାରିଥିଲେ। ସେ ସଦନରେ ଉପସ୍ଥିତି ଉପରେ ଗୁରୁତ୍ୱାରୋପ କରିଥିଲେ ଓ କମିଟିଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରିବା ସହ ଗୃହରେ ବିତର୍କର ସ୍ତର ମଧ ବଢ଼ାଇଥିଲେ।

ଧାରା ୩୭୦ ଓ ୩୫(ଏ) ଉଚ୍ଛେଦ ନିଷ୍ପତ୍ତି ରାଜ୍ୟସଭାରେ ଆଗତ ହେବା ସମୟରେ ଭେଙ୍କେୟା ଗାରୁ ଅଧ୍ୟକ୍ଷ ଥିଲେ। ମୁଁ ନିଶ୍ଚିତ ଯେ ଏହା ତାଙ୍କ ପାଇଁ ଏକ ଭାବପ୍ରବଣ ପୂର୍ଣ୍ଣ ମୁହୂର୍ତ୍ତ ଥିଲା, କାରଣ ଯୁବକ ଅବସ୍ଥାରେ ସେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଅଖଣ୍ଡ ଭାରତର ସ୍ୱପ୍ନ ପ୍ରତି ଆକର୍ଷିତ ହୋଇଥିଲେ ଏବଂ ଶେଷରେ ଏହା ହାସଲ ହେବା ସମୟରେ ଅଧ୍ୟକ୍ଷ ପଦବୀରେ ରହିଥିଲେ।

ଭେଙ୍କେୟା ଗାରୁ କାର୍ଯ୍ୟ ଓ ରାଜନୀତି ବ୍ୟତୀତ ଜଣେ ପାଠକ ଓ ଲେଖକ ଭାବେ ମଧ ପରିଚିତ। ସେ ଏପରି ଜଣେ ବ୍ୟକ୍ତିତ୍ୱ ଯିଏକି ଗୌରବମୟ ତେଲୁଗୁ ସଂସ୍କୃତି ସହ ଦିଲ୍ଲୀବାସୀଙ୍କୁ ପରିଚୟ କରାଇଛନ୍ତି। ତାଙ୍କ ଉଗାଦି ଓ ସଂକ୍ରାନ୍ତି କାର୍ଯ୍ୟକ୍ରମ ସହରର ସବୁଠାରୁ ପ୍ରିୟ ସମାବେଶ ମଧ୍ୟରୁ ଅନ୍ୟତମ। ମୁଁ ସର୍ବଦା ଭେଙ୍କେୟା ଗାରୁଙ୍କୁ ଏମିତି ଜଣେ ବ୍ୟକ୍ତି ଭାବରେ ଜାଣିଛି ଯିଏ ଖାଦ୍ୟକୁ ଭଲ ପାଆନ୍ତି ଏବଂ ଲୋକମାନଙ୍କୁ ଆତିଥେୟ ମଧ ପ୍ରଦାନ କରନ୍ତି। କିନ୍ତୁ ନିକଟରେ ତାଙ୍କର ଆତ୍ମନିୟନ୍ତ୍ରଣ ମଧ ସମସ୍ତଙ୍କୁ ଦେଖିବାକୁ ମିଳିଛି। ସେ ଏବେ ଯେମିତି ବ୍ୟାଡ୍‌ମିଣ୍ଟନ ଖେଳୁଛନ୍ତି ଏବଂ ଦ୍ରୁତ ଗତିରେ ଚାଲିବାକୁ ଉପଭୋଗ କରୁଛନ୍ତି ସେଥିରେ ଫିଟ୍‌ନେସ୍ ପ୍ରତି ତାଙ୍କର ସଂକଳ୍ପବଦ୍ଧତା ଦେଖିବାକୁ ମିଳୁଛି।

ଉପରାଷ୍ଟ୍ରପତି ଦାୟିତ୍ୱ ନିର୍ବାହ କରିସାରିବା ପରେ ମଧ ଭେଙ୍କେୟା ଗାରୁ ସକ୍ରିୟ ଜନଜୀବନ ବିତାଉଛନ୍ତି। ଯେଉଁ ପ୍ରସଙ୍ଗକୁ ନେଇ ସେ ଆଗ୍ରହୀ ଅଛନ୍ତି କିମ୍ବା ସାରା ଦେଶରେ ଘଟୁଥିବା ବିଭିନ୍ନ ଘଟଣାକ୍ରମ ଉପରେ ସେ ମୋତେ ଫୋନ୍ କରି ପଚାରୁଛନ୍ତି। ଆମ ସରକାର ତୃତୀୟ ଥର ପାଇଁ କ୍ଷମତାକୁ ଫେରିବା ପରେ ମୁଁ ନିକଟରେ ତାଙ୍କୁ ଭେଟିଥିଲି। ସେ ଖୁସି ହୋଇ ମୋତେ ଏବଂ ଆମ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ଏହି ମାଇଲଖୁଣ୍ଟ ପାଇଁ ମୁଁ ତାଙ୍କୁ ପୁଣି ଥରେ ଶୁଭେଚ୍ଛା ଜଣାଉଛି। ମୁଁ ଆଶା କରୁଛି ଯୁବ କାର୍ଯ୍ୟକର୍ତ୍ତା, ନିର୍ବାଚିତ ପ୍ରତିନିଧି ଏବଂ ଯେଉଁମାନଙ୍କର ଜନସେବା କରିବାର ଉତ୍ସାହ ଅଛି ସେମାନେ ତାଙ୍କ ଜୀବନରୁ ଶିକ୍ଷା ଗ୍ରହଣ କରିବେ ଏବଂ ସେହି ମୂଲ୍ୟବୋଧକୁ ଗ୍ରହଣ କରିବେ। ତାଙ୍କ ଭଳି ଲୋକ ହିଁ ଆମ ଦେଶକୁ ଉନ୍ନତ ଓ ଜୀବନ୍ତ କରିଥାନ୍ତି।

# ନବୀନ ନିବାସ-ପୋଖରୀପୁଟ୍ ରାସ୍ତା ପ୍ରଶସ୍ତୀକରଣ ପାଇଁ କଟାଯିବ ୪୮୯ ଗଛ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନବୀନ ନିବାସ-ପୋଖରୀପୁଟ୍ ରାସ୍ତା ପ୍ରଶସ୍ତୀକରଣ ହେବ। ବର୍ଷେ ତଳୁ ଟେଣ୍ଡର ସରିଥିଲେ ମଧ୍ୟ ଏବେ କାମ ଆରମ୍ଭ ହେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ନବୀନ ନିବାସରୁ କ୍ଷେତ୍ରବାସୀ (ପଳାସପଲ୍ଲୀ ଶାଖା)ପର୍ଯ୍ୟନ୍ତ ଥିବା ଏୟାରପୋର୍ଟ ପାଚେରୀ ଭାଙ୍ଗିଯିବା ସହ ଏହି ରାସ୍ତା କଡ଼ରୁ ଶହେରୁ ଊର୍ଦ୍ଧ୍ୱ ଷ୍ଟ୍ରିଟଲାଇଟ୍ ହଟିବ। ଏହା ସହିତ ରାସ୍ତାର ଉଭୟପାର୍ଶ୍ୱରୁ ୪୮୯ ଗଛ କଟାଯିବ। ଅନ୍ୟ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନଥିବା ବେଳେ ପୋଖରୀପୁଟ୍ ଛକରୁ ପଳାସପଲ୍ଲୀ ପର୍ଯ୍ୟନ୍ତ ରାସ୍ତା କଡ଼ରୁ ଗଛକଟା ଆରମ୍ଭ ହୋଇଯାଇଛି। ଏଠାରୁ ବଡ଼ ବଡ଼ ଗଛ କାଟିବେ, କିନ୍ତୁ ଏହାର କ୍ଷତିପୂରଣ ବାବଦକୁ ଚାରା ରୋପିବେ। ଆଜି ଗଛ ଭଳି ବଡ଼ ହେବାକୁ ଆଉ ୫ ବର୍ଷ ଲାଗିବ। ପୁଣି ଏଯାବତ୍ ଠିକ୍ ହୋଇନି କେଉଁଠି ଏହି ଗଛ ଲାଗିବ। ଅଧିକାରୀ କହୁଛନ୍ତି, ଏକାଠି ଏତେ ଗଛ ଲାଗିବାକୁ ତ ଗୋଟିଏ ଜାଗା ନାହିଁ, କେଉଁଠି ଖାଲି ନାହିଁ, ବିଭିନ୍ନ ଜାଗାରେ ଏ ସବୁ ଗଛ ଲାଗିବ ବୋଲି କହି ବନ ବିଭାଗ ଅଧିକାରୀ ଏହାକୁ ଅତି ହାଲୁକା ଭାବେ ନେଉଛନ୍ତି। ଯେତିକି ଗଛ କଟାଯାଏ ସେହି ପରିମାଣର ଦୁଇଗୁଣ କ୍ଷତିପୂରଣ ବାବଦକୁ ରୋପଣ କରାଯାଏ। ଯେଉଁ ବିଭାଗ ଏହି ଗଛ କାଟେ ସେହି ବିଭାଗ ବନବିଭାଗକୁ ଗଛ ପିଛା ୮୦୦ ଟଙ୍କା ଦିଏ। ଏହି ଅର୍ଥରେ ଚାରା ରୋପଣ ସହ ପାଣି ଦେବା ଓ ଯତ୍ନ ନେବା କାମ କରିଥାଏ ବନବିଭାଗ। କଟା ଯିବାକୁ ଥିବା ୪୮୯ ଗଛ ପାଇଁ ପୂର୍ତ୍ତ ବିଭାଗ ୩ଲକ୍ଷ ୯୧ ହଜାର ଟଙ୍କା ଜମା କରିବ। ଏଯାବତ୍ ଟଙ୍କା ଜମା କରିନାହିଁ। କିନ୍ତୁ ଗଛ କାଟିବା ପାଇଁ ସ୍ୱୀକୃତି ଦିଆଯାଇଛି ଓ ବନ ଉନ୍ନୟନ ନିଗମ (ଓଏଫଡିସି) ଗଛକାଟିବା ଆରମ୍ଭ କରିଦେଇଛି। ଭୁବନେଶ୍ୱର ସହର ଭିତରେ ଗଛ ଲଗାଇବା ପାଇଁ ଜାଗା ନଥିବା ବେଳେ ଏଠାରୁ ଏତେ ପରିମାଣର ଗଛକାଟିବାକୁ ନେଇ ପରିବେଶବିତ୍ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ନବୀନ ନିବାସରୁ ପୋଖରୀପୁଟ୍ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତାର ଲମ୍ବା ୩ କିଲୋମିଟର। ଏହି ରାସ୍ତା ନବୀନ ନିବାସରୁ ଆରପାର୍ଟ ପର୍ଯ୍ୟନ୍ତ ମେଡିଆନ୍ କରାଯାଇ ଦୁଇଲେନ କରାଯାଇଥିଲା। କିନ୍ତୁ ଆଉଟ ପରେ କାରଗିଲ୍‌ବସ୍ତି ଦେଇ ଏୟାରପୋର୍ଟ ପାଚେରି କଡ଼େ କଡ଼େ ପୋଖରୀପୁଟ୍ ପର୍ଯ୍ୟନ୍ତ ମେଡିଆନ୍ ନଥିଲା। ଅନେକ ଜାଗାରେ ରାସ୍ତା ସଙ୍କୁଚିତ ଥିଲା। ଗୋଟିଏ ପାର୍ଶ୍ୱରେ ଏୟାରପୋର୍ଟ ପାଚେରୀ ରହିଥିବା ବେଳେ ଅନ୍ୟପଟେ କାରଗିଲ୍ ବସ୍ତି ଓ ରେଳବାଇର ପାଚେରି ରହିଥିଲା। ମେଡିଆନ୍ ହେଲେ ଓସାର କମିଯିବ ଆଶଙ୍କାରେ ମେଡିଆନ୍ କରାଯାଉନଥିଲା। ଗତ ବର୍ଷ ଏହାକୁ ଚଉଡ଼ା କରାଯିବା ଯୋଜନା କରିବା ସହ ପୂର୍ତ୍ତ ବିଭାଗ ଏହାର ଟେଣ୍ଡର କରିଥିଲା। ୩ କିମି ଲମ୍ବା ରାସ୍ତା ପାଇଁ ୧୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଉଭୟପାର୍ଶ୍ୱରେ ବର୍ଷ ଡ୍ରେନ୍ ବ୍ୟବସ୍ଥା ମଧ୍ୟ ରହିଥିଲା। ଟେଣ୍ଡର ମୂଲ୍ୟ ଠାରୁ ୧୦ ପ୍ରତିଶତ କମ୍‌ରେ ଏକ ସଂସ୍ଥାକୁ ଗତ ବର୍ଷ ଡିସେମ୍ବର ମାସରେ ଟେଣ୍ଡର ଦିଆଯାଇଥିଲା। ରାସ୍ତାଟି ପୋଖରୀପୁଟ ଛକରୁ ମା' ଗୌରୀ ରିସର୍ଟ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଓସାର ଥିବା ବେଳେ ଅନେକ ଜାଗାରେ ମାତ୍ର ୧୫ ଫୁଟ୍ ଓସାର ଅଛି। ଏହି ଜାଗାରେ ଏୟାରପୋର୍ଟ ପାଚେରୀ ଭାଙ୍ଗିବ ନାହିଁ କି କାରଗିଲ୍ ବସ୍ତି ଉଚ୍ଛେଦ ମଧ୍ୟ ହେବ ନାହିଁ। ବସ୍ତି ପାର୍ଶ୍ୱକୁ ଥିବା ରେଳବାଇ ପାଚେରୀ ମଧ୍ୟ ଭଙ୍ଗା ଯିବ ନାହିଁ। କିନ୍ତୁ ଉଭୟପାର୍ଶ୍ୱରେ ଥିବା ୪୮୯ ଗଛ କାଟିବା ପାଇଁ ଓଏଫଡିସି ଲାଗିପଡ଼ିଛି। ଛୋଟ ଗଛ ଠାରୁ ଆରମ୍ଭ କରି ୨୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବରଗଛ ମଧ୍ୟ ରହିଛି। ୩ ଦିନରେ ୧୫୦ ମୋଟା ମୋଟା ଗଛ କଟା ସରିଛି। ୧୦ ଦିନ ଭିତରେ ସମସ୍ତ ଗଛ କାଟି ଦେବା ପାଇଁ ଯୋଜନା ରହିଛି। ୧୫ ଫୁଟ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତ କରିବାକୁ ଯୋଜନା ଥିବା ବେଳେ ଏଠାରେ କେତେକ ଜାଗା ୪୦ ଫୁଟ ପର୍ଯ୍ୟନ୍ତ ଓସାର ରହିଛି। ଏହି ସବୁ ଜାଗାରେ ଗଛ କାଟିବା ଆବଶ୍ୟକତା ନଥିଲେ ମଧ୍ୟ କାଟି ଦିଆଯାଉଛି। ଡିସେମ୍ବର ମାସରୁ ଟେଣ୍ଡର ହୋଇଥିଲେ ମଧ୍ୟ ରାସ୍ତା ତିଆରି କଥା ଠିକାଦାରର ଏବେ ମନେ ପଡ଼ିଛି। ପଳାସପଲ୍ଲୀ ଏସ୍‌ବିଆଇରୁ ଇ-ଟଏଲେଟ୍ ପର୍ଯ୍ୟନ୍ତ ଏୟାରପୋର୍ଟ ପାଚେରୀ ଭାଙ୍ଗିଯିବ। ଅନେକ ଦିନରୁ ଏହି ପ୍ରସ୍ତାବ ଥିବାରୁ ଏୟାରପୋର୍ଟ କର୍ତ୍ତୃପକ୍ଷ ଭିତରେ ନୂଆ ପାଚେରୀ ତିଆରି କରିସାରିଛନ୍ତି। ଏହା କେବଳ ଭଙ୍ଗାଯିବା ରହିଛି। ଶହେରୁ ଅଧିକା ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ହଟିବ ଯୋଜନା ହୋଇଛି। ଏ ନେଇ ସିଟି ଡିଏଫ୍ଓ ଅଜିତ ଶତପଥୀ କହିଛନ୍ତି, ''ଗଛକଟା ନେଇ ଯେଉଁ ନିୟମ ରହିଛି ସେହି ସର୍ତ୍ତରେ ଗଛ କାଟିବାକୁ ସ୍ୱୀକୃତି ଦିଆଯାଇଛି। ଏହି ପରିମାଣର ଗଛ ବିଭିନ୍ନ ଜାଗାରେ ରୋପଣ କରାଯିବ।''

# ବେଦାନ୍ତ ଆଲୁମିନିୟମ୍‌ର ପରିବେଶ ଏବଂ ଶକ୍ତି ଉତ୍କର୍ଷତା ପାଇଁ ଏକାଧିକ ପୁରସ୍କାର ଲାଭ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡରେ ଥିବା ଆଲୁମିନା ରିଫାଇନାରୀ ୟୁନିଟ୍ ପାଇଁ ସମ୍ମାନଜନକ କଳିଙ୍ଗ ଶକ୍ତି ଉତ୍କର୍ଷ ପୁରସ୍କାର ଏବଂ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର ଜିତିଛି। ଏହି ପୁରସ୍କାର ଗୁଡିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହାୟତାରେ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭରମେଣ୍ଟ ମ୍ୟାନେଜମେଣ୍ଟ (ଆଇକ୍ୟୁଇଏମଏସ) ଏବଂ ହାଇଦ୍ରାବାଦର ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜ୍ ପକ୍ଷରୁ ପ୍ରଦାନ କରାଯାଇଥିଲା। ସ୍ମେଲଟର-ଗ୍ରେଡ୍ ଆଲୁମିନାର ଭାରତର ପ୍ରମୁଖ



ଉତ୍ପାଦକ ବେଦାନ୍ତର ଲାଞ୍ଜିଗଡ ୟୁନିଟ୍, ୨୦୫୦ ସୁଦ୍ଧା ନେଟ୍ ଜିରୋ କାରବନ୍, ୨୦୩୦ ସୁଦ୍ଧା ନେଟ୍ ୱାଟର ପଜିଟିଭିଟି, ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା, ଜୈବ ବିବିଧତା ପୁନରୁଦ୍ଧାର ଏବଂ ଶକ୍ତି ଗ୍ରହଣ ଭଳି ବେଦାନ୍ତ ଆଲୁମିନିୟମ୍ ସ୍ଥିରତା ଲକ୍ଷ୍ୟର ଅଂଶ ଭାବରେ ଏକାଧିକ ପଦକ୍ଷେପ ମାନ ଗ୍ରହଣ କରିଛି। କାର୍ଯ୍ୟପରିସର ମଧ୍ୟରେ ଦକ୍ଷ ଜ୍ଞାନକୌଶଳ କମ୍ପାନୀର ସ୍ଥିରତା ପଦକ୍ଷେପଗୁଡିକ ସର୍ବୋଚ୍ଚ ଫୋରମରେ ବେଦାନ୍ତ ଆଲୁମିନିୟମ୍ ସହିତ ଏସଏବଂପି କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ (ସିଏସଏ) ର୍‍ୟାଙ୍କିଂରେ ୨୦୨୩ ମୂଲ୍ୟାଙ୍କନ ପାଇଁ ସର୍ବୋଚ୍ଚ ଫୋରମରେ ସ୍ୱୀକୃତିପ୍ରାପ୍ତ ହୋଇଛି। ଏହି ସଫଳତା ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ, ଜନ୍ ସ୍ଲାଭେନ୍ କହିଛନ୍ତି, ଶକ୍ତି ଦକ୍ଷତା ଏବଂ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଆମର ସଫଳତା, ଆମର ସ୍ଥାୟୀ କାର୍ଯ୍ୟରେ ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ, ଆମର ଅନେକ ପ୍ରଶଂସାରେ ପ୍ରତିଫଳିତ ହୋଇଛି।

# ଓଡ଼ିଶାରେ ୧୫ ଜିଲ୍ଲା ଭୂକମ୍ପ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ୧୫ଟି ଜିଲ୍ଲା ଭୂକମ୍ପ ପ୍ରବଣ ଅଞ୍ଚଳ ଭାବେ ଭାରତ ସରକାରଙ୍କ ବିପର୍ଯ୍ୟୟ ପ୍ରଶମନ ସଂକ୍ରାନ୍ତୀୟ ଆଟଲାସରେ ସ୍ଥାନ ଦିଆଯାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ୨୦୦୪-୦୫ ମସିହାରେ ଭାରତ ସରକାର ଏବଂ ୟୁଏନଡିପି ପ୍ରାୟୋଜିତ କାର୍ଯ୍ୟକ୍ରମର ଦାୟିତ୍ୱ ତୁଲାଇଥିଲେ। ରାଜ୍ୟର ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ସହରରେ ଏହି ଭୂକମ୍ପ ନିରୋଧ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିଲା। ଭୂକମ୍ପ ଜୋନ-୩ ଅଧୀନରେ ଥିବା ଏହି ସହରଗୁଡ଼ିକ ବିପଦ ଜୋନ ମାନଚିତ୍ର ଅନୁଯାୟୀ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡଦ୍ୱାରା ପ୍ରସ୍ତୁତ ଏବଂ ବିଲ୍ଡିଂ ମ୍ୟାଟେରିଆଲ ଟେକ୍ନୋଲୋଜି ପ୍ରମୋସନ କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ଏହି ନକ୍ସା ଜାରି କରାଯାଇଛି। ଏହାକୁ ଆଧାର କରି ଭୂକମ୍ପ ନିରୋଧ ପାଇଁ ଇଞ୍ଜିନିୟରମାନଙ୍କ ଦକ୍ଷତା ବୃଦ୍ଧି ସହିତ ବିଦ୍ୟାଳୟ ଓ କଲେଜ ସ୍ତରରେ ଏନେଇ କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ରାଜ୍ୟର ୪ଟି ଇଞ୍ଜିନିୟରିଂ କଲେଜରେ ଭୂକମ୍ପ ବିପଦ ପରିଚାଳନା ସ୍ଥାପତ୍ୟ ଦକ୍ଷତା ବୃଦ୍ଧି ପାଇଁ ଭାରତ ସରକାରଙ୍କ କାର୍ଯ୍ୟକ୍ରମ, ଭୂକମ୍ପ ପ୍ରତିରୋଧକ ଡିଜାଇନ ଏବଂ ନିର୍ମାଣ ଅଧୀନରେ ସ୍ଥାପତ୍ୟମାନଙ୍କ ପାଇଁ ଧାରାବାହିକ ଅଭ୍ୟାସ ଭାବେ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ମାତ୍ର ଆରମ୍ଭରୁ ଯାହା ଥିଲା ଏବେ ତାହା ଆଗକୁ ଯାଇପାରି ନାହିଁ। ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି, ଟାଉନ ଆଣ୍ଡ କଣ୍ଟ୍ରି ପ୍ଲାନିଂ ରେଗୁଲେସନ ଜମି ଉପରେ ଜାତୀୟ ବିଶେଷଜ୍ଞ କମିଟିର ସୁପାରିସ ଅନୁସାରେ ଓଡ଼ିଶାର ଏହି ଅଞ୍ଚଳକୁ ଜୋନିଂ ନିୟମାବଳୀ, ବିକାଶ ନିୟନ୍ତ୍ରଣ ନିୟମାବଳୀ ଏବଂ ନିର୍ମାଣମାନଙ୍କ ନିୟମାବଳୀ ବ୍ୟବହାର ପାଇଁ ନିର୍ଦ୍ଦେଶ ଥିଲା। ଗୃହ ନିର୍ମାଣ ବେଳେ ଭୂକମ୍ପ ନିରୋଧୀ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲାବେଳେ ଏହି ତିନି ସହରରେ ତାହାର ଘୋର ବ୍ୟତିକ୍ରମ ଘଟିଛି। ଯାହାକି ଏଠାରେ ଭୂକମ୍ପ ଭୟ ଏଡ଼ାଇ ଦିଆଯିବା ସମ୍ଭବପର ନୁହେଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭୂକମ୍ପ ପ୍ରସମନ ପାଇଁ ସହରଗୁଡ଼ିକରେ ଗଠିତ ପୌରାଞ୍ଚଳ ମୁଖ୍ୟ କାର୍ଯ୍ୟନିର୍ବାହୀ, ସିଟି ଏନ୍‌ଫୋର୍ସମେଣ୍ଟ କମିଟି ରାଜସ୍ୱ ବିଭାଗ କମିଶନରଙ୍କ ଅଧକ୍ଷତାରେ ଗଠିତ କମିଟି, ସିଟି ବିପର୍ଯ୍ୟୟ ପରିଚାଳନା କମିଟିକୁ ନେଇ ଗଠିତ ସିଡିଏମ୍ ଏବେ ଏକପ୍ରକାର ଦିଗହରା ହୋଇଯାଇଛି। ୨୦୨୩ ରିପୋର୍ଟ ଅନୁଯାୟୀ ଭୁବନେଶ୍ୱର ସହିତ ରାଜ୍ୟର ୧୫ଟି ଜିଲ୍ଲା ଯଥା - ପୁରୀ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ମଧ୍ୟମ ପ୍ରବଣ ଭୂକମ୍ପ ଜୋନ ଅଧୀନ ଅଞ୍ଚଳ ଭାବେ ଚିହ୍ନିତ ହୋଇଛି। ରାଜ୍ୟ ସରକାର ଏଭଳି ବିପର୍ଯ୍ୟୟକୁ ରୋକିବା ପାଇଁ ବିଭିନ୍ନ ସ୍ତରରେ ଇଞ୍ଜିନିୟରମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରାଯାଇଛି। ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ନିର୍ମାଣ ଶୈଳୀ ଓ ପ୍ରଯୁକ୍ତି ବିଦ୍ୟା ପ୍ରୋତ୍ସାହନ ପରିଷଦ, ଗୃହ ଓ ସହରୀ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟଦ୍ୱାରା ଏହି ଜିଲାଗୁଡ଼ିକୁ ଭୂକମ୍ପ ହାଜାର୍ଡ ଜୋନିଂ ଆଟଲାସ ଅଫ୍ ଇଣ୍ଡିଆର ୨୦୧୬ ପଛରେ ଏହାକୁ ସ୍ଥାନ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସରକାର ସହରର ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ଓ ତାଲିମ ଶିବିର କରିଛନ୍ତି ବୋଲି କହିଥିଲେ ମଧ୍ୟ ଭୂକମ୍ପ ନିରୋଧ ପାଇଁ ଏଯାଏଁ କୌଣସି ପ୍ରତିରୋଧମୂଳକ ପଦକ୍ଷେପ ନିଆଯାଇ ନଥିବାରୁ ଆଗାମୀ ଦିନରେ ଆସୁଥିବା ବିପଦକୁ ଏଡ଼ାଇ ହେବନାହିଁ ବୋଲି ବିଶେଷଜ୍ଞମାନେ ଆଲୋଚନା କରୁଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସତ୍‌ସଙ୍ଗରେ ...

ଆହତମାନେ ଚିକିତ୍ସିତ ହେଉଛନ୍ତି। ସମଗ୍ର ଗାଁକୁ ଏକ ସୁରକ୍ଷା ଛାଉଣୀରେ ପରିଣତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମଧ୍ୟ କାମନା କରିଛନ୍ତି।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ୟୁପିର ହାଥରସରେ ଘଟିଥିବା ଦଳାଚକଟାରେ ଅନେକ ଲୋକଙ୍କ ମୃତ୍ୟୁ ଖବର ଆସୁଛି। ଯେଉଁମାନେ ଜୀବନ ହରାଇଛନ୍ତି ମୁଁ ସେମାନଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ମୁଁ ସମସ୍ତ ଆହତଙ୍କର ଶୀଘ୍ର ଆରୋଗ୍ୟ କାମନା କରୁଛି। କେନ୍ଦ୍ର ରାଜ୍ୟ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି। ମୁଁ ନିଶ୍ଚିତ କରୁଛି ଯେ ପୀଡିତମାନଙ୍କୁ ସମସ୍ତ ପ୍ରକାରରେ ସାହାଯ୍ୟ କରାଯିବ।

ଏହି ଘଟଣାରେ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଦୁର୍ଘଟଣାର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଆମେ ଗଭୀର ସମବେଦନା ଜଣାଉଛୁ। କଂଗ୍ରେସ ସଭାପତି ଆହୁରି ମଧ୍ୟ କହିଛନ୍ତି ଯେ ଆହତଙ୍କ ଚିକିତ୍ସାରେ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଆମେ ସରକାର ଏବଂ ପ୍ରଶାସନଙ୍କୁ ଅନୁରୋଧ କରୁଛୁ। ପୀଡିତଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ୍। ଖଡଗେ ମଧ୍ୟ ବିରୋଧୀ ଦଳର କର୍ମୀଙ୍କୁ ଅନୁରୋଧ କରିଛନ୍ତି ଯେ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାରେ କୌଣସି ତ୍ରୁଟି ନ କରନ୍ତୁ।

ଏହି ଘଟଣାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୋକ ପ୍ରକାଶ କରି କହିଛନ୍ତି ଉତ୍ତରପ୍ରଦେଶର ହାଥରସରେ ସତସଙ୍ଗ ସମୟରେ ଦଳାଚକଟା ଯୋଗୁ ଅନେକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସମସ୍ତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଇ ମୁଁ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ କାମନା କରୁଛି। ଆହତମାନଙ୍କୁ ସମସ୍ତ ସମ୍ଭାବ୍ୟ ଚିକିତ୍ସା ଏବଂ ପ୍ରଭାବିତ ପରିବାରକୁ ରିଲିଫ ଯୋଗାଇବାକୁ ସରକାର ଏବଂ ପ୍ରଶାସନଙ୍କୁ ଅନୁରୋଧ କରୁଛି। ଇଣ୍ଡିଆର ସମସ୍ତ କର୍ମଚାରୀଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରୁଛି।

## ରଥଯାତ୍ରାର ତ୍ରୁଟିଶୂନ୍ୟ...

ଏ ବର୍ଷ ଏକ ବିରଳ ରଥଯାତ୍ରା। ଏହି ଅବସରରେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିଥିବାରୁ ସେ ଖୁସି ପ୍ରକାଶ କରି କହିଥିଲେ ଯେ ଏ ବର୍ଷ ଦୁଇ ଦିନ ଧରି ରଥଟଣା କାର୍ଯ୍ୟକ୍ରମ ଥିବାରୁ ରଥଯାତ୍ରା ପରଦିନ ମଧ୍ୟ ଛୁଟି ରହିବ। ତେଣୁ ଜୁଲାଇ ୭ ତାରିଖ ସହିତ ଜୁଲାଇ ୮ ତାରିଖ ମଧ୍ୟ ଛୁଟି ଘୋଷଣା କରାଗଲା।

ଏହି ବୈଠକରେ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟ ମନ୍ତ୍ରୀ ଗଣ, ବିଧାୟକଗଣ, ମୁଖ୍ୟ ଶାସନ ସଚିବ, ବରିଷ୍ଠ ଅଧିକାରୀ, ମହାପ୍ରଭୁଙ୍କ ସେବାୟତଗଣ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବନିମ୍ନ ୩୦୦୦...

କରାଯିବ ସେନେଇ ସ୍ପଷ୍ଟ କରାଯିବ ବୋଲି କହିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ବିଜେପି ଭତ୍ତା ବୃଦ୍ଧି କରିବାକୁ ସଂକଳ୍ପପତ୍ରରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାକୁ ପୂରଣ କରିବାକୁ ଯାଉଛି ବୋଲି କୁହାଯାଉଛି।

## ହିନ୍ଦୁମାନଙ୍କୁ ବଦନାମ...

କରାଯାଉଛି। ଭାରତୀୟ ସେନାକୁ ଅତ୍ୟାଧୁନିକ ଟେକ୍ନୋଲୋଜିରେ ସଜ୍ଜିତ କରାଯାଉଛି। କିନ୍ତୁ କଂଗ୍ରେସ ଭାରତୀୟ ସେନାକୁ ସବୁଦିନ ପାଇଁ ଦୁର୍ବଳ ରଖିବାକୁ ଉଦ୍ୟମ ଚଳାଉଛି। ସବୁବେଳେ ସେନା ବିରୋଧରେ ମିଥ୍ୟା ପ୍ରଚାର କରୁଛି। ନିଟ ପ୍ରଶ୍ନପତ୍ର ଲିକ୍ ମାମଲାରେ ସେ କହିଛନ୍ତି ଯେ ସରକାର ଏହାକୁ ନେଇ ଗମ୍ଭୀର ଅଛନ୍ତି ଓ ଏପରି ଘଟଣାକୁ ରୋକିବାକୁ ଉଦ୍ୟମ କରୁଛନ୍ତି। ଏହି ମାମଲାର ଦୋଷୀମାନଙ୍କୁ ଗିରଫ କରାଯାଉଛି। ସରକାର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସହ ଖେଳୁଥିବା ଲୋକମାନଙ୍କୁ କ୍ଷମା କରିବେ ନାହିଁ।

## ପୁଲିସ ଡିଜିଙ୍କ ...

ଚଳିତବର୍ଷ ରାଷ୍ଟ୍ରପତି ଆସୁଥିବାରୁ ତାଙ୍କ ସୁରକ୍ଷାକୁ ମଧ୍ୟ ପ୍ରାଥମିକତା ଦିଆଯିବ। ଚଳିତ ବର୍ଷ ରଥଯାତ୍ରାରେ ଯେତେ ପୁଲିସ ନିୟୋଜିତ ହେବେ, ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କୌଣସି କାର୍ଯ୍ୟକ୍ରମରେ ଏତେ ସଂଖ୍ୟକ ପୁଲିସ ବ୍ୟବସ୍ଥା କେବେ ହୋଇନାହିଁ। ଚଳିତବର୍ଷ କେବଳ ରାଷ୍ଟ୍ରପତି ନୁହନ୍ତି, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ବିଧାୟକ ଓ ସାଂସଦମାନେ ମଧ୍ୟ ପୁରୀ ଆସିବେ ବୋଲି ଆକଳନ କରାଯାଉଛି।

ତେଣୁ ଚରିଜଣ ଅତିରିକ୍ତ ଡିଜିଙ୍କ ନେତୃତ୍ୱରେ ୬ ଜଣ ଆଇଜି ଓ ଡିଆଇଜି ର୍‍ୟାଙ୍କର ଅଫିସର, ୧୯ ଜଣ ଏସ୍‌ପି ର୍‍ୟାଙ୍କର ଅଫିସର, ୩୩ ଜଣ ଅତିରିକ୍ତ ଏସ୍‌ପି, ୭୫ ଜଣ ଡିଏସ୍‌ପି, ୧୩୦ ଜଣ ଇନ୍ସପେକ୍ଟର ଏବଂ ୬୭୫ ଜଣ ଇନ୍‌ସିପେକ୍ଟର ଓ ଏଏସ୍‌ଆଇ ନିୟୋଜିତ ରହିବେ। ଏତଦ୍ବ୍ୟତୀତ ୩ ପ୍ଲାଟୁନ ସ୍ପେଶାଲ ଷ୍ଟ୍ରାଇକିଂ ୟୁନିଟ ଓ କେନ୍ଦ୍ରରୁ ୫ କମ୍ପାନୀ ରାପିଡ ଆକ୍ସନ ଫୋର୍ସ ରହିବେ ବୋଲି ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି।

## ରାଜ୍ୟରେ ଖୋଲିବ...

ପାଇଁ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ସଚିବ ଏ ସଂକ୍ରାନ୍ତରେ ଖୁବ ଶୀଘ୍ର ରିପୋର୍ଟ ଦେବାକୁ କୁହାଯାଇଛି। ତେବେ ଗଣଶିକ୍ଷା ବିଭାଗର ସଚିବ ବିସ୍ତୃତ ରିପୋର୍ଟ ଦେବା ପରେ ସେହି ରିପୋର୍ଟ ଆଧାରରେ ବନ୍ଦ କରି ଦିଆଯାଇଥିବା ସ୍କୁଲ ଗୁଡିକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ବୁଧବାର ଲୋକସଭାରେ...

ସହ ଆଲୋଚନା କରିବେ।

ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ରାହୁଲ କହିଛନ୍ତି ଯେ ମୁଁ ସଂସଦରେ ନିଟ୍ ଉପରେ ବିତର୍କ ପାଇଁ ଅନୁରୋଧ କରୁଛି। ସେ ଜୋର ଦେଇ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଆଗକୁ ଏକ ରାସ୍ତା ଖୋଜିବା ପାଇଁ ଗଠନମୂଳକ ଭାବେ ଜଡ଼ିତ ହେବା। ଏହି ସମୟରେ ଆମର ଏକମାତ୍ର ଚିନ୍ତା ହେଉଛି ସମଗ୍ର ଭାରତରେ ପ୍ରାୟ ୨୪ ଲକ୍ଷ ନିଟ୍ ଆଶାୟୀଙ୍କ କଲ୍ୟାଣ। ରାହୁଲ ଚିଠିରେ ନିଟ ପ୍ରସଙ୍ଗର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଏହା ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବୋଲି ଉଲ୍ଲେଖ କରିଛନ୍ତି।

ସେ ଉଲ୍ଲେଖ କରିଛନ୍ତି ଗତ ସାତ ବର୍ଷ ମଧ୍ୟରେ ୭୦ରୁ ଅଧିକ ପେପର ଲିକ ହୋଇଛି। ଏହା ୨ କୋଟିରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିଛି। ଆମର ଛାତ୍ରଛାତ୍ରୀମାନେ ଉତ୍ତର ପାଇବାକୁ ହକଦାର। ସଂସଦୀୟ ବିତର୍କ ହେଉଛି। ସେମାନଙ୍କର ଆତ୍ମବିଶ୍ୱାସର ପୁନନିର୍ମାଣ ଏବଂ ପୁନରୁର୍ଦ୍ଧାର ଦିଗରେ ପ୍ରଥମ ପଦକ୍ଷେପ।

ଏହି ଘଟଣାର ତତ୍ପରତାକୁ ଦୃଷ୍ଟିରେ ରଖି ବୁଧବାର ଗୃହରେ ଏକ ବିତର୍କ କରିବାକୁ ମୁଁ ସରକାରଙ୍କୁ ଅନୁରୋଧ କରୁଛି। ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥରେ ଏହି ବିତର୍କର ନେତୃତ୍ୱ ନେବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ପୁଲିସ ଡିଜିଙ୍କ ..

ଗୁଳି ଚାଳନା କରିଥିବା ବେଳେ ପୋଲିସ ପକ୍ଷରୁ ମଧ୍ୟ ପାଲଟା ଆକ୍ରମଣ ହୋଇଥିଲା। ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିବା ବେଳେ ସେଥିରେ ୫ ମାଓବାଦୀ ନିହତ ହୋଇଥିବା ଏବଂ ବହୁ ଆହତ ହୋଇଥିବା ସୂଚନା ମିଳିଛି। ଯବାନମାନେ ଫେରିବା ପରେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଇଛି। ଏହାସହ ଗୁଳି ବିନିମୟରେ କୌଣସି ଯବାନ ଆହତ ହୋଇ ନ ଥିବା ବସ୍ତର ଆଇଜି ସୁନ୍ଦର ରାଜ ପି. ସୂଚନା ଦେଇଛନ୍ତି।

## ସିଜେଆଇ ଚନ୍ଦ୍ରଚୁଡଙ୍କ...

କରାଯାଇଥିଲା। ଏଥିପାଇଁ ୨୩ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକୃତ ହୋଇଥିଲେ। ଜୁନ ୪ରେ ଫଳାଫଳ ଘୋଷଣା କରାଯାଇଥିଲା। ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ନିଟ ସମ୍ବନ୍ଧୀୟ ଅନିୟମିତତା ଅଭିଯୋଗ ଆରମ୍ଭ ହୋଇଥିଲା। ଫଳାଫଳ ପରେ, ପ୍ରଥମେ ଗ୍ରେସ ମାର୍କସ ବିବାଦ ଏବଂ ପରେ ପେପର ଲିକ ସାମ୍ନାକୁ ଆସିଥିଲା। ପେପର ଲିକ୍ ଅଭିଯୋଗରେ ଏପର୍ଯ୍ୟନ୍ତ କେତେଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରାଯାଇଛି। ନିଟ ପରୀକ୍ଷା ସମ୍ପର୍କରେ ସୁପ୍ରିମକୋର୍ଟରେ ଅନେକ ଆବେଦନ କରାଯାଇଛି।

# ଯୁବମୋର୍ଚ୍ଚା କର୍ମୀଙ୍କ ଉପରେ ଆକ୍ରମଣରେ ସଂପୃକ୍ତ ଗୁଣ୍ଡାଙ୍କୁ ତୁରନ୍ତ ଗିରଫ କରାଯାଉ:- ଅଭିଲାଷ ପଣ୍ଡା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗଣତନ୍ତ୍ରର ସର୍ବୋଚ୍ଚ ଗୃହରେ କଂଗ୍ରେସ ନେତା ହିନ୍ଦୁ ଧର୍ମକୁ ନେଇ ବିଭ୍ରାନ୍ତ କାରି ମନ୍ତବ୍ୟ ଦେଇ ହିଂସା ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ। ତାକୁ ବିରୋଧ କରି ମଙ୍ଗଳବାର ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରାଯାଉଥିବା ସମୟରେ କଂଗ୍ରେସ ଭବନ ଭିତରୁ ୫୦ ରୁ ୬୦ ଜଣ କଂଗ୍ରେସ ଗୁଣ୍ଡା କଂଗ୍ରେସ ଭବନ ଭିତରୁ ଆସି ଭାରତୀୟ ଜନତା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଢେଲା,ପଥର,ବାଡି, ଫୋପାଡିବା ସହ ଆତଙ୍କିତ ଭାବେ ଆକ୍ରମଣ କରିଥିଲେ। ଯାହାଫଳରେ ଯୁବମୋର୍ଚ୍ଚାର ସୁଭ୍ରାଂଶୁ ପାତ୍ରଙ୍କ ସମେତ ୭ ଜଣ କାର୍ଯ୍ୟକର୍ତ୍ତା ଗୁରୁତ୍ୱର ଆହତ ହୋଇ ଛନ୍ତି। କଂଗ୍ରେସର ଏହି ହିଂସାକୁ ଆମେ ଦୃଢ଼ ନିନ୍ଦା କରିବା ସହ ଯେଉଁ କଂଗ୍ରେସ ଗୁଣ୍ଡା ଏହି ଆକ୍ରମଣରେ ସଂପୃକ୍ତ ଥିଲେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆମେ ଦାବି କରୁଛୁ।

# ରାଜଧାନୀରେ ୩ ବର୍ଷର ଶିଶୁକୁ ବଳାତ୍କାର: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜଧାନୀରେ ପୁଣି ଲଜ୍ଜା। ପାଞ୍ଚଗାଁ କୋଠସାହିର ଜଣେ ଶିଶୁକୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ୍ ଏହି ଘଟଣାରେ ଅଭିଯୁକ୍ତ ସନ୍ତୋଷ ଖୁଣ୍ଟିଆକୁ ଗିରଫ କରିଛି। ସୂଚନା ଅନୁସାରେ ଅଭିଯୁକ୍ତ ସନ୍ତୋଷ ସାହିର ଜଣେ ୩ ବର୍ଷର ଶିଶୁକୁ ଚକୋଲେଟ୍ ଦେବାର ପ୍ରଲୋଭନ ଦେଖାଇ ପାଖକୁ ଡାକି ବଳାତ୍କାର କରିଥିଲା। ଏବଂ ଶିଶୁଟିକୁ ବଳାତ୍କାର କରିବା ପରେ ସନ୍ତୋଷ ଫେରାର୍ ହୋଇଯାଇଥିଲା। ପରେ ପରିବାର ଲୋକ ଜାଣିବା ପରେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଘଟଣାରେ ଅଭିଯୁକ୍ତ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ଚିକିତ୍ସା ପାଇଁ ପୀଡିତା ଶିଶୁଟିକୁ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୀଡିତାଙ୍କ ଅଲଟ୍ରାସାଉଣ୍ଡ ପାଇଁ ପୁଲିସ୍ କ୍ୟାପିଟାଲ ହସ୍ପିଟାଲକୁ ଆଣିଛି। ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା କହିଛନ୍ତି କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ।

# ନବୀନଙ୍କ ବ୍ୟକ୍ତିଗତ ସଚିବ ହେଲେ ଆଦିତ୍ୟ ମହାପାତ୍ର

ଭୁବନେଶ୍ୱର, ୦୨ /୭

ନ୍ୟୁଜ ବ୍ୟୁରୋ

ଓଏଏସ୍ ଅଧିକାରୀ ଆଦିତ୍ୟ ମହାପାତ୍ରଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ମିଳିଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଥିଲେ ଆଦିତ୍ୟ।

# ୨୪ ରାଜ୍ୟରେ ଅଛି ୩୧୩ଟି ସାଇବର ଅପରାଧୀଙ୍କ ମାମଲା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଜେରା ବେଳେ ଖୋଲିଲା ବଡ ଗୁମର। ଗତ ଜୁନ ୧୮ତାରିଖରେ ୫ ଜଣ ଆନ୍ତଃରାଜ୍ୟ ସାଇବର ଅପରାଧୀଙ୍କୁ ଗିରଫ କରିଥିଲା କମିସନରେଟ ପୁଲିସ। ପରେ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ବହୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ପାର୍ଶଲରେ ଡ୍ରଗ୍ସ ଯାଉଥିବା ନେଇ ମିଛ କ୍ରାଇମବ୍ରାଞ୍ଚ ଅଧିକାରୀ କହି ୩୬ ଲକ୍ଷ ଟଙ୍କା ଭୁବନେଶ୍ୱରର ଜଣେ ଲୋକଙ୍କଠାରୁ ଠକେଇ କରିଥିଲେ। ଜେରାବେଳେ ଜଣା ପଡ଼ିଛି ଏମାନଙ୍କ ନାମରେ ୨୪ ରାଜ୍ୟରେ ୩୧୩ଟି କେସ ରହିଛି। କର୍ଣ୍ଣାଟକରେ ୪୯, ତାମିଲନାଡୁରେ ୩୮ କେସ ସହ ତେଲେଙ୍ଗାନାରେ ମଧ୍ୟ ମାମଲା ରହିଛି। ଏକାଧିକ ରାଜ୍ୟର ପୁଲିସ ଆସି ଅଭିଯୁକ୍ତଙ୍କୁ ଜେରା କରିଛନ୍ତି। ମୋଟ ୯ଟି ରାଜ୍ୟର ପୁଲିସ ଅଭିଯୁକ୍ତଙ୍କୁ ଜେରା କରିଛି। ୯ଟି ଆକାଉଣ୍ଟ ଫ୍ରୀଜ୍ ହେବା ସହ ୨ କୋଟି ଟଙ୍କା ଜବତ ହୋଇଛି। ମୋଟ ଏହି ଗ୍ରୁପ୍ ୨୫ କୋଟି ଟଙ୍କା ଠକେଇ କରିଥିବା ସାମ୍ନାକୁ ଆସିଛି।


A-85

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KANDHAMAL

e-Procurement Notice
BID IDENTIFICATION NO-01/2024-25

Letter No- 1443 Dt- 27 / 06 / 2024

| | |
|---|---|
| Name of work | Improvement to Check Dams in Khajuripada, Tikabali & G.Udayagiri Block for the year 2024-25. |
| No Works | 14 (fourteen) No. |
| Estimated Cost | Rs. 6.78 lakh to Rs.4.10 laklh Approximately |
| Tender paper cost | Rs.2000 to 4000 (Non- refundable) |
| Period of completion | 60 (Sixty days) only. |
| Availability of Bid documents | From 10.00 AM of 3.7.2024 to 16.00 hrs of 12.7.2024 in website (www.tendersodisha.gov.in) |
| Time of receipt of bid through on line | From 10.00 AM of 3.7.2024 to 16.00 hrs of 12.7.2024 through online |
| Date of opening of bid documents | At 11.00 hrs of 15.7.2024 in the O/O S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in.

Name and address of the OIT:- Superintending Engineer, M.I. Division, Kandhamal, Ph No.06842-253634, Fax:-06842-253816, E-mail: kmidplb@gmail.com

Further details can be seen from the e-procurement market place, http//www.tendersodisha.gov.in

Sd/- (Er. Manaranjan Hansdah)
Superintending Engineer
M.I. Division, Kandhamal

OIPR-32040/11/0001/2425



O-79

OFFICE OF THE EXECUTIVE ENGINEER,
RWS&S DIVISION, KENDRAPARA.
At : Ichhapur, Post : Shree Baladevjew, Email: eerwsskendrapara@gmail.com

INVITATIONS FOR BIDS (IFB) [e-Procurement]
Bid Identification No. RWS/ 09 /2024-25
Letter No. 2857...... / Dated. 29.06.2024..

| | | |
|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites on lump sum bid in SINGLE cover system in ONLINE MODE from eligible contractors for sinking of 200 mm dia Production wells for different Rural Piped Water Supply Schemes in Kendrapara District. | |
| 2 | Name of the work | : Sinking of 200 mm dia Production wells through Mud Rotary Rig in Kendrapara district. |
| 3 | No. of Work | : 02 Nos. ( Two) only |
| 4 | Value of the Work | : ₹ 5.88 lakhs to ₹ 5.96 lakhs |
| 5 | Concerned tender inviting authority | : Executive Engineer, RWS&S Division, Kendrapara |
| 6 | Cost of Bid documents (Rs.)(Online) | : ₹ 4000/- |
| 7 | Cost of Security deposit (Online) | : ₹ 5900/- & 6000/- as applicable |
| 8 | Class of Bidder | : " D" and "C" |
| 9 | Period of Completion | : 45 days |
| 10 | Availability of bid documents in the website | : From date. 06.07.2024 at 10.00 A.M to date. 16.07.2024 till 5.30 P.M |
| 11 | Last Date & Time of seeking tender clarification | : Up to 08.07.2024 till 5.30 P.M |
| 12 | Date of Opening of Bid | : 18.07.2024 at 11.00 A.M |

The bidders have to participate in the tender through ONLINE bidding only. Further details can be had from the website i.e http://tendersodisha.gov.in.
Subsequent corrigendum / addendum if required shall only be appeared in the above website.

Sd/- Executive Engineer
RWS&S Division, kendrapara

OIPR-25004/11/0004/2425



A-106

DIRECTORATE OF GROUND WATER DEVELOPMENT : ODISHA
Office of The Deputy Director,Geology, GWD Division ,Angul
At/-Tikira Irrigation Colony,Matiasahi,Dist-Angul,Pin-759143
[e-mail:ddgangul.gwd@gmail.com]
INVITATION FOR BIDS (IFB)

e- Procurement Notice : 402 Date: 29.06.2024

Bid Identification No.01/GWDANG/CHHATA/2024-25,
(Single-Envelope Bidding Process)

Deputy Director, Geology, GWD Division, Angul, At-Tikira Irrigation Colony, Matiasahi,Angul-759143 on behalf of Governor of Odisha invites bids from bidders Class "D" & "C" registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before 12/07/2024 at 11.00 Hrs IST (system server time). Proposals will be opened online on 12/07/2024 ; at 13.00hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal 'www.tendersodisha.gov.in".

| Sl.No. | Description | Details |
|---|---|---|
| 1. | Name Of the Work | Construction of 5 Nos RRHS in government buildings of Angul urban area. |
| 2. | Start Date of availability of Bid document online (bid download) | 03/07/2024 from 11.00 Hrs |
| 3. | Last Date of availability of bid document online (bid download) | 12/07/2024 up to 12.00 Hrs |
| 4. | Last date and time for receipt of bid document (Bid Submission End date & Time) | 12/07/2024 up to 12.00 Hrs |
| 5. | Date & Time of opening of bid document (bid Opening date) | 12/07/2024 up to 13.00 Hrs |

OIPR-32422/11/0001/2425 Sd/- Deputy Director Geology

ଭୁବନେଶ୍ୱର
୩ ଜୁଲାଇ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ରାଜ୍ୟ ଗେଷ୍ଟହାଉସ୍ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ଇଷ୍ଟର୍ଣ୍ଣ ନାଭାଲ୍ କମାଣ୍ଡର କମାଣ୍ଡିଂ ଇନ୍ ଚିଫ୍ ଭାଇସ୍ ଆଡମିରାଲ୍ ରାଜେଶ ପେଣ୍ଡାରକର। (ଫଟୋ : ସମ୍ବାଦ କଳିକା)

# ଅଣସର ନୀତିର ଏକାଦଶୀ ତିଥିରେ ମାମୁଁ ଘରୁ ଶ୍ରୀକ୍ଷେତ୍ରକୁ ଆସିଲା ପଥି

**ପୁରୀ, ୨/୭ ନ୍ୟୁଜ ବ୍ୟୁରୋ**

ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡିତ ମହାବାହୁ । ମଙ୍ଗଳବାର ଅଣସର ଏକାଦଶୀରେ ଦଶମୂଳ ମୋଦକ ସେବନ କରି ସୁସ୍ଥ ହେଲେ ଶ୍ରୀଜୀଉ । ଏକାଦଶୀ ତିଥିରେ ଜ୍ୱରରେ ଆକ୍ରାନ୍ତ ଶ୍ରୀଜୀଉମାନଙ୍କୁ ଲାଗି ହୋଇଛି ଦଶମୂଳ ମୋଦକ । ସୋମବାରରେ ରାଜବୈଦ୍ୟ ଏହି ଦଶମୂଳ ମୋଦକ ପ୍ରସ୍ତୁତ କରି ଶ୍ରୀମନ୍ଦିରରେ ଦେଇଥିଲେ । ଏହି ଆୟୁର୍ବେଦ ଦଶମୂଳ ମୋଦକ ମହାପ୍ରଭୁ ସେବନ କରି ସୁସ୍ଥ ହେଲେ । ସେପଟେ ମଙ୍ଗଳବାର ଏକାଦଶୀ ତିଥିରେ ମହାପ୍ରଭୁଙ୍କଠାରେ ଲାଗି ହୋଇଛି ରଙ୍ଗବେରଙ୍ଗର ପୁଷ୍ପ ଓ ତୁଳସୀ । ରାଜବୈଦ୍ୟଙ୍କ ଘରେ ପ୍ରସ୍ତୁତ ହୋଇଥାଏ ଏହି ଦଶମୂଳ ମୋଦକ। ଗମ୍ଭାରୀ, ବେଲ, ପାଟଳୀ, କୃଷ୍ଣପର୍ଣ୍ଣି, ଶାଳପର୍ଣ୍ଣୀ, ଅଙ୍କରାନ୍ତି, ଗୋଖରା ପରି ବିଭିନ୍ନ ପ୍ରକାରର ଆୟୁର୍ବେଦ ଚେରମୂଳରେ ଏହା ପ୍ରସ୍ତୁତ ହୋଇଥାଏ । ଏହାକୁ ସେବନ କରିବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଏହାକୁ ପ୍ରସ୍ତୁତ କରି ଅଣସର ଦଶମୀ ତିଥିରେ ଶ୍ରୀମନ୍ଦିରରେ ଦେଇଥିଲେ ରାଜବୈଦ । ଅନ୍ୟପଟେ ମଙ୍ଗଳବାର ଏକାଦଶୀ ତିଥିରେ ମହାପ୍ରଭୁଙ୍କଠାରେ ଲାଗି ହୋଇଛି ରଙ୍ଗବେରଙ୍ଗର ପୁଷ୍ପ ଓ ତୁଳସୀ । ଶ୍ରୀମନ୍ଦିରରେ ବାଜୁଛି ଘଣ୍ଟ ଘଣ୍ଟାର ଶବ୍ଦ । ସନ୍ଧ୍ୟାଧୂପ ପରେ ଆରମ୍ଭ ହୋଇଥିଲା



ଏହି ନୀତି । ସୁଆରମାନେ ଖଳି ପ୍ରସ୍ତୁତ କରି ମନ୍ଦିରକୁ ଦେବା ପରେ ଦଇତାପତିଙ୍କ ଦ୍ୱାରା ମଧ୍ୟାହ୍ନ ଧୂପ ହୋଇଥିଲା । ଏହାପରେ ଲାଗି କରାଯାଇ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଛି । ବୁଧବାର ଅଣସର ଦ୍ୱାଦଶୀ ତିଥିରେ ସକାଳଧୂପ ପରେ ମହାପ୍ରଭୁଙ୍କ ସୁସ୍ଥ ହେବା ଖବର ନେଇ ଶ୍ରୀନଅରକୁ ଯିବେ ଦଇତାପତି ସେବାୟତମାନେ । ମହାପ୍ରଭୁଙ୍କ ରଥଯାତ୍ରା ପ୍ରସ୍ତୁତି ନିମନ୍ତେ ଗଜପତିଙ୍କୁ ବାର୍ତ୍ତା ଦେବେ । ଅନ୍ୟପଟେ ଜ୍ୱରରେ ପୀଡିତ ଜଗନ୍ନାଥଙ୍କ ପାଇଁ ମାମୁଁ ଘର ନିଆଳିରୁ ଶ୍ରୀମନ୍ଦିରକୁ ଆସିଲା ଅଣସର ଭାର । ମହାବାହୁ ସୁସ୍ଥ ହେବା ପାଇଁ ଔଷଧ ସହିତ ପଥି ସେବନ କରିଥାନ୍ତି । ସେହି ପଥି ପାଇଁ ଶ୍ରୀଜୀଉଙ୍କ ମାମୁଁ ଘର କଟକ ଜିଲ୍ଲା ନିଆଳି ବ୍ଲକର ମାଧବାନନ୍ଦଜୀୟୁଙ୍କ ପୀଠରୁ ଅଣସରର ଭାର ପହଞ୍ଚିଛି। ଏକାଦଶୀରେ ଫଳ ଭୋଗ ହୋଇଥାଏ । ଏହି ତିଥିରେ ମାଧବାନନ୍ଦଜୀୟୁଙ୍କ ମନ୍ଦିର ଟ୍ରଷ୍ଟ ଓ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ରାଜ୍ୟ ବାହାରୁ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଫଳମୂଳ ସଂଗ୍ରହ କରାଯାଇ ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ପଠାଯାଇଛି । ସେଓ, କମଳା, ଡାଳିମ୍ବ, ଅଙ୍ଗୁର, ବିଭିନ୍ନ ରକମର ଆମ୍ବ, ପଣସ, ନଡିଆ, କଦଳୀ ଇତ୍ୟାଦି ସାଙ୍ଗକୁ ଫୁଲ, କର୍ପୁର ମଧ୍ୟ ଅଣସର ଭାରରେ ପ୍ରେରଣ କରାଯାଇଛି ବୋଲି ମାଧବାନନ୍ଦଜୀୟୁଙ୍କ ମନ୍ଦିର ପୂଜକ କହିଛନ୍ତି । ମଙ୍ଗଳବାର ସକାଳୁ ସକାଳୁ ମନ୍ଦିର ପରିସରରେ ଏକ ବର୍ଣ୍ଣାଢ୍ୟ ଏବଂ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଝାଞ୍ଜ, ଖୋଳ ଓ ମୃଦଙ୍ଗ ବଜାଇ ଅଣସର ଭାର ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ୩ ତାରିଖ ଦ୍ୱାଦଶୀ ତିଥିରେ ରାଜପ୍ରାସାଦ ବିଜେ ନୀତି ଅନୁଷ୍ଠିତ ହେବ। ଆଗାମୀ ୭ ତାରିଖରେ ଦାରୁବ୍ରହ୍ମଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ।

## ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ କାର୍ଯ୍ୟ

# ତିନି ରଥରେ ଉଠିଲା ଦୁଆର ବେଢ଼ା



**ପୁରୀ, ୨/୭ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ । ସିଂହାସନ ବେଦୀ ଉପର ପ୍ରଥମ ଭୂଇଁ ମଧ୍ୟଭାଗରେ କନକ ମୁଣ୍ଡି ବସିବା ସହ, ତିନି ରଥର ବିଜେ ଚକା ନିର୍ମାଣ ଏବଂ ଜିନିସାଟ ବୁହାବୋହି ପାଇଁ ତିନି ରଥର ଦୁଇଟି ଲେଖାଏଁ ୨୦ ଫୁଟିଆ ଶାଙ୍ଗି ନିର୍ମାଣ ଶେଷ ହୋଇଥିଲା । ରୂପକାର ସେବକମାନେ ଅନୁକୂଳ ପୂଜା କରି ତିନି ରଥ ପ୍ରଭାରେ ରୂପ ଖୋଦେଇ ଚିତ୍ର ଅଙ୍କନ କରିବା ସହ ସହଯୋଗୀ ରୂପକାର ସେବକମାନେ ମିଶି ପ୍ରଭାରେ ରୂପ ଖୋଦେଇ ଆରମ୍ଭ କରିଛନ୍ତି । ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନି ରଥର ଭୋଇ ସେବକମାନେ ମିଶି ତିନି ରଥର ଚାରୋଟି ଲେଖାଏଁ ଦୁଆର ବେଢ଼ାକୁ ବାଉଁଶ ଡେଣ୍ଟିଆ ସହାୟତାରେ ଉଠାଇ ନାଟ ଗୋଡ ସହ ସଂଯୋଗ କରିବାକୁ ରଥରେ ଦଉଡ଼ି ଦ୍ୱାରା ବାନ୍ଧେଣୀ କରିଛନ୍ତି। ମହାରଣା ସେବକମାନେ ତିନି ରଥର ଦୁଇଟି ଲେଖାଏଁ ୨୦ ଫୁଟିଆ ଆଠ ଆଁସି ଘୋଡ଼ା ଇସ ନିର୍ମାଣ ସହ ସେଥିରେ ଦୁଇଟି ଲେଖାଏଁ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି । ତିନି ରଥର ପ୍ରଭା ଖଞ୍ଜିବା ପାଇଁ ବେଦୀ ପଛ ଭାଗ ଚଉଦ ନାହାକାରେ ଦୁଇଟି ଲେଖାଏଁ ଧୂଳି ଦଣ୍ଡା ଖଞ୍ଜିଛନ୍ତି । ଚିତ୍ରକାର ସେବକମାନେ ତିନି ରଥକୁ ଦୁଆର ବେଢ଼ା ଉଠିବା ପାଇଁ ୨୪ଟି ନାଟ ଗୋଡର ଖୋଦେଇ ରୂପରେ ରଙ୍ଗ ଚିତ୍ର ଶେଷ କରି ଯୋଗାଇବା ସହ ତିନି ରଥ କଳସରେ ପଦ୍ମ ପାଖୁଡ଼ା ରଙ୍ଗ ଚିତ୍ର ଶେଷ କରିଛନ୍ତି । ଏଥିସହ ତିନି ରଥର ଘୋଡ଼ା, ସାରଥି, ରଥର ବାହ୍ୟ ଅଂଶ ସହ ହଂସ ପଟା, ପାର୍ଶ୍ୱ ଦେବ ଦେବୀ ଇତ୍ୟାଦିର ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି । ଦରଜୀ ସେବକମାନେ ତିନି ରଥର ଘେର କନା ପ୍ରସ୍ତୁତ ଶେଷ କରି ପୋଟଳ କନା କାଟିବା ଶେଷ କରି ସେଥିରେ ଟିକ୍କଣ ଜରୀ ଲେସ ଖଞ୍ଜା ଜାରୀ ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଦୁଆର ବେଢ଼ା ପାଇଁ ଧ୍ୱଜ ବତା କଣ୍ଟା, ଘୋଡ଼ା ସାରଥିଙ୍କ ପାଇଁ ବାଗୁଆ କଣ୍ଟା ଶେଷ କରିବାସହ, ପୋଟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି ବୋଲି ପୁରୀ ସେବକ ସୂଚନା ଦେଇଛନ୍ତି।

# ଓଡ଼ିଆ ଭାଷାର ଏକ ସମୃଦ୍ଧ ଇତିହାସ ରହିଛି: ରାଜ୍ୟପାଳ

**ଭୁବନେଶ୍ୱର,୨।୭ ନ୍ୟୁଜ ବ୍ୟୁରୋ**

ଭାରତୀୟ ଶାସ୍ତ୍ରୀୟ ଭାଷା ମଧ୍ୟରେ ଓଡ଼ିଆ ଭାଷାର ଏକ ସମୃଦ୍ଧ ଇତିହାସ ରହିଛି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ମଙ୍ଗଳବାର ସର୍ବଜନାଦୃତ ମାସିକ ଓଡ଼ିଆ ପତ୍ରିକା "କାଦମ୍ବିନୀ"ର ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ ଏହା କହିଛନ୍ତି । ସେ କହିଲେ, ଓଡ଼ିଆ ଭାଷା ହେଉଛି ସାଂସ୍କୃତିକ ଅଭିବ୍ୟକ୍ତି ଓ ଭାବନାର ଅପୂର୍ବ ଭଣ୍ଡାର । କାଦମ୍ବିନୀ ବରିଷ୍ଠ ଲେଖକଙ୍କୁ ସମ୍ମାନ ଦେବା ଓ ନବୀନଙ୍କୁ ପ୍ରୋତ୍ସାହନ ଦେବା ଏକ ପ୍ରଶଂସନୀୟ କାର୍ଯ୍ୟ ବୋଲି ସେ କହିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ଓ ପ୍ରଚାର କ୍ଷେତ୍ରରେ କାଦମ୍ବିନୀର ଉଲ୍ଲେଖନୀୟ ଅବଦାନ ରହିଛି । ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ମନଲାଖି ଲେଖାସବୁ କାଦମ୍ବିନୀରେ ପ୍ରକାଶିତ ହେଉଥିବାରୁ ଏହା ଜନାଦୃତ ହୋଇପାରିଛି ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ଦେଇ କାଦମ୍ବିନୀ ଓ କୁନିକଥାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, କାଦମ୍ବିନୀ ପତ୍ରିକାରେ ୨୫ ବର୍ଷ ମଧ୍ୟରେ ଏମିତି କିଛି ଲେଖା ବାହାରିନାହିଁ ଯାହାକୁ ଲୋକେ ସମାଲୋଚନା କରିଛନ୍ତି । କାଦମ୍ବିନୀ ଆରମ୍ଭ ହେବାଠାରୁ ଏହି ପତ୍ରିକାରେ ଗୋଟିଏ ହେଲେ ନକରାତ୍ମକ ଶବ୍ଦ ବ୍ୟବହାର ନ କରିବାକୁ ମୁଁ ଏହାର ସମ୍ପାଦିକା ଡ. ଇତି ସାମନ୍ତଙ୍କୁ ପରାମର୍ଶ ଦେଇଥିଲି । ସେ ମଧ୍ୟ ଏହାକୁ ଆଜି ପର୍ଯ୍ୟନ୍ତ ଅକ୍ଷରେ ଅକ୍ଷରେ ପାଳନ କରିଆସିଛନ୍ତି । ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଓଡ଼ିଶା ତଥା ଓଡ଼ିଶା ବାହାରେ ପ୍ରଚାର ଓ ପ୍ରସାର କରିବାରେ କାଦମ୍ବିନୀର ଉଦ୍ୟମ ପ୍ରଶଂସନୀୟ । ଏହି ଅବସରରେ ଡ. ସାମନ୍ତ ସୂଚନା ଦେଇ କହିଲେ ବର୍ଷ ସାରା କାଦମ୍ବିନୀ ପକ୍ଷରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରୌପ୍ୟ ଜୟନ୍ତୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାର ୨୫ଜଣ ଯୁବ ସାହିତ୍ୟିକଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଗବେଷଣା ନିମନ୍ତେ ସେମାନଙ୍କୁ ଫେଲୋସିପ୍ ପ୍ରଦାନ କରାଯିବ ବୋଲି ଡ. ସାମନ୍ତ ଘୋଷଣା କରିଥିଲେ।

ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ଅନନ୍ତ ମହାପାତ୍ର କହିଲେ, ଆମେ ନିଷ୍ଠାର ସହ ସଫଳ ଭାବେ କୌଣସି କାମ କଲେ କୃତୀ ମିଳିପାରିବ । ଆତ୍ମ ବିଶ୍ୱାସ ଥିଲେ କୌଣସି କାମ କଠିନ ହେବନାହିଁ। ଏହାର ଉଦାହରଣ ହେଉଛି କାଦମ୍ବିନୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କହିଲେ, କାଦମ୍ବିନୀର ୨୫ବର୍ଷ ସଫଳତାର ଜୟଯାତ୍ରାର ମୂଲ୍ୟାୟନ କରିହେବ ନାହିଁ । କାଦମ୍ବିନୀ ବରିଷ୍ଠଙ୍କୁ ପ୍ରଣାମ ଓ କନିଷ୍ଠଙ୍କୁ ପ୍ରୋତ୍ସାହନ ଦେଇ ନୂଆ ଇତିହାସ ଓ ପରିଚୟ ସୃଷ୍ଟି କରିପାରିଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସମ୍ପାଦିକା ଡ. ଇତି ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କାଦମ୍ବିନୀକୁ ସହଯୋଗ ପାଇଁ କାଦମ୍ବିନୀର ଶୁଭେଚ୍ଛୁ ତଥା ବିଶିଷ୍ଟ ସାମ୍ବାଦିକ ଉମାପଦ ବୋଷଙ୍କୁ ରାଜ୍ୟପାଳ ଶ୍ରୀ ଦାସ ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଭାରତୀୟ ଡାକ ବିଭାଗ ପକ୍ଷରୁ ଜାରି କରାଯାଇଥିବା "କାଦମ୍ବିନୀ" ରୌପ୍ୟ ଜୟନ୍ତୀ ସ୍ମାରକୀ ଡାକ ଟିକଟ, କାଦମ୍ବିନୀ ରୌପ୍ୟ ଜୟନ୍ତୀ ସଂଖ୍ୟା ଓ କୁନିକଥା ଜୁଲାଇ ସଂଖ୍ୟାର ଉନ୍ମୋଚନ କରାଯାଇଥିଲା । ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ଦିନ ତମାମ ବିଭିନ୍ନ ବିଷୟ ବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଅଧିବେଶନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ବିଶିଷ୍ଟ ସାହିତ୍ୟିକା ଅର୍ଚ୍ଚନା ନାୟକ, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, ବିଶିଷ୍ଟ ଗବେଷକ ପରମେଶ୍ୱର ମୁଣ୍ଡ, ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ, ବିଶିଷ୍ଟ ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ବିଶିଷ୍ଟ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ଆଇମି ବରୁଆ, ବଲିଉଡ୍ ଅଭିନେତ୍ରୀ ମୀରା ଚୋପ୍ରା, ବଲିଉଡ୍ ଅଭିନେତା ଅଭୟ ବର୍ମା, କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ, କରାଟିକା ଭାଲିନା ଭାଲେଣ୍ଟିନା, ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର, ବିଶିଷ୍ଟ ସେଫ ସୁଶ୍ରୀ ସ୍ମୃତିଶ୍ରୀ ସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସେହିପରି କିସ୍ ଛାତ୍ରଛାତ୍ରୀ, ଆନନ୍ଦପୁର ବୀଣାପାଣି କଳା ନିକେତନ, ଗୁରୁ ରଞ୍ଜନ କୁମାର ସାହୁ ଏବଂ ସାଥୀ, ଗୁରୁ ଧନେଶ୍ୱର ସ୍ୱାଇଁ ଓ ସାଥୀ ଏବଂ ଅକ୍ଷୟ ମହାନ୍ତି ମାସ ଅପଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବ ପ୍ରାରମ୍ଭରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଏବଂ ସ୍ୱୟଂ ପାଢ଼ିଙ୍କ ଦ୍ୱାରା କାଦମ୍ବିନୀ ଥିମ୍ ସଙ୍ଗ୍ ଗାନ କରାଯାଇଥିଲା।



‘କାଦମ୍ବିନୀ’ର ରଜତଜୟନ୍ତୀ ଉତ୍ସବ

# ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦୁଝର ସାଂସଦ



**ପାଟଣା, ୨/୭ ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟିଛନ୍ତି କେନ୍ଦୁଝର ସାଂସଦ ଅନନ୍ତ ନାୟକ । ନିଜ ଜିଲ୍ଲାର କିଛି ଉଚ୍ଚ ବିଦ୍ୟାଳୟର ଅପଗ୍ରେଡେସନ ଓ ଅପଗ୍ରେଡ ହୋଇଥିବା ବିଦ୍ୟାଳୟ ଗୁଡିକରେ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବା ସମ୍ପର୍କରେ ଅନୁରୋଧ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହୋଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ନରଣପୁର, ବସନ୍ତପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅସନପାଟରେ ୨୦୨୪-୨୫ ଶିକ୍ଷା ବର୍ଷରୁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଏହି ପତ୍ର ଜରିଆରେ ଅନୁରୋଧ କରିଛନ୍ତି । ସେହିପରି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଶୁଆକାଠି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗୋନାସିକା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚିଲିଦା, ସରକାରୀ ଉଚ୍ଚ ବିଦ୍ୟାଳୟ ବକ୍ସିବାରିଗାଁକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରିବାକୁ ସେ ଦାବିପତ୍ରରେ ଅବଗତ କରାଇଛନ୍ତି ।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଆନନ୍ଦବନ ଓ ପ୍ରମୁଖ ପାର୍କ ପରିଦର୍ଶନ

# ସହରାଞ୍ଚଳ ସବୁଜିମାର ଆବଶ୍ୟକତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨।୭ ନ୍ୟୁଜ ବ୍ୟୁରୋ**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ପାର୍କ ଓ ଉଦ୍ୟାନ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ ବଲୱନ୍ତ ସିଂହ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ମନ୍ତ୍ରୀ ଆନନ୍ଦବନ, ଘାଟିକିଆ ସ୍ଥିତ ରାଜ୍ୟ ସିଲଭିକଲ୍‌ଚର ଗାର୍ଡେନ୍, କଳିଙ୍ଗ ନଗରର ଡ. ଏପିଜେ ଅବଦୁଲ କଲାମ ପାର୍କ ଏବଂ କଳିଙ୍ଗ ନଗରର କେ-୭ରେ ଥିବା ୱେଷ୍ଟ ଟୁ ଆର୍ଟ ପାର୍କ ପରିଦର୍ଶନ କରିଥିଲେ।

ଭୁବନେଶ୍ୱରର ପ୍ରମୁଖ ସହରାଞ୍ଚଳ ଫରେଷ୍ଟ ପାର୍କ ଆନନ୍ଦବନରେ ମନ୍ତ୍ରୀ ସମୟ ଅତିବାହିତ କରିଥିଲେ। ସ୍ୱର୍ଣ୍ଣ ଚମ୍ପା ଚାରା ରୋପଣ କରିବା ସହ ଖୋଲା ପାଠାଗାର, ଆମ୍ଫିଥିଏଟର, ପାର୍କିଂ ସ୍ଥାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପରିଦର୍ଶନ କରିଥିଲେ। ସ୍ଥାନୀୟ ଜୀବିକାକୁ ସମର୍ଥନ କରିବା ପାଇଁ ସେ ଆନନ୍ଦବନ ମଧ୍ୟରେ ଏକ ଫୁଲ ବଗିଚା ବିକଶିତ କରିବାକୁ ପରାମର୍ଶ ଦେଇଥିଲେ ଏବଂ ସମଗ୍ର ସହରରେ ଅନୁରୂପ ପାର୍କ ପ୍ରତିଷ୍ଠା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ୮୯.୦୫ ଏକର ପରିମିତ ଏହି ଆନନ୍ଦବନରେ ପର୍ଯ୍ୟାପ୍ତ ପାର୍କିଂ, ବେଞ୍ଚ,



ଗଜେବୋ, ବର୍ଷା ଆଶ୍ରୟସ୍ଥଳୀ, ପିଲାଙ୍କ ଖେଳ ପଡ଼ିଆ, ସର୍ବସାଧାରଣ ସୁବିଧା ସମେତ ବିଭିନ୍ନ ସୁବିଧା ସୁଯୋଗ ରହିଛି। କେ-୭, କଳିଙ୍ଗ ନଗରରେ ଥିବା ୱେଷ୍ଟ ଟୁ ଆର୍ଟ ପାର୍କରେ ପୁନଃନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଢ଼େ ୪ ଏକର ପରିମିତ ଏହି ପାର୍କରେ ରୋଲ୍ ବଲ୍, ସ୍କେଟିଂ ଓ ବାସ୍କେଟବଲ୍ ଭଳି କ୍ରୀଡ଼ା ସୁବିଧା ଉପଲବ୍ଧ ହେବ। ଏହାବ୍ୟତୀତ ଏଥିରେ ଫୁଲ ଶଯ୍ୟା ପଥ, ବିଭିନ୍ନ ଲ୍ୟାଣ୍ଡସ୍କେପିଂ ଉପାଦାନ ଏବଂ ମୂର୍ତ୍ତି ଅନ୍ତର୍ଭୁକ୍ତ ହେବ। ବିଡିଏ ପକ୍ଷରୁ ଏହି ପାର୍କର ବିକାଶ କରାଯାଉଛି। ଡ. ଏପିଜେ ଅବଦୁଲ କଲାମ ପାର୍କ ପରିଦର୍ଶନ ସମୟରେ ମନ୍ତ୍ରୀ ଅଧିକାରୀମାନଙ୍କୁ ବର୍ତ୍ତମାନ ଚାଲିଥିବା ପୁନଃବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏକ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଏ ଓ ବନ ବିଭାଗ ପକ୍ଷରୁ ବିକଶିତ ହେଉଥିବା ରାଜ୍ୟ ସିଲଭିକଲ୍‌ଚର ଗାର୍ଡେନରେ ଚାଲିଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରି ଜନସାଧାରଣଙ୍କ ପାଇଁ ଏହି ସୁବିଧା ଖୋଲିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ପ୍ରଦୀପ ଜେନା

**ଭୁବନେଶ୍ୱର, ୦୨/୭ ନ୍ୟୁଜ ବ୍ୟୁରୋ**

ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଙ୍ଗଳବାର ଦିନ ରାଜ୍ୟପାଳ ରଘୁବର ଦାସଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ଜେନା ଗତ ୩୦ ତାରିଖ ଦିନ ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେଇଛନ୍ତି। ତାଙ୍କ ସ୍ଥାନରେ କେନ୍ଦ୍ରୀୟ ଡେପୁଟେସନ୍‌ରେ ଥିବା ମନୋଜ ଆହୁଜାଙ୍କୁ ମୁଖ୍ୟ ସଚିବ ଦାୟିତ୍ୱ ଦିଆଯାଇଛି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ନୋଡାଲ ଅଧିକାରୀମାନଙ୍କୁ ପ୍ରମୁଖ ଶାସନ ସଚିବଙ୍କ ପତ୍ର

**ଭୁବନେଶ୍ୱର, ୦୨/୭ ନ୍ୟୁଜ ବ୍ୟୁରୋ**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଚାଲୁଥିବା ବିଭିନ୍ନ ଯୋଜନାଗୁଡ଼ିକର କାର୍ଯ୍ୟକାରିତା, ସଫଳ ରୂପାୟନ ଏବଂ ଏ ସଂପର୍କରେ ତଥ୍ୟ ହାସଲ ନିମନ୍ତେ ବିଭାଗର ନୋଡାଲ ଅଧିକାରୀ ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି । କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଗମ୍ଭୀରତାର ସହ ନେଇ ଏ ଦିଗରେ କାର୍ଯ୍ୟ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ନୋଡାଲ୍ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି । ବର୍ତ୍ତମାନ ଖରିଫ ଋତୁ ଜୋରସୋରରେ ଆଗେଇ ଚାଲିଥିବାରୁ ନୋଡାଲ ଅଧିକାରୀମାନଙ୍କ ଦାୟିତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଗତ ଜୁନ ୨୦୨୪ ବୈଠକରେ ନୋଡାଲ ଅଧିକାରୀମାନେ ନିଜ ନିଜ ଜିଲ୍ଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ ରିପୋର୍ଟ ଆସନ୍ତା ଜୁଲାଇ ୧୦ ତାରିଖ ସୁଦ୍ଧା ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ନିକଟରେ ଦାଖଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ଖରିଫ ଋତୁରେ କୃଷି ସାମଗ୍ରୀ, ଗୁଣାତ୍ମକ ବିହନ, ସାର, ଋଣ ଏବଂ ଏହାର ଯୋଗାଣକୁ ସୁଗମ କରିବା ପାଇଁ ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ନୋଡାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଭାଗରେ କିଛି ବରିଷ୍ଠ ଅଧିକାରୀଙ୍କ ବଦଳି ଓ ସ୍ଥାନାନ୍ତର ହେତୁ କିଛି ଜିଲ୍ଲାରେ ନୋଡାଲ୍ ଅଧିକାରୀମାନଙ୍କୁ ପୁନଃବ୍ୟବସ୍ଥିତ କରାଯାଇଛି। ସେମାନେ କ୍ଷେତ୍ରରେ ବିଭିନ୍ନ ସରକାରୀ ଯୋଜନାର ରୂପାୟନ ନିମନ୍ତେ ଜିଲ୍ଲାସ୍ତରରେ ବୈଠକ ଡାକି ସାମଗ୍ରିକ ସ୍ଥିତି ଅନୁଧ୍ୟାନ କରିବେ। ସେମାନଙ୍କ ପରିଦର୍ଶନ ବିବରଣୀ ଏବଂ ଉପଯୁକ୍ତ ଅନୁଧ୍ୟାନ ପାଇଁ ପରାମର୍ଶ ସହିତ ରିପୋର୍ଟ ପ୍ରସ୍ତୁତ କରି ଉପମୁଖ୍ୟମନ୍ତ୍ରୀ ଏବଂ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇବେ ବୋଲି ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଦେଶନାମାରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ କେନ୍ଦୁଝର ଓ ଯାଜପୁର ଜିଲ୍ଲା ପାଇଁ ଏବଂ ଉଦ୍ୟାନକୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ପାଇଁ ନୋଡ଼ାଲ ଅଧିକାରୀ ଭାବେ ନିୟୋଜିତ ହୋଇଛନ୍ତି। ସେହିପରି କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ପରିଡ଼ା ବଲାଙ୍ଗିର ଏବଂ ସମ୍ବଲପୁର, ଅତିରିକ୍ତ ସଚିବ ସରିତା ଧନୱାର ଭଦ୍ରକ ଜିଲ୍ଲା ପାଇଁ ନୋଡାଲ୍ ଅଧିକାରୀ ଭାବେ ନିୟୋଜିତ ହୋଇଛନ୍ତି ।

## ମାଷ୍ଟରକ୍ୟାଣ୍ଟିନ ଛକରେ

# ବିଜେପି -କଂଗ୍ରେସ ମୁହାଁମୁହିଁ

**ଭୁବନେଶ୍ୱର, ୦୨/୭ ନ୍ୟୁଜ ବ୍ୟୁରୋ**

ପ୍ରତିବାଦ ବେଳେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ମୁହାଁମୁହିଁ ହୋଇଛନ୍ତି ବିଜେପି ଓ ଛାତ୍ର କଂଗ୍ରେସ କର୍ମୀ । ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବିରୋଧ ପ୍ରଦର୍ଶନ ବେଳେ ଉଭୟ ପକ୍ଷ ମଧ୍ୟରେ ଟେକାପଥର ମାଡ଼ ଓ ନାରାବାଜି ହୋଇଛି । ସଂସଦରେ ରାହୁଲ ଗାନ୍ଧିଙ୍କ ହିନ୍ଦୁ ବିରୋଧୀ ମନ୍ତବ୍ୟର ପ୍ରତିବାଦ କରି ମାଷ୍ଟର କ୍ୟାଣ୍ଟିନ ଛକରେ ପ୍ରଥମେ ବିଜେପି ଯୁବ ମୋର୍ଚ୍ଚାର କର୍ମୀମାନେ ବିକ୍ଷୋଭ କରିଥିଲେ । ରାହୁଲ ଗାନ୍ଧିଙ୍କ କୁଶ ପୁତଳିକା ଦାହ କରିଥିଲେ । ଏ ସୂଚନା ପାଇ ସେଠାରେ ପହଞ୍ଚି ଯାଇଥିଲେ ଛାତ୍ର କଂଗ୍ରେସର କର୍ମୀମାନେ । ଦୁଇ ଦଳର କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ଚାହୁଁ ଚାହୁଁ ରଣକ୍ଷେତ୍ର ପାଲଟି ଯାଇଥିଲା ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳ ।


## ପ୍ରକାଶ ଅପେକ୍ଷାରେ...

‘କଥାକଳିକା’: ଜୁଲାଇ-୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା
**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା’ - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର - ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା - ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)